- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI




ଶ୍ରୀଲଙ୍କା ସିରିଜ୍ ପାଇଁ ବୁମ୍ରା ଫିଟ୍

ପୃଷ୍ଠା ୧୨ ଦେଖନ୍ତୁ...


VOLUME- 44 • ISSUE-38 • SATURDAY • 1 AUGUST 2026 • PAGE-12 • ₹ 7.00 | BHUBANESWAR | ବର୍ଷ-୪୪ • ସଂଖ୍ୟା-୩୮ • ଶନିବାର • ୧ ଅଗଷ୍ଟ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦





# ଭୁବନେଶ୍ୱର-ଦୁବାଇ ସିଧାସଳଖ ବିମାନ ସେବା ବନ୍ଦ

ଭୁବନେଶ୍ୱର,୩୧।୭(ସମିସ): ଭୁବନେଶ୍ୱରରୁ ଦୁବାଇକୁ ଚାଲୁଥିବା ସିଧାସଳଖ ବିମାନ ସେବା ବନ୍ଦ ହେବା ପରେ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ କାର୍ଯ୍ୟରତ ହଜାର ହଜାର ଓଡ଼ିଆ ଶ୍ରମିକ, ପେଶାଦାର କର୍ମଚାରୀ ଓ ବ୍ୟବସାୟୀ ଏହି ନିଷ୍ପତ୍ତି ଯୋଗୁଁ ସେମାନଙ୍କ ଯାତାୟାତରେ ଗୁରୁତର ସମସ୍ୟା ସୃଷ୍ଟି ହେବ ବୋଲି କହିଛନ୍ତି।

ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଦୁବାଇ, ୟୁଏଇ, ବ୍ୟାଙ୍କକ୍ ଓ ସିଙ୍ଗାପୁରକୁ ସିଧାସଳଖ ବିମାନ ଚଳାଚଳ କରାଯାଇଥିଲା। ରାଜ୍ୟରେ ପର୍ଯ୍ୟଟନର ବିକାଶ ସହ ବିଦେଶରେ ରହୁଥିବା ଓଡ଼ିଆଙ୍କ ଯାତାୟତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏଥିପାଇଁ ରାଜ୍ୟ ସରକାର ବିମାନ ଚଳାଚଳ ସଂସ୍ଥାକୁ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ। ମାତ୍ର ସରକାର ପରିବର୍ତ୍ତନ ପରେ ଗୋଟିକ ପରେ ଗୋଟିଏ ସିଧାସଳଖ ଆନ୍ତର୍ଜାତୀୟ ଉଡ଼ାଣ ଭୁବନେଶ୍ୱରରୁ ବନ୍ଦ ହୋଇ ଯାଇଛି। ଯାହା ଫଳରେ ପେଟପାଟଣା ପାଇଁ ସମ୍ପୃକ୍ତ ଅଞ୍ଚଳକୁ ଯାତାୟତ କରୁଥିବା ଓଡ଼ିଆ ଯାତ୍ରୀମାନେ ଯାବତୀୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ସିଧାସଳଖ ବିମାନ ଚଳାଚଳ ବନ୍ଦ ହେବା ଯୋଗୁଁ ସେମାନଙ୍କୁ କଲକତା, ଦିଲ୍ଲୀ, ଚେନ୍ନାଇ ବା ମୁମ୍ବାଇ ଓ ସେଠାରୁ ବିଦେଶକୁ ଯିବା ପାଇଁ ପଡୁଛି । ଏହାଦ୍ୱାରା ଅଧିକ ଅର୍ଥ ବ୍ୟୟ ହେଉଛି ଓ ସମୟ ମଧ୍ୟ ନଷ୍ଟ ହେଉଛି । ନବୀନ ପଟ୍ଟନାୟକଙ୍କ ସମୟରେ ଲୋକଙ୍କ ପାଇଁ ଯେଉଁ ସୁବିଧା ମିଳୁଥିଲା, ଏବେ ତାହା ଆଉ ମିଳୁନାହିଁ

**ନବୀନଙ୍କୁ ଝୁରୁଛନ୍ତି ପ୍ରବାସୀ ଓଡ଼ିଆ**

ବୋଲି ସେମାନେ କହିଛନ୍ତି।

ପ୍ରବାସୀ ଓଡ଼ିଆ ସଂଗଠନମାନଙ୍କ କହିବା ଅନୁସାରେ, ଭୁବନେଶ୍ୱର-ଦୁବାଇ ସିଧାସଳଖ ବିମାନ ସେବା ଆରମ୍ଭ ହେବା ପରେ ଓଡ଼ିଶାରୁ ଗଲ୍ଫ ଦେଶଗୁଡ଼ିକୁ ଯାତ୍ରା କରିବା ବହୁତ ସହଜ ହୋଇଥିଲା। ବିଶେଷକରି ଦୁବାଇକୁ କେନ୍ଦ୍ର କରି ଅନ୍ୟାନ୍ୟ ଗଲ୍ଫ ଦେଶକୁ ସଂଯୋଗ ସୁବିଧା ମିଳୁଥିବାରୁ ଯାତ୍ରୀମାନେ ସମୟ ଓ ଅର୍ଥ ଉଭୟ ସଞ୍ଚୟ କରିପାରୁଥିଲେ। ଏବେ ସେବା ବନ୍ଦ ହେବା ପରେ ସେମାନଙ୍କୁ ହାଇଦ୍ରାବାଦ, ଦିଲ୍ଲୀ, ମୁମ୍ବାଇ କିମ୍ବା ବେଙ୍ଗାଲୁରୁ ଭଳି ସହର ଦେଇ ଯାତ୍ରା କରିବାକୁ ପଡ଼ିବ, ଯାହାଦ୍ୱାରା ଯାତ୍ରା ସମୟ ବଢ଼ିବା ସହ ଖର୍ଚ୍ଚ ମଧ୍ୟ ବଢ଼ିବ। ରାଜ୍ୟରୁ ଆନ୍ତର୍ଜାତିକ ବିମାନ ସେବା ବିସ୍ତାର ନେଇ ବାରମ୍ବାର ଘୋଷଣା କରାଯାଉଥିବା ବେଳେ ଏକମାତ୍ର ଲୋକପ୍ରିୟ ସିଧାସଳଖ ରୁଟ୍ ବନ୍ଦ ହେବା ନିରାଶାଜନକ। ଓଡ଼ିଶାରୁ ବହୁ ସଂଖ୍ୟକ ଲୋକ ମଧ୍ୟପ୍ରାଚ୍ୟରେ କାର୍ଯ୍ୟରତ ଥିବାରୁ ଏହି ରୁଟ୍‌ର ଗୁରୁତ୍ୱ କେବଳ ପର୍ଯ୍ୟଟନ କିମ୍ବା ବ୍ୟବସାୟରେ ସୀମିତ ନୁହେଁ, ବରଂ ହଜାର ହଜାର ପରିବାରର ଜୀବିକା ସହ ମଧ୍ୟ ଜଡ଼ିତ। ଦୁବାଇରୁ ଭୁବନେଶ୍ୱରକୁ ସିଧାସଳଖ ବିମାନ ଥିବାରୁ ପର୍ବପର୍ବାଣୀ, ଜରୁରୀ ପାରିବାରିକ କାମ କିମ୍ବା ଚିକିତ୍ସାଜନିତ ପ୍ରୟୋଜନରେ ଶୀଘ୍ର ଘରକୁ ଆସିବା ସମ୍ଭବ ହେଉଥିଲା। ବର୍ତ୍ତମାନ ସେହି ସୁବିଧା ବନ୍ଦ ହୋଇ ଯାଇଛି। ତେଣୁ ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ ସମ୍ପୃକ୍ତ ବିମାନ ସେବା ସଂସ୍ଥାକୁ ହସ୍ତକ୍ଷେପ କରି ଏହି ରୁଟ୍‌ରେ ପୁଣିଥରେ ସିଧାସଳଖ ବିମାନ ସେବା ଆରମ୍ଭ କରିବାକୁ ଦାବି କରିଛନ୍ତି। ଓଡ଼ିଶାର ବଢୁଥିବା ଆନ୍ତର୍ଜାତିକ ଯାତ୍ରୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରୁ ଦୁବାଇ ସହ ଅନ୍ୟାନ୍ୟ ବିଦେଶୀ ସହରକୁ ସିଧାସଳଖ ବିମାନ ସେବା ବୃଦ୍ଧି ସମୟର ଆବଶ୍ୟକତା ଓ ରାଜ୍ୟ ପାଇଁ ହିତକର ବୋଲି ସେମାନେ ବର୍ଣ୍ଣନା କରିଛନ୍ତି ।

# ୨୪ ମାସର ବିଜେପି ଶାସନରେ ୨୩ଟି ପ୍ରଶ୍ନପତ୍ର ଲିକ୍: ବିଜେଡି

ଭୁବନେଶ୍ୱର,୩୧।୭(ସମିସ): ଏମକେସିଜି ମେଡିକାଲ କଲେଜରେ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ବ୍ୟବସ୍ଥାରେ ବିଫଳତା ଯୋଗୁଁ ରାଜ୍ୟରେ ଏପରି ପ୍ରଶ୍ନପତ୍ର ପ୍ରଘଟ ଘଟଣା ବାରମ୍ବାର ଘଟୁଛି। ବିଜେପିର ୨୪ ମାସର ଶାସନରେ ରାଜ୍ୟରେ ୨୩ଟି ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିଲାଣି, ଯାହା ସରକାରଙ୍କ ବିଫଳତାକୁ ସୂଚାଉଛି ବୋଲି ବିଜେଡି କହିଛି। ଶୁକ୍ରବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡଃ ଅରୁଣ କୁମାର ସାହୁ ଓ ଦଳର ଉପସଭାପତି ପ୍ରତାପ ଜେନା ରାଜ୍ୟ ସରକାରଙ୍କୁ ଏହି ପ୍ରସଙ୍ଗରେ କଡ଼ା ସମାଲୋଚନା କରିବା ସହ ରାଜ୍ୟ ତଥା ଦେଶରେ ପ୍ରଶ୍ନପତ୍ର ଲିକ ଏକ ସାଧାରଣ ଘଟଣା ହୋଇଗଲାଣି ବୋଲି ବିଧାୟକ ଡଃ ସାହୁ କହିଛନ୍ତି। ସେ କହିଛନ୍ତି, କ୍ରିକେଟରେ ଆୟୋଜିତ ହେଉଥିବା ଆଇପିଏଲ ଲୋକପ୍ରିୟତା ହାସଲ କରିଥିବା ବେଳେ ପ୍ରଶ୍ନପତ୍ର

**ବ୍ୟବସ୍ଥା ଉପରେ ନିୟନ୍ତ୍ରଣ ନଥିବାରୁ ବାରମ୍ବାର ପ୍ରଶ୍ନପତ୍ର ଲିକ୍**

**ତୁରନ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି**



ଲିକ୍ ଘଟଣା ନିୟମିତ ବ୍ୟବଧାନରେ ଦେଖିବାକୁ ମିଳୁଥିବାରୁ, ଏହାକୁ ଇଣ୍ଡିଆନ ପେପର ଲିକ୍ ବା ଆଇପିଏଲ କୁହାଯାଉଛି। ଓଡିଶା ୟୁନିଭରସିଟି ଅଫ ହେଲଥ ସାଇନ୍ସ (ଓୟୁଏଚଏସ) ଦ୍ୱାରା ଜୁଲାଇ ୨୭ ତାରିଖରେ ଅନୁଷ୍ଠିତ ହୋଇଥିବା ମେଡିକାଲ ପିଜି ପରୀକ୍ଷା ଚାଲିଥିବା ସମୟରେ, ପ୍ରଶ୍ନପତ୍ର ହ୍ୱାଟ୍ସଆପ ଜରିଆରେ ବିଭିନ୍ନ ମୋବାଇଲରେ ଘୁରି ବୁଲିଥିଲା। ଏହି ଘଟଣାକୁ ନେଇ ଡଃ ସାହୁ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସେହିପରି ପ୍ରତାପ ଜେନା କହିଥିଲେ ଯେ, ଦେଶରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ରାଜ୍ୟରେ ମେଡିକାଲ ପିଜି ପ୍ରଶ୍ନପତ୍ର ଲିକ୍ ହେବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପରେ କେନ୍ଦ୍ର ସରକାର ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ ୨୦୨୪ର ସଂଶୋଧନକୁ ଅନୁମୋଦନ ଦେଇ ପ୍ରଶ୍ନପତ୍ର ଲିକ୍ ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରିଛନ୍ତି। ପୂର୍ବରୁ ୨୦୨୪ ଡିସେମ୍ବର ୬ ତାରିଖରେ ଏହି ଆଇନକୁ ରାଜ୍ୟ ସରକାର ବିଧାନସଭାରେ ପାରିତ କରିଥିଲେ। ଏହି ଆଇନରେ ପ୍ରଶ୍ନପତ୍ର ଲିକ ମାମଲାରେ ସମ୍ପୃକ୍ତ ବ୍ୟକ୍ତି ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ଥିବା ସତ୍ତ୍ୱେ, ରାଜ୍ୟରେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ମାମଲା ଦେଖିବାକୁ ମିଳୁଛି। ବିଜେପି ସରକାରଙ୍କ ଗତ ୨୪ ମାସର ଶାସନରେ ୨୩ଟି ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ବ୍ୟବସ୍ଥା ଉପରେ ନିୟନ୍ତ୍ରଣ ନଥିବା ଯୋଗୁଁ ଏଭଳି ଘଟଣା ବାରମ୍ବାର ଘଟୁଛି। କେବଳ ଆଇନ ତିଆରି କଲେ ହେବ ନାହିଁ, ଏହାକୁ ଦୃଢ଼ତାର ସହିତ କାର୍ଯ୍ୟକାରୀ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନନେଲେ, ଏଭଳି ଘଟଣାର ପୁନରାବୃତ୍ତି ଘଟିବ। ମେଡିକାଲ ପିଜି ପ୍ରଶ୍ନପତ୍ର ଲିକ୍ ଭଳି ଏକ ସଙ୍ଗୀନ ଅଭିଯୋଗ ଉପରେ ରାଜ୍ୟ ସରକାର ନିରବ ରହିଛନ୍ତି। ଏହା ଉପରେ ସ୍ପଷ୍ଟୀକରଣ ରଖିବା ସହିତ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦଳ ଦାବି କରିଛି।

# ବିଦ୍ୟାଳୟ ଆଗରେ ଛାତ୍ରଙ୍କୁ ଛୁରିଭୁସି ହତ୍ୟା

ଜୟପୁର, ୩୧।୭ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଉପଖଣ୍ଡ ବାରିଣିପୁଟ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ୧୦ ଶ୍ରେଣୀର ଛାତ୍ରଙ୍କୁ ଜଣେ ଅଣଛାତ୍ର ଛୁରାମାରି ହତ୍ୟା କରିବା ନେଇ ଉତ୍ତେଜନା ପ୍ରକାଶ ପାଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ମୃତକଙ୍କ ପରିବାର, ବନ୍ଧୁବର୍ଗ ଏବଂ ଗ୍ରାମବାସୀ ୨୬ ନମ୍ବର ଜାତୀୟ ରାଜପଥକୁ ବାରିଣୁପୁଟ ଫାଣ୍ଡି

**ହତ୍ୟାକାରୀ ନାବାଳକ ଫେରାର**

**ଜାତୀୟ ରାଜପଥ ଅବରୋଧ**

ସମ୍ମୁଖରେ ଧାରଣା ଦେଇ ଅବରୋଧ କରିଛନ୍ତି। ଘଟଣାସ୍ଥଳରେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିଡ଼ଲଙ୍କ ନେତୃତ୍ୱରେ ସଦରଥାନା ଓ ଟାଉନଥାନ ପୁଲିସ ପହଞ୍ଚି ଆନ୍ଦୋଳନାକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

ସୂଚନା ଅନୁଯାୟୀ, ଜୟପୁର ବାରିଣପୁଟର ମୁରଲୀ ବାଗଙ୍କ ପୁଅ ମହେଶ ବାଗ (୧୫) ସ୍ଥାନୀୟ ବାରିଣିପୁଟ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ର । ଅଭିଯୁକ୍ତ ୧୭ ବର୍ଷର ନାବାଳକ ଉକ୍ତ ଗ୍ରାମର ବାସନ୍ଦା। ଅଭିଯୁକ୍ତଙ୍କ ସାନଭାଇଙ୍କ ସହିତ ମୃତକ ମହେଶଙ୍କ ପୂର୍ବରୁ କୌଣସି କଥାକୁ ନେଇ ସାମାନ୍ୟ ଗଣ୍ଡଗୋଳ ହୋଇଥିଲା । ଏହାର ପ୍ରତିଶୋଧ ନେବା ପାଇଁ ଅଭିଯୁକ୍ତ ନାବାଳକ ଆଜି ମଧ୍ୟାହ୍ନରେ ଏକ ଛୁରି ନେଇ ବିଦ୍ୟାଳୟ ଫାଟକ ସମ୍ମୁଖରେ ଜଗି ରହିଥିଲା। ମଧ୍ୟାହ୍ନଭୋଜନ ଛୁଟି ସମୟରେ ମୃତକ ମହେଶ ନିଜ ଘରକୁ ଖାଇବା ପାଇଁ ବାହାରିବା ସମୟରେ ପୂର୍ବରୁ ଅପେକ୍ଷା କରିଥିବା ଅଭିଯୁକ୍ତ ନାବାଳଙ୍କ ତାଙ୍କୁ ଅଟକାଇ ମାରପିଟ କରିବା ସହିତ ଛୁରି ତାର ପେଟରେ ଭୁସି ଦେଇଥିଲା। ଗୁରୁତର ଛାତ୍ର ରାସ୍ତାରେ ପଡି ଛଟପଟ ହେଉଥିଲେ। ଖବରପାଇଁ ବିଦ୍ୟାଳୟର ଶିକ୍ଷକ ଏବଂ ସ୍ଥାନୀୟ ବାସିନ୍ଦା ତାଙ୍କୁ ନିକଟସ୍ଥ ଏକ ଘରୋଇ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପରିବାର ଲୋକ ଏବଂ ସ୍ଥାନୀୟ ବାସିନ୍ଦା ଚିକିତ୍ସାଳୟରେ ପହଞ୍ଚିଥିଲେ। ଉତ୍ୟକ୍ତ ଲୋକେ ବାରିଣିପୁଟ ଫାଣ୍ଡିରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ଦାବି ନେଇ ପାଣ୍ଡି ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପଟେ ଭାରୀଯାନ ଅଟକି ରହିଥିବା ବେଳେ ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ।

# ରାଜନୈତିକ ପରିଧିରେ ମହାପ୍ରଭୁଙ୍କୁ ରଖିବାକୁ ବିଜେପିର ଦୁଃସାହସ: ବିଜେଡି

ଭୁବନେଶ୍ୱର, ୩୧।୭ (ସମିସ): ନୀଳାଦ୍ରି ବିଜେରେ ଚାହାଣୀ ମଣ୍ଡପକୁ ବିଜେପି ନେତାଙ୍କ ପ୍ରବେଶକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ନାମରେ କ୍ୟାପିଟାଲ ଥାନାରେ ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ ଲିଖିତ ଅଭିଯୋଗ କରିଛନ୍ତି।

**ନୀଳାଦ୍ରି ବିଜେରେ ଚାହାଣି ମଣ୍ଡପକୁ ବିଜେପି ନେତାଙ୍କ ପ୍ରବେଶକୁ ସମାଲୋଚନା**

**ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ବିଜେପି ସଭାପତି ଓ ବିଧାୟକଙ୍କ ପ୍ରବେଶ ନେଇ ଥାନାରେ ଅଭିଯୋଗ**



ନୀଳାଦ୍ରି ବିଜେ ପରି ଅତ୍ୟନ୍ତ ପବିତ୍ର ଅବସରରେ ଉପମୁଖ୍ୟମନ୍ତ୍ରୀ, ବିଜେପି ରାଜ୍ୟ ସଭାପତି ଓ ବିଧାୟକ ଚାହାଣି ମଣ୍ଡପକୁ କେଉଁ ଆଇନଗତ ଅନୁମତିରେ ଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେପି ସରକାର ମହାପ୍ରଭୁଙ୍କୁ ରାଜନୈତିକ ପରିଧି ମଧ୍ୟରେ ରଖିବାକୁ ଦୁଃସାହସ କରୁଛି। କ୍ଷମତାଶାଳୀ ବ୍ୟକ୍ତିମାନଙ୍କ ପାଇଁ ଗୋଟିଏ ନିୟମ ଏବଂ ସାଧାରଣ ଭକ୍ତଙ୍କ ପାଇଁ ଆଉ ଗୋଟିଏ ନିୟମ ପ୍ରଚଳିତ ହେଉଛି ବୋଲି ଜନସାଧାରଣଙ୍କ ମନରେ ଏହି ଧାରଣା ସୃଷ୍ଟି ହେଉଛି। ତେଣୁ କେଉଁ ପରିସ୍ଥିତିରେ ଅନୁମତି ଦିଆଗଲା, କିଏ ଅନୁମୋଦନ କଲେ ଏବଂ ସମସ୍ତ ନିୟମ ପାଳନ ହୋଇଥିଲା କି ନାହିଁ, ତାହା ସ୍ପଷ୍ଟ କରିବାକୁ ଦାବି କାରଯାଇଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ସରକାରଙ୍କ ନିରବତା କିମ୍ବା ନିଷ୍କ୍ରିୟତା ଜନମାନସରେ ଗଭୀର ଅସନ୍ତୋଷ ଓ ଅବିଶ୍ୱାସ ସୃଷ୍ଟି କରିବ। ତେଣୁ ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ବିଜେଡି ପ୍ରତିନିଧି ମଣ୍ଡଳୀରେ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଗଣମାଧ୍ୟମ ସଂଯୋଜକ ତଥା ପ୍ରବକ୍ତା ଡଃ ଲେନିନ ମହାନ୍ତି, ଗଣମାଧ୍ୟମ ସଂଯୋଜକ ଡଃ ପ୍ରିୟବ୍ରତ ମାଝୀ, ବରିଷ୍ଠ ସାଧାରଣ ସମ୍ପାଦିକା ସୁମିତ୍ରା ଜେନା, ଅଂଶୁ ତ୍ରିପାଠୀ, ଇଲା ସ୍ୱାଇଁ, ପୁରୀ ଜିଲ୍ଲା ପରିଷଦ ଉପସଭାପତି ସ୍ୱାଧୀନ ନାୟକ, ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ବ୍ରହ୍ମଗିରି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ ଓ ସାକ୍ଷୀଗୋପାଳ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ପାନବରଜରେ ଫୁଟିଲା ଗୁଳି; ଜଣେ ଆହତ

ଖୋର୍ଦ୍ଧା, ୩୧।୭(ସମିସ) : ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ପାନବରଜ ଗ୍ରାମରେ ଗୁଳିକାଣ୍ଡ ଘଟିଛି। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଏହି ଘଟଣା ଘଟିଥିବା ଜଣାପଡିଛି। ଗୁଳିମାଡ଼ରେ ଅନିଲ୍ ଛୋଟରାୟ ନାମକ ବ୍ୟକ୍ତି ଆହତ ହୋଇଥିବା ଜଣାପଡିଛି। ତାଙ୍କ କାନ୍ଧରେ ଗୁଳି ବାଜିଛି। ତାଙ୍କୁ ଖୋର୍ଦ୍ଧା ମେଡିକାଲରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗୁଳିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୂର୍ବ ଶତ୍ରୁତା ଓ ଗୋଷ୍ଠୀଗତ ସଂଘର୍ଷରୁ ଗୁଳିକାଣ୍ଡ ହୋଇଥିବା ଚର୍ଚ୍ଚା ହେଉଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଘଟଣାର ଅନୁଧ୍ୟାନ ଚାଲିଥିବା ଆଇଆଇସି ସଞ୍ଜୟ ନାୟକ କହିଛନ୍ତି।

# ସାଂଘାତିକ ଅଭିଯୋଗ | ସଂଖ୍ୟାଲଘୁଙ୍କ ନାମ କାଟିବାକୁ ବିଏଲ୍ଓଙ୍କ ଉପରେ ଚାପ !

ଗରଦପୁର,୩୧।୭(ସମିସ): ରାଜ୍ୟରେ ଜାରି ରହିଥିବା ଏସ୍ଆରଆର୍ ପ୍ରକ୍ରିୟାରେ ବ୍ୟାପକ ହେରଫେର ନେଇ ଗୁରୁତର ଅଭିଯୋଗ ହୋଇଛି। ଶାସକ ଦଳ ବିଏଲ୍ଓମାନଙ୍କୁ ପ୍ରଭାବିତ କରି ଅନେକ ସ୍ଥାନରେ ଭୋଟର ତାଲିକାରୁ ଯୋଗ୍ୟ ଭୋଟରଙ୍କୁ ବାଦ୍ ଦେବା ଭଳି ଘଟଣା ସାମନାକୁ ଆସୁଥିବା ବେଳେ ଅନେକ ସ୍ଥାନରେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ପାଟକୁରା ନିର୍ବାଚନ ମଣ୍ଡଳୀରେ ବହୁ ସଂଖ୍ୟାଲଘୁ ସଂପ୍ରଦାୟ ଭୋଟରଙ୍କ ନାମକୁ ଭୋଟର ତାଲିକାରୁ ବାଦ୍ ଦେବାକୁ ଷଡ଼ଯନ୍ତ୍ର ହୋଇଛି ଓ ବିଏଲ୍ଓଙ୍କ ଉପରେ ଏଥିପାଇଁ ଶାସକ ଦଳ କର୍ମୀ ଚାପ ପକାଉଥିବା ଅଭିଯୋଗ ହୋଇଛି । ଏହି ଷଡଯନ୍ତ୍ର ପଦାରେ ପଡିବା ପରେ ପାଟକୁରା ବିଜେଡି ପକ୍ଷରୁ ଜିଲ୍ଲା ବିଜେଡି ଯୁବ ସଭାପତି ରାଜେଶ କୁମାର ଦାସଙ୍କ ନେତୃତ୍ୱରେ କୁଦାନଗରୀ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁସାରେ ଏହି ସଂଶୋଧନ ପ୍ରକ୍ରିୟାରେ ସଂଖ୍ୟାଲଘୁ ଲୋକମାନେ ଯେପରି ଭୋଟ ଦେଇ ନପାରିବେ ସେଥିପାଇଁ ଷଡ଼ଯନ୍ତ୍ର ହେଉଛି। ଏହି ନିର୍ବାଚନ ମଣ୍ଡଳୀର ତେଣ୍ଡାକୁଡା, ପଳସୁଧା, ପାଟକୁରା, ତଳକୁସୁମା, ଚାଟରା, ବିଜିପୁର ଭଳି ଅନେକ ପଞ୍ଚାୟତ ପାଖାପାଖି ୨୦ ହଜାରରୁ ଅଧିକ ସଂଖ୍ୟାଲଘୁ ଭୋଟର ଅଛନ୍ତି। ହେଲେ ଚଳିତ ଏସ୍ଆଇଆର ପ୍ରକ୍ରିୟାରେ ପଳସୁଧା ଗ୍ରାମର ବୁଥ୍ ନମ୍ବର ୨୭୬ ରେ ଗଗନ ବିହାରୀ ଦାସ୍ ନାମକ ଜଣେ ବିଜେପି ସମର୍ଥକ ତଥା ବିଏଲ୍ଏ କର୍ମୀ ନିର୍ବାଚନ କମିଶନଙ୍କ ଦ୍ୱାରା ମୁଦ୍ରିତ ୭ ନମ୍ବର ଫର୍ମରେ ଉକ୍ତ ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟ ବସ୍ତିର ୪୫ ଜଣ ଭୋଟରଙ୍କ ନାମ ମିଛ ଦସ୍ତଖତ କରି ବିଏଲ୍ଓଙ୍କୁ ଦେଇଥିଲେ। ଏହି ଷଡ଼ଯନ୍ତ୍ରକୁ କିଛି

**ପାଟକୁରା ଅଞ୍ଚଳର ଘଟଣାକୁ ନେଇ ବିଜେଡିର ଏତଲା**



ବିଜେଡି କର୍ମୀ ଜାଣି ଗଗନ ଦାସଙ୍କୁ ଧରିବା ସହିତ ମିଛ ଦସ୍ତଖତ ହୋଇଥିବା ୭ ନମ୍ବର ଫର୍ମ ଜବତ କରିଥିଲେ। ଏହି ଅଭିଯୋଗକୁ ସ୍ୱୀକାର କରି ବିଏଲଓ ତଥା ପଳସୁଧା ବିଦ୍ୟାଳୟ ଶିକ୍ଷକ ସେକ ସବିର ଅଲ୍ଲୀ କହିଛନ୍ତି ଯେ ତାଙ୍କୁ ଗଗନ ଦାସଙ୍କ ପକ୍ଷରୁ ଚାପ ପଡୁଥିଲା। ମାତ୍ର ସେ ଏହି କାର୍ଯ୍ୟ କରି ନ ଥିବା କରିଛନ୍ତି। ସେହିପରି ତେଣ୍ଡାକୁଡା ବସ୍ତିର ସର୍ଦ୍ଦାର ମମତାଜ ଅଲ୍ଲୀଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ସଂଖ୍ୟାଲଘୁ ବସ୍ତିର ସେକ ସୁଲତାନ, ସେକ ଅବୁତାଲିମ ଓ ସେକ ଫିରୋଜଙ୍କ ଭଳି ପ୍ରାୟ ୩୭ ଜଣ ବ୍ୟକ୍ତି ବଞ୍ଚିଥିବା ବେଳେ ସେମାନଙ୍କୁ ମୃତ ଓ ଅନୁପସ୍ଥିତି ଘୋଷଣା କରି ତାଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଇଛି। ଏହାଛଡା ପାଟକୁରା ବସ୍ତିରେ ଅନ୍ୟୁନ ୩୫ ଜଣଙ୍କ ନାମ ବି ଭୋଟର ତାଲିକାରୁ ବାଦ୍ ଯାଇଥିବା ନେଇ ବିଜେଡି ଯୁବ ନେତା ସେକ ମନୁ ସୂଚନା ଦେଇଛନ୍ତି। ସେହିପରି ଚାଟରା ସଂଖ୍ୟାଲଘୁ ବସ୍ତିରେ ୪୭ ଜଣଙ୍କୁ ବାଦ୍ ଦିଆଯାଇଛି।

ତେଣୁ କିଭଳି ଚକ୍ରାନ୍ତ ପଛରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରିବାକୁ କୁଦାନଗରୀ ଥାନାରେ ଅଭିଯୋଗ କରାଯାଇଛି। ଏହି ସମୟରେ ଜିଲ୍ଲା ବିଜେଡି ଯୁବ ସଭାପତିଙ୍କ ସହ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସିଂ, ପୂର୍ବତନ ସରପଞ୍ଚ ରବିନ୍ଦ୍ରନାଥ ମହାନ୍ତି, ଅରୁଣ ନାୟକ, ପୂର୍ବତନ ସମିତି ସଭ୍ୟ ପ୍ରହଲ୍ଲାଦ ସାହୁ, ବିଶ୍ୱରଂଜନ ସ୍ୱାଇଁ, ପ୍ରଭାତ ମାହାଳୀ,ସେକ ହଲିମ, ରାକେଶ କୁମାର ସେଠୀ, ପ୍ରମୋଦ କୁମାର ସାହୁ, ଅଗସ୍ତି ଓଝା, ଆର୍ତବନ୍ଧୁ ଜେନା, ଉମାକାନ୍ତ ନାୟକଙ୍କ ସମେତ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ତଦନ୍ତ କରାଯିବ। ସତ୍ୟତା ଥିଲେ ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ଜଗନ୍ନାଥ ପ୍ରାଣିଗ୍ରାହୀ କହିଛନ୍ତି।

# ହୀରାକୁଦ ଜଳସ୍ତର ୬୨୫.୧୦ ଫୁଟ୍: ଖୋଲିଲା ୨୨ ଗେଟ୍

ସମ୍ବଲପୁର, ୩୧।୭ (ସମିସ): ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଥିବାବେଳେ ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୫.୧୦ ଫୁଟ୍ ରହିଛି। ଉପରମୁଣ୍ଡରେ ବର୍ଷା କମିଥିଲେ ହେଁ ଛତିଶଗଡ଼ର ଡ୍ୟାମ୍ ଓ ବ୍ୟାରେଜ୍‌ରୁ ଜଳ ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରକୁ ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ସେକେଣ୍ଡ ପ୍ରତି ୪,୨୨,୯୬୮ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ପୂର୍ବରୁ ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବାବେଳେ ଆଜି ପର୍ଯ୍ୟାୟକ୍ରମେ ୨୦ଟି ଗେଟ୍ ଖୋଲାଯାଇଛି। ନଦୀବନ୍ଧର ବାମପାର୍ଶ୍ୱର ୧୫ଟି ଏବଂ ଓ ଡାହାଣ ପାର୍ଶ୍ୱର ୭ଟି ଏହିଭଳି ମୋଟ ୨୨ଟି ସ୍ଲୁଇସ୍ ଗେଟ୍ ଦେଇ ୩,୦୦,୦୫୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ବେଲଗାଁଠାରେ ୮୩,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୨,୦୬,୨୪୪ କ୍ୟୁସେକ୍, ଖଇରମାଳଠାରେ ୩,୩୦,୦୦୦ କ୍ୟୁସେକ୍, ବାରମୁଲଠାରେ ୬,୦୨,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୮,୨୦,୮୪୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।



# ପୁରୀ, ରାମଚଣ୍ଡୀ, ପ୍ରାଚୀ ନଦୀ ତଟ ବିକାଶ ଯୋଜନାରେ ପୂର୍ଣ୍ଣଚ୍ଛେଦ

## ୫୦ କୋଟି ଅନୁଦାନରୁ ମିଳିଛି ମାତ୍ର ୧୦ କୋଟି ଟଙ୍କା

ଭୁବନେଶ୍ୱର/ନୂଆଦିଲ୍ଲୀ,୩୧।୭ (ସମିସ): ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ୩୨୦ କୋଟି ଟଙ୍କାରୁ ଅଧିକ ଅର୍ଥ ମଞ୍ଜୁର କରିଛନ୍ତି। ଏଥିମଧ୍ୟରୁ ଗୋପାଳପୁର-ବରକୁଳ-ସାତପଡ଼ା ଉପକୂଳ ପର୍ଯ୍ୟଟନ ସର୍କିଟ୍‌ର ବିକାଶ କାମ ସମ୍ପୂର୍ଣ୍ଣ ହୋଇଥିବାବେଳେ ହୀରାକୁଦ ଓ ସାତକୋଶିଆକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ପାଇଁ ଦୁଇଟି ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି କେନ୍ଦ୍ରମନ୍ତ୍ରୀ ସଂସଦରେ ସୂଚନା ଦେଇଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ପ୍ରସାଦ ଯୋଜନାରେ ପୁରୀ, ରାମଚଣ୍ଡୀ, ପ୍ରାଚୀ ନଦୀ ତଟ ବିକାଶ ପାଇଁ ହୋଇଥିବା କାର୍ଯ୍ୟକ୍ରମରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଏହି ସର୍କିଟର ବିକାଶ ପାଇଁ ବରାଦ ହୋଇଥିବା ୫୦ କୋଟି ଟଙ୍କାରୁ ୧୦ କୋଟି ଅନୁଦାନ ମିଳିଥିଲା, ମାତ୍ର ଏବେ ଏହାକୁ ବନ୍ଦ କରି ଦିଆଯାଇଛି ବୋଲି ରାଜ୍ୟସଭାରେ

**'ପ୍ରସାଦ ଯୋଜନା'ରେ ଏହି ପ୍ରକଳ୍ପକୁ ବନ୍ଦ କରିଦେଲା କେନ୍ଦ୍ର**


**୧୦ ବର୍ଷ ପରେ ବି ମିଳିନି ଗୋପାଳପୁର ସର୍କିଟକୁ ପୂର୍ଣ୍ଣ ଅନୁଦାନ**

କହିଛନ୍ତି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱାତ୍।

ରାଜ୍ୟସଭାରେ ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଓଡ଼ିଶାରେ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ, କେନ୍ଦ୍ରୀୟ ସହାୟତା, ପ୍ରକଳ୍ପର ଅଗ୍ରଗତି ଓ ନୂତନ ପ୍ରକଳ୍ପ ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି ଯେ ୨୦୧୬-୧୭ରେ ସ୍ୱଦେଶ ଦର୍ଶନ ଯୋଜନାରେ ଗୋପାଳପୁର, ବରକୁଳ, ସାତପଡ଼ା ଓ ତାମ୍ପରାକୁ ନେଇ ଉପକୂଳ ପର୍ଯ୍ୟଟନ ସର୍କିଟ୍‌ର ବିକାଶ ପାଇଁ ୭୦.୮୨ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏଥିମଧ୍ୟରୁ ୫୯.୪୭ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଅନୁରୂପ ଭାବରେ ୨୦୨୪-୨୫ରେ ହୀରାକୁଦ ପର୍ଯ୍ୟଟନ ବିକାଶ ପାଇଁ ୯୯.୯୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ ପାଇଁ ୧୩୧.୯୨ କୋଟି ଟଙ୍କା ପ୍ରଦାନ ହୋଇଛି ଓ ଏହାର କାର୍ଯ୍ୟ ଚାଲିଛି। ସାତକୋଶିଆ ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ମଧ୍ୟ ୯୯.୯୯ କୋଟି ଟଙ୍କା ମଞ୍ଜୁର କରାଯାଇଛି ଓ ଏହି ପ୍ରକଳ୍ପ ମଧ୍ୟ କାର୍ଯ୍ୟାନ୍ୱୟନ ଅବସ୍ଥାରେ ରହିଛ ବୋଲି ମନ୍ତ୍ରୀ କହିଛନ୍ତି ।

# ବିଇଡି ଅଧ୍ୟାପକ ନିଯୁକ୍ତି ଦୁର୍ନୀତି | ଏନ୍‌ସିଟିଇ ନିର୍ଦ୍ଦେଶକୁ ବେଖାତିର


ଭୁବନେଶ୍ୱର, ୩୧।୭ (ସମିସ): ରାଜ୍ୟର ସମସ୍ତ ବିଇଡି କଲେଜରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିବା ଏନ୍‌ସିଟିଇ ନିକଟରେ ଅଭିଯୋଗ ହେବା ପରେ ୧୫ ଟି କଲେଜକୁ ନିଟିସ୍ ଜାରି ହୋଇଥିଲା। ୧୫ ଦିନ ମଧ୍ୟରେ ସମସ୍ତ ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ଦାଖଲ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲା। ଆଜି ଏହାର ଅବଧି ସରିଥିବାବେଳେ କୌଣସି କଲେଜ ନୋଟିସ୍‌ର ଉତ୍ତର ଦେଇ ନାହାନ୍ତି। ଏପରିକି ଅଯୋଗ୍ୟଙ୍କୁ ବଞ୍ଚାଇବା ପାଇଁ କୌଣସି ଉତ୍ତର ନ ଦେବା ପାଇଁ ଖୋଦ୍ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ନେଇ ଆଲୋଡନ ସୃଷ୍ଟି ହୋଇଛି। ଯୋଗ୍ୟତା ନଥାଇ ଚାକିରି ପାଇଥିବା ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ଏନ୍‌ସିଟିଇ ନିକଟରେ ପହଞ୍ଚିଲେ ସମସ୍ତ ଶିକ୍ଷାନୁଷ୍ଠାନର ସ୍ୱୀକୃତୀ ରଦ୍ଧ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ଚଳିତ ବର୍ଷ ପିଲାଙ୍କ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ମାନ୍ୟତା ରଦ୍ଧ ହେଲେ ସରକାର ହରଡ଼ଘଣାରେ ପଡ଼ିବା ଥୟ। ନାମଲେଖାଇଥିବା ପିଲାମାନେ ଏହାର ପ୍ରତିବାଦ କରିବା ସହ ବ୍ୟାପକ ଆନ୍ଦୋଳନ କରିବାର ଆଶଙ୍କା ରହିଛି। ଏଣୁ ଏନ୍‌ସିଟିଇକୁ ଅନ୍ଧାରରେ ରଖି ଅଯୋଗ୍ୟଙ୍କୁ ବଞ୍ଚାଇବାକୁ ଉଚ୍ଚଶିକ୍ଷା ବିଭାଗ ପ୍ରାଣପଣେ ଉଦ୍ୟମ କରୁଛି। ଗତବର୍ଷ ସମାନ ଘଟଣାରେ ଏନ୍‌ସିଟିଇ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ନୋଟିସ୍ ହୋଇଥିଲେ ମଧ୍ୟ ନୋଟିସ୍‌ର କୌଣସି ଉତ୍ତର ଦିଆଯାଇ ନଥିଲା। ଏଣୁ ଏବେ ସିଧାସଳଖ ଭାବେ ଶିକ୍ଷାନୁଷ୍ଠାନକୁ ନୋଟିସ୍ କରାଯାଇଛି। ମାତ୍ର ବିଡମ୍ବନାର ବିଷୟ, ନୋଟିସ୍‌ର ଉତ୍ତର କୌଣସି ଶିକ୍ଷାନୁଷ୍ଠାନ ନ ଦେବାକୁ ଉଚ୍ଚଶିକ୍ଷା ବିଭାଗ ହ୍ୱାଟସ୍ଆପ୍ ମାଧ୍ୟମରେ ନିର୍ଦ୍ଦେଶ ଦେଇଛି। ବିଇଡି କଲେଜ ଅଧ୍ୟକ୍ଷଙ୍କୁ ନେଇ ଗଠିତ ଗ୍ରୁପ୍‌ରେ ଶିକ୍ଷକ ଶିକ୍ଷା ସେକ୍ସନ୍‌ରେ କାର୍ଯ୍ୟରତ ଏସ୍.କେ ମାଝୀ ଏନେଇ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଏନ୍‌ସିଟିଇ ପକ୍ଷରୁ ସମସ୍ତ କଲେଜକୁ ନୋଟିସ୍ କରାଯିବା ସତ୍ତ୍ୱେ କୌଣସି ଉତ୍ତର ନ ଦେବାକୁ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଉଛି। ଫଳରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏକ ଶିତଳ ଯୁଦ୍ଧ ଆରମ୍ଭ ହୋଇଛି।




**ଉତ୍ତର ନ ଦେବାକୁ ହ୍ୱାଟସ୍ଆପ୍‌ରେ ବିଭାଗର ନିର୍ଦ୍ଦେଶ**

**ଅଯୋଗ୍ୟଙ୍କୁ ବଞ୍ଚାଇବା ପାଇଁ କରାଯାଉଛି ଆପ୍ରାଣ ଉଦ୍ୟମ**

ଅପରପକ୍ଷରେ ସ୍ୱୀକୃତି ରଦ୍ଦ ହେବା ଆଶଙ୍କା ବଢୁଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଅତିଥି ଅଧ୍ୟାପକ ନିଯୁକ୍ତି ଦେବାକୁ ଯୋଜନା ହୋଇଛି। ଅବସରପ୍ରାପ୍ତ ଅଧିକାରୀଙ୍କୁ ଆଣି ଆସିଷ୍ଟାଣ୍ଟ ପ୍ରଫେସର କରିବା ପାଇଁ ହ୍ୱାଟସ୍ଆପ୍‌ରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଫଳରେ କଲେଜଗୁଡ଼ିକ ମଧ୍ୟ ଅତିଥି ଅଧ୍ୟାପକ ଯୋଗାଡ଼ରେ ଲାଗିଛନ୍ତି। ମାତ୍ର ରୋଚକ କଥା ହେଲା, ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ। ୭୫ ବର୍ଷ ବୟସରେ ମଧ ନିଯୁକ୍ତି ଦିଆଯାଉଛି। ଏପରିକି ଶିକ୍ଷାଗତ ଯୋଗ୍ୟତାକୁ ମଧ ପରଖୁ ନାହାନ୍ତି। ସିଟି କଲେଜରୁ ଅଧ୍ୟାପକ ଭାବେ ଅବସର ନେଇଥିବା ଅଧ୍ୟାପକଙ୍କୁ ବିଇଡି କଲେଜରେ ନିଯୁକ୍ତି ମିଳୁଛି। ରାଜଧାନୀର ଛାତି ଉପରେ ଥିବା ନଳିନୀ ଦେବୀ ମହିଳା କଲେଜରେ ମଧ୍ୟ ଏପରି ଏକାଧିକ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ଯାହା ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସରକାରଙ୍କ ଆଭିମୁଖ୍ୟ ନେଇ ସନ୍ଦେହ ଘନୀଭୂତ ହେଉଛି।



ଜୁଡୋରେ ଅସ୍ମିତାଙ୍କୁ ପ୍ରଥମ ସ୍ୱର୍ଣ୍ଣ

▶ପୃଷ୍ଠା-୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-38 ♦SATURDAY ♦1 AUGUST 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୩୮ ♦ଶନିବାର ♦୧ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ୨୯ ବର୍ଷ ପରେ ମହାସାଗରୀୟ ଶବ୍ଦ 'ଦି ବ୍ଲୁପ୍'ର ସନ୍ଧାନ

■ ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ୧୯୯୭ ମସିହାରେ ପ୍ରଶାନ୍ତ ମହାସାଗରର ଗଭୀର ଜଳରାଶିରୁ ଶୁଣାଯାଇଥିବା ଏକ ରହସ୍ୟମୟ ଶବ୍ଦ 'ଦି ବ୍ଲୁପ୍'କୁ ନେଇ ଦୀର୍ଘ ବର୍ଷ ଧରି ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଏହି ଶବ୍ଦ କୌଣସି ଅଜଣା ସାମୁଦ୍ରିକ ଜୀବର ନୁହେଁ, ବରଂ ଆଣ୍ଟାର୍କଟିକାର ବିଶାଳ ବରଫଖଣ୍ଡ ଭାଙ୍ଗିବା ଯୋଗୁଁ ସୃଷ୍ଟି ହୋଇଥିଲା ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି। ୧୯୯୭ରେ ଆମେରିକାର ଜାତୀୟ ମହାସାଗରୀୟ ଏବଂ ବାୟୁମଣ୍ଡଳୀୟ ପ୍ରଶାସନର ସମୁଦ୍ର ତଳେ ଥିବା ମାଇକ୍ରୋଫୋନ୍‌ରେ ଏହି ଶବ୍ଦ ରେକର୍ଡ ହୋଇଥିଲା। ଏହି ଶବ୍ଦର ତୀବ୍ରତା ଏତେ ଅଧିକ ଥିଲା ଯେ ହଜାର ହଜାର କିଲୋମିଟର ଦୂର ପର୍ଯ୍ୟନ୍ତ ଏହା ଶୁଣାଯାଇଥିଲା। ପ୍ରଥମେ ଏହାକୁ କୌଣସି ସାମୁଦ୍ରିକ ଦାନବ, କାଳ୍ପନିକ ପ୍ରାଣୀ କିମ୍ବା ବିଶାଳକାୟ ତିମିର ଶବ୍ଦ ବୋଲି ସନ୍ଦେହ କରାଯାଉଥିଲା। ମାତ୍ର ବୈଜ୍ଞାନିକମାନେ ଦୀର୍ଘ ଗବେଷଣା ପରେ ଜାଣିବାକୁ ପାଇଲେ ଯେ ଆଣ୍ଟାର୍କଟିକାରେ ଗ୍ଲେସିୟର ଭାଙ୍ଗିବା ଏବଂ ବରଫଖଣ୍ଡଗୁଡ଼ିକ ପରସ୍ପର ସହ ଘଷିହୋଇ କମ୍ପନ ସୃଷ୍ଟି ହେବା ଯୋଗୁଁ ଏହି ଶବ୍ଦ ସୃଷ୍ଟି ହୋଇଥିଲା। ଗଭୀର ସମୁଦ୍ରର ଏହି ରହସ୍ୟର ସମାଧାନ ହେବା ସହ ପ୍ରକୃତିର ଅପାର ଶକ୍ତି ସମ୍ପର୍କରେ ଏକ ନୂତନ ତଥ୍ୟ ସାମ୍ନାକୁ ଆସିଛି।



## ଆଜିଠୁ ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ

■ ରାଜନଗର, ୩୧।୭ (ସମିସ): ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲିଠାରୁ ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମେ' ୧ରୁ ଜୁଲାଇ ୩୧ ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥାଏ। ଆଜି ଏହି ଅବଧି ସରିଯାଉଥିବାରୁ ଆସନ୍ତାକାଲିଠାରୁ ଏହି ଜାତୀୟ ଉଦ୍ୟାନକୁ ଖୋଲାଯିବ। ଏଥିପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭିତରକନିକା ମଧ୍ୟକୁ ପ୍ରବେଶ କରିବାକୁ ପର୍ଯ୍ୟଟକଙ୍କ ପାଇଁ ପରିଚୟ ପତ୍ର ବାଧ୍ୟତାମୂଳକ କରାଯାଇଛି। ପର୍ଯ୍ୟଟକ ଗୁପ୍ତି, ଚାନ୍ଦବାଲି, ଖୋଲା ଓ ଡାଙ୍ଗମାଳ ପ୍ରଭୃତି ୪ଟି ପ୍ରବେଶ ପଥ ଦେଇ ଭିତରକନିକାକୁ ପ୍ରବେଶ କରିପାରିବେ। ପର୍ଯ୍ୟଟକ ଜଳ ପଥରେ ବଉଳା କୁମ୍ଭୀର, ଦେଶୀ ଓ ବିଦେଶୀ ପକ୍ଷୀ, ହରିଣ, ବାର୍‌ହା, ସମ୍ବର, ଝିଙ୍କ ଆଦି ନାନା ପଶୁପକ୍ଷୀ ଓ ମ୍ୟୁଜିୟମ ଦେଖିବା ସହ ବନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପ୍ରଥମ ସ୍କାଏ ୱାକ୍ ବ୍ରିଜ, ୱାଚ୍ ଟାୱାର, ସେଲ୍‌ଫି ପଏଣ୍ଟ, ମ୍ୟାନଗ୍ରୁଭ ମେଟା ନର୍ସରୀ, ବୋଟ ଲାଇବ୍ରେରୀ, ସହିଦ ସ୍ତମ୍ଭ, କୁମ୍ଭୀର ପ୍ରଜନନ କେନ୍ଦ୍ର ଆଦି ଦେଖିପାରିବେ। ଯନ୍ତ୍ରଚାଳିତ ବୋଟ୍ ସହ ବନବିଭାଗ ▶ପୃଷ୍ଠା-୧୦



# ବଢ଼ିରେ ଉବୁଟୁବୁ ଗାଁ-ଗଣ୍ଡା

## ବିପଦସଙ୍କେତ ଉପରେ ଦେବୀ, ଦୟା, ଭାର୍ଗବୀ

## ବନ୍ୟାରେ ୧୪ ଜିଲ୍ଲାରେ ୮ ଲକ୍ଷ ଲୋକ ପ୍ରଭାବିତ

■ ଭୁବନେଶ୍ୱର, ୩୧।୭ (ସମିସ): ମହାନଦୀରେ ଟଳମଳ ସ୍ଥିତି । ମୁଣ୍ଡଳୀ ଦେଇ ୯ ଲକ୍ଷ କ୍ୟୁସେକ୍‌ରୁ ଅଧିକ ଜଳ ପ୍ରବାହିତ ହେଉଛି । ମହାନଦୀରେ ଜଳସ୍ତର ବୃଦ୍ଧି ପରେ ଏହାର ଶାଖାନଦୀଗୁଡ଼ିକରେ ଜଳସ୍ତର ଭୟଙ୍କର ଭାବରେ ବୃଦ୍ଧି ପାଇଛି। ଦେବୀ, ଦୟା, ଭାର୍ଗବୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିଛି । ଅନ୍ୟପକ୍ଷରେ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ସାମାନ୍ୟ ଆଶ୍ୱସ୍ତି ଦେବା ବେଳକୁ ପୁଣି ବୈତରଣୀ ଓ ସାଳନ୍ଦୀ ଜଳସ୍ତର ଉପରମୁହାଁ ହୋଇଛି । ବର୍ତ୍ତମାନ ସୁଦ୍ଧା ୧୪ଟି ଜିଲ୍ଲାର ୧୪୪୬ଟି ଗାଁ ଏବଂ ୧୩ଟି ପୌରାଞ୍ଚଳର ୨୦୧ ୱାର୍ଡର ୮ ଲକ୍ଷ ୩୪ ହଜାର ୭୪୧ ଲୋକ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପାଖାପାଖି ୩ ଲକ୍ଷ ଲୋକ ଏବେ ବି ପାଣି ଘେରରେ ରହିଛନ୍ତି। ବନ୍ୟା ଯୋଗୁଁ ୨ଲକ୍ଷ ୬୯ ହଜାର ହେକ୍ଟର ଚାଷଜମିର ଫସଲ ନଷ୍ଟ ହୋଇଛି ।

ଉତ୍ତର ଓଡ଼ିଶାରେ ଯଦିଓ ନଦୀଗୁଡ଼ିକରେ ଜଳ ପ୍ରବାହ କମିବାରେ ଲାଗିଛି, ହେଲେ ▶ପୃଷ୍ଠା-୧୦



କଣାସଠାରେ କୂଳ ଲଘିଁ ଜନପଥରେ ଦୟା

### ଆଜି ବନ୍ୟା ସ୍ଥିତି ଦେଖିବେ ମୁଖ୍ୟମନ୍ତ୍ରୀ

ଶନିବାର ଆକାଶ ମାର୍ଗରୁ ବନ୍ୟା ସ୍ଥିତି ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୪ ଦିନିଆ ଦିଲ୍ଲୀ ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳର ଏରିଏଲ୍ ସର୍ଭେ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଏସ୍‌ଆର୍‌ସି ରାଜେଶ ପ୍ରଭାକର ପାଟିଲ୍ ମଧ୍ୟ ଉପସ୍ଥିତ ରହିବେ।

## ହଁସୁଆରେ ଭାସିଯାଇ ଦୁଇ ଛାତ୍ର ନିଖୋଜ

■ ଏରସମା, ୩୧।୭ (ସମିସ): ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ ଆମ୍ବିକି ପଞ୍ଚାୟତ ଆମ୍ବିକି ଗ୍ରାମରେ ଶନିବାର ଦୁଇ ଛାତ୍ର ହଁସୁଆ ନଦୀରେ ଭାସିଯାଇଛନ୍ତି। ସେମାନେ ଗାଧୋଇବାକୁ ଯାଇଥିବା ବେଳେ ନଦୀର ପ୍ରବଳ ସୁଅରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଗ୍ରାମର ପାଞ୍ଚ ଜଣ ପିଲା ନିକଟସ୍ଥ ହଁସୁଆ ନଦୀର ଦହିବର-ଆମ୍ବିକି ପୋଲ ନିକଟକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ସମୟରେ ଅକ୍ଷୟ କାଣ୍ଡିଙ୍କ ଏକମାତ୍ର ପୁଅ ବୁଟୁ କାଣ୍ଡି (୧୪) ଏବଂ ବିଧାନ କାଣ୍ଡିଙ୍କ ଏକମାତ୍ର ପୁଅ କାହ୍ନା କାଣ୍ଡି (୧୯) ପ୍ରବଳ ସୁଅରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ବୁଟୁ ଦଶମ ଶ୍ରେଣୀରେ ପଢୁଥିବା ବେଳେ କାହ୍ନା ବେଟେକ୍ ଛାତ୍ର। ସାଙ୍ଗରେ ଥିବା ଅନ୍ୟ ପିଲାମାନେ ତୁରନ୍ତ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଡଙ୍ଗା ସାହାଯ୍ୟରେ ନଦୀରେ ବ୍ୟାପକ ଖୋଜାଖୋଜି ଆରମ୍ଭ କରିଥିଲେ। ପରେ ପ୍ରଶାସନିକ ଅଧିକାରୀ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଘଟଣାସ୍ଥଳରେ ଏଡିଏମ୍ (ରାଜସ୍ୱ) ସମ୍ବିତ ରାଉତରାୟ, ଏରସମା ବିଡିଓ ଦାଶରଥି ଜେନା, ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ▶ପୃଷ୍ଠା-୧୦

## ସଭାପତି ଜାଣିଲେନି; ଗେରୁଆ ହୋଇଗଲା 'ମେନ୍ ଇନ୍ ବ୍ଲୁ'!



କାର୍ଯ୍ୟକାରୀ କମିଟିକୁ ଏଡ଼ାଇବା ନେଇ ସ୍ପଷ୍ଟୀକରଣ ମାଗିଲେ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ

■ ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ଭାରତୀୟ ଜାତୀୟ ହକି ଦଳର ପାରମ୍ପରିକ ନୀଳ ରଙ୍ଗର ଜର୍ସିକୁ ଗେରୁଆ (କମଳା) ରଙ୍ଗରେ ବଦଳାଯିବା ଘଟଣା ଏବେ ଏକ ନୂଆ ମୋଡ଼ ନେଇଛି। ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ ଏହି ନିଷ୍ପତ୍ତି ସମ୍ପର୍କରେ ତାଙ୍କୁ କୌଣସି ପୂର୍ବ ସୂଚନା ଦିଆଯାଇ ନ ଥିବା ପ୍ରକାଶ କରିବା ସହ ଦଳର କାର୍ଯ୍ୟକାରୀ କମିଟିକୁ ଏଡ଼ାଇ କିପରି ଏହି ନିଷ୍ପତ୍ତି ନିଆଗଲା, ସେ ନେଇ ବୋର୍ଡ ଅଧିକାରୀମାନଙ୍କୁ କଠୋର ଭାଷାରେ ଚିଠି ଲେଖି ସ୍ପଷ୍ଟୀକରଣ ମାଗିଛନ୍ତି। ଇଚ୍ଛାକୃତ ଭାବେ ଏହି ବିଷୟକୁ ରାଜନୀତିକରଣ ନ କରିବାକୁ ଅନୁରୋଧ କରିବା ପରେ ମଧ୍ୟ, ଅଭ୍ୟନ୍ତରୀଣ ଆଲୋଚନାରୁ ଜଣାପଡ଼ିଛି ଯେ ହକି ଇଣ୍ଡିଆର ନିର୍ବାଚିତ ନେତୃତ୍ୱଙ୍କୁ ଅନ୍ଧାରରେ ରଖି ଏହି ବଡ଼ ନିଷ୍ପତ୍ତି ନିଆଯାଇଥିଲା। ଦିଲ୍ଲୀପ ତିର୍କୀ ବୋର୍ଡ ସଦସ୍ୟଙ୍କୁ ପଠାଇଥିବା ଇମେଲରେ ଲେଖିଛନ୍ତି ଯେ ଜର୍ସିର ରଙ୍ଗ ବଦଳାଇବା ନିଷ୍ପତ୍ତି କାର୍ଯ୍ୟକାରୀ କମିଟିର। କ୍ରୀଡ଼ାଗତ ସୁବିଧା ପାଇଁ ଏହି ରଙ୍ଗ ବଦଳାଯାଇଛି ବୋଲି ପୂର୍ବରୁ କୁହାଯାଉଥିଲେ ହେଁ, ସଂସ୍ଥାର ଅଭ୍ୟନ୍ତରୀଣ କାର୍ଯ୍ୟଶୈଳୀ ଏବଂ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ରହିଥିବା ତ୍ରୁଟି ଏବେ ପଦାରେ ପଡ଼ିଛି। ଦିଲ୍ଲୀପ ତିର୍କୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ୫ଟି ନିର୍ଦ୍ଦିଷ୍ଟ ପ୍ରଶ୍ନର ଲିଖିତ ଉତ୍ତର ସହ ତୁରନ୍ତ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତକାଲି ଗଣମାଧ୍ୟମକୁ ଦେଇଥିବା ବିବୃତିରେ ଦିଲ୍ଲୀପ କହିଥିଲେ ଯେ ନୀଳ ରଙ୍ଗର ଟର୍ଫ (ଖେଳ ପଡ଼ିଆ)ରେ ନୀଳ ଜର୍ସି ପିନ୍ଧିବା ଦ୍ୱାରା ଖେଳାଳିଙ୍କୁ ପରସ୍ପରକୁ ଦେଖିବାରେ ସମସ୍ୟା ହେଉଥିବାରୁ ଏହି ପରିବର୍ତ୍ତନ କରାଯାଇଛି। ଏହା କୌଣସି ରାଜନୈତିକ ଚାପରେ ହୋଇନାହିଁ।





## ରାଜ୍ୟରେ ସାଂଘାତିକ ରକ୍ତ ସଙ୍କଟ

### ୨ ବର୍ଷରେ କମିଛି ୫୦ ପ୍ରତିଶତ ରକ୍ତଦାନ ଶିବିର

■ ଭୁବନେଶ୍ୱର, ୩୧।୭ (ସମିସ): ବୁନ୍ଦାଏ ରକ୍ତ ଅନ୍ୟ ଜଣକ ଜୀବନ ରକ୍ଷା କରିପାରେ। ମାତ୍ର ଏବେ ସାରା ରାଜ୍ୟରେ ରକ୍ତର ଭୟଙ୍କର ଅଭାବ। ୨ବର୍ଷ ମଧ୍ୟରେ ରକ୍ତଦାନ ଶିବିର ଆୟୋଜନ ପ୍ରାୟ ୬୦ ପ୍ରତିଶତ କମିବା ଫଳରେ ରାଜ୍ୟର ରକ୍ତ ଭଣ୍ଡାରରେ ଭୟଙ୍କର ରକ୍ତ ସଙ୍କଟ ସୃଷ୍ଟି ହୋଇଛି। ଫଳରେ ଜୀବନ ସହ ସଂଘର୍ଷ କରୁଥିବା ରୋଗୀଙ୍କ ସମେତ ଥାଲାସେମିଆ ରୋଗୀମାନେ ଅତ୍ୟନ୍ତ ଗୁରୁତର ସମୟ ଦେଇ ଗତି କରୁଛନ୍ତି । ଏପରିକି ରକ୍ତଭଣ୍ଡାରଗୁଡ଼ିକରେ ସାଧାରଣ 'ଓ' ପଜିଟିଭ୍ ରକ୍ତ ବି ମିଳୁନାହିଁ। ରାଜ୍ୟର ଭରସା ପାଲଟିଥିବା କ୍ୟାପିଟାଲ ରକ୍ତଭଣ୍ଡାରରେ ଆବଶ୍ୟକ ରକ୍ତ ଅଭାବ ରୋଗୀଙ୍କ ପାଇଁ ଜୀବନମରଣ ସମସ୍ୟଶ ସୃଷ୍ଟି କରିଛି। କଟକ ରେଡକ୍ରସ୍ ସେଣ୍ଟ୍ରାଲ ବ୍ଲଡ ବ୍ୟାଙ୍କ, ଏସସିବି ବ୍ଲଡ ବ୍ୟାଙ୍କ୍, ଭୁବନେଶ୍ୱର ରିଜିଓନାଲ ରେଡକ୍ରସ ବ୍ଲଡବ୍ୟାଙ୍କ, କ୍ୟାପିଟାଲ ବ୍ଲଡ ସେଣ୍ଟର, ବିଏମ୍‌ସି ବ୍ଲଡ ସେଣ୍ଟର, ବୁର୍ଲା ମେଡ଼ିକାଲ କଲେଜ ବ୍ଲଡ୍ ସେଣ୍ଟର, ଭଞ୍ଜନଗରରେ ମଧ୍ୟ ରକ୍ତ ସଙ୍କଟ ରହିଥିବା ବେଳେ କୌଣସି ରକ୍ତଭଣ୍ଡାରରେ 'ଓ'- ପଜିଟିଭ ରକ୍ତ ନଥିବା ଜଣାପଡ଼ିଛି। ତେବେ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହେଉଥିବା 'ଓ'- ପିଜିଟଭ ରକ୍ତପାଇଁ ବିଭିନ୍ନ ରକ୍ତଭଣ୍ଡାରରୁ ରୋଗୀଙ୍କ ସମ୍ପର୍କୀୟ ଫେରୁଥିବା ବେଳେ ବିରଳ ବର୍ଗର ଅନ୍ୟ ରକ୍ତର ଉପଲବ୍ଧତା ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସରକାରଙ୍କର ୫୬ଟି ବ୍ଲଡବ୍ୟାଙ୍କ ରହିଥିବା ବେଳେ ରେଡକ୍ରସ୍‌ର ୨ଟି ଏବଂ ଏମସ୍‌ର ଗୋଟିଏକୁ ମିଶାଇ ରାଜ୍ୟରେ ମୋଟ୍ ୫୯ଟି ବ୍ଲଡବ୍ୟାଙ୍କ ରହିଛି। ରାଜ୍ୟରେ ପ୍ରାୟ ୧୭ହଜାର ଥାଲାସେମିଆ ରୋଗୀଙ୍କ ପାଇଁ ମାସିକ ୫୦ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ହେଉଥିବା ବେଳେ ଦୁର୍ଘଟଣା, କର୍କଟ ରୋଗୀଙ୍କ ସହ ବିଭିନ୍ନ ଅସ୍ତ୍ରୋପଚାର ନିମନ୍ତେ ମଧ୍ୟ ରକ୍ତର ଆବଶ୍ୟକତା ପଡ଼ିଥାଏ। ଫଳରେ ବାର୍ଷିକ ପ୍ରାୟ ୬ଲକ୍ଷ ୟୁନିଟ୍ ରକ୍ତର ଆବଶ୍ୟକତା ପଡ଼ିଥାଏ। ପୂର୍ବରୁ ଜୀବନବିନ୍ଦୁ ରକ୍ତଦାନ ଶିବିରରୁ ବାର୍ଷିକ ପ୍ରାୟ ସାଢ଼େ ୩ଲକ୍ଷରୁ ୪ଲକ୍ଷ ୟୁନିଟ୍ ରକ୍ତ ଯୋଗାଇ ଦିଆଯାଉଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ଶିବିର କରାଯାଇ ବଳକା ରକ୍ତ ସଂଗ୍ରହ କରାଯାଉଥିଲା। ବର୍ତ୍ତମାନ କେତୋଟି ହାତଗଣତି ସଂଗଠନ ପକ୍ଷରୁ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ବ୍ୟତୀତ ଅନ୍ୟ ସମୟରେ ନିୟମିତ ରକ୍ତଦାନ ଶିବିରର ଆୟୋଜନ ହେଉନାହିଁ। ଫଳରେ ଜୀବନବିନ୍ଦୁର କୌଣସି ବିକଳ୍ପ ବ୍ୟବସ୍ଥା ହୋଇନଥିବାରୁ ରକ୍ତଦାନ ଶିବିର ମଧ୍ୟ କମିଛି। ୨୦୨୦ ମସିହା ଅଗଷ୍ଟ ମାସ ୯ ତାରିଖରେ 'ଓଡ଼ିଶା ମୋ ପରିବାର' ଅଧୀନରେ 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିପାଇଁ ପ୍ରତିବର୍ଷ ରାଜ୍ୟବ୍ୟାପୀ ରକ୍ତଦାନ ଶିବିର ଆୟୋଜନ କରାଯାଇ ରକ୍ତଭଣ୍ଡାରକୁ ବିପୁଳ ରକ୍ତ ପ୍ରଦାନ କରାଯାଉଥିଲା। ମାତ୍ର ଏବେ ସ୍ଥିତି ବଦଳି ଯାଇଛି। ସରକାର ପରିବର୍ତ୍ତନ ପରେ ରାଜ୍ୟରେ ରକ୍ତ ଅଭାବ ଗୁରୁତର ରୂପ ଧାରଣ କରିଛି। କର୍କଟ ଓ ଥାଲାସେମିଆ ରୋଗୀମାନେ ରକ୍ତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏନେଇ ଫେଡେରେସନ୍ ବ୍ଲଡ ଡୋନର୍ସ ଅର୍ଗାନାଇଜେସନ୍ ଅଫ୍ ▶ପୃଷ୍ଠା-୧୦



### ଥାଲାସେମିଆ ରୋଗୀଙ୍କୁ ଭରସା ପାଲଟିଛନ୍ତି ଡୋନର୍

### ସରକାରୀ ପ୍ରୋତ୍ସାହନ, ସଚେତନତା ଅଭାବରୁ କମିଛି ଶିବିର ସଂଖ୍ୟା

## ଶାହାଙ୍କୁ ଭେଟିଲେ ମୋହନ

■ ଭୁବନେଶ୍ୱର, ୩୧।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ରାଜ୍ୟର ବିକାଶମୂଳକ ପଦକ୍ଷେପ, ଆଇନ ଶୃଙ୍ଖଳା ପରିସ୍ଥିତି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଚାଲୁରହିଥିବା ବିଭିନ୍ନ ବିକାଶମୂଳକ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରିଛନ୍ତି। ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ସହଯୋଗ କାମନା। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ଓଡ଼ିଶା ଆଜି ଏକ 'ନକ୍ସଲମୁକ୍ତ ରାଜ୍ୟ' ଭାବେ ମାନ୍ୟତା ପାଇଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ନକ୍ସଲ ଦମନରେ ଏହି ସଫଳତା ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି ବୋଲି ସେ କହିଥିଲେ। ନକ୍ସଲ ମୁକ୍ତ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର 'ଗ୍ରାମୋଦୟ ଯୋଜନା' ମାଧ୍ୟମରେ ସେହି ଅଞ୍ଚଳ ଗୁଡ଼ିକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କଲ୍ୟାଣକାରୀ ▶ପୃଷ୍ଠା-୧୦



## ରାଜଧାନୀରେ ପୁଣି ଗଡ଼ିଲା ମୁଣ୍ଡ

■ ଭୁବନେଶ୍ୱର, ୩୧।୭ (ସମିସ): ସାଙ୍ଗର ସ୍ତ୍ରୀକୁ ଅଶ୍ଳୀଳ ଟିପ୍ପଣୀ ଦେବା ମହଙ୍ଗା ପଡ଼ିଛି। ଭୁବନେଶ୍ୱର ଗ୍ୟାରେଜ ଛକସ୍ଥିତ ଗାୟତ୍ରୀ ବସ୍ତିରେ ଜିତେନ୍ଦ୍ର କାଣ୍ଡି ଓରଫ ଜିତୁ କାଣ୍ଡି ନାମକ ଜଣେ ଯୁବକଙ୍କୁ କଟୁରିରେ ହାଣିବା ସହ ପେଟକସ୍‌ରେ ଭୂସି ହତ୍ୟା କରିଛି ସାଙ୍ଗ। ମୃତକଙ୍କ ଘର ଶିଶୁପାଳଗଡ଼ ଅଞ୍ଚଳରେ ହୋଇଥିବା ବେଳେ ଜିତୁଙ୍କୁ ତାଙ୍କ ସାଙ୍ଗମାନେ ମୁଣ୍ଡକୁ କଟୁରି ହାଣି ଏବଂ ପେଟକସ୍‌ରେ ଭୂସି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ପୁଲିସ ହତ୍ୟା ଅଭିଯୋଗରେ ଗାୟତ୍ରୀ ବସ୍ତି ବାସିନ୍ଦା ମୁଖ୍ୟ ଅଭିଯୁକ୍ତ ବିଶ୍ୱନାଥ ବେହେରା(୨୫) ଓରଫ ବାବୁନା ଏବଂ ଶୁଭମ୍ ଦାସ(୧୯) ନାମକ ଯୁବକଙ୍କୁ ହତ୍ୟା ଅଭିଯୋଗରେ ଗିରଫ କରିଛି। ତେବେ ବିଶ୍ୱନାଥଙ୍କ ସ୍ତ୍ରୀଙ୍କ ବିଷୟରେ ତା'ଆଗରେ ବାରମ୍ବାର ଅଶ୍ଳୀଳ ଟିପ୍ପଣୀ କରିବା ଏହି ହତ୍ୟାକାଣ୍ଡର ପ୍ରମୁଖ କାରଣ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ସେପଟେ ମୃତକ ଜିତୁ ଅନ୍ୟତମ ଅଭିଯୁକ୍ତ ଶୁଭମ୍‌କୁ ମଧ୍ୟ ଘଟଣା ସମୟରେ ଦୋକାନ ନିକଟରେ ପରିସ୍ରା କରିବା କାରଣରୁ ଗାଳିଗୁଲଜ କରିଥିଲେ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଉଭୟଙ୍କୁ ଗିରଫ କରାଯିବା ପରେ କୋର୍ଟଚାଲାଣ କରାଯାଇଛି।

ପୁଲିସ ସୂଚନା ଅନୁଯାୟୀ ଜିତୁ ପୂର୍ବରୁ ଗାରେଜ ଛକ ସ୍ଥିତ ମଦ ଦୋକାନ ନିକଟରେ ଏକ ଚାଖଣା ଦୋକାନ କରିଥିଲେ। ମଦ ଦୋକାନ ଉଠି ଯିବା ପରେ ଜିତୁ ଗାୟତ୍ରୀ ବସ୍ତିରେ ଏକ ଘରକୁ ଭଡାରେ ନେଇଥିଲେ। ଏଠାରେ ପାନ ପୁଡିଆ, ଗୁଟୁଖା ଏବଂ ଚାଖଣା ବ୍ୟବସାୟ କରୁଥିଲେ। ବସ୍ତିର କିଛି ଯୁବକଙ୍କ ସହ ଏହି ଘରେ ନିୟମିତ ▶ପୃଷ୍ଠା-୧୦

### ମହଙ୍ଗା ପଡ଼ିଲା ସାଙ୍ଗର ସ୍ତ୍ରୀକୁ ଅଶ୍ଳୀଳ ଟିପ୍ପଣୀ

## ଡାକ୍ତରୀ ପିଜି ପ୍ରଶ୍ନପତ୍ର ଲିକ୍

## କାହାକୁ ସୁରକ୍ଷା ଦେବାକୁ ମିଛ କହୁଛନ୍ତି କୁଳପତି

■ ଭୁବନେଶ୍ୱର/ବ୍ରହ୍ମପୁର, ୩୧।୭ (ସମିସ): ପ୍ରଶ୍ନପତ୍ର ଲିକ୍ ହେଲା, ମାତ୍ର ତାହାକୁ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ମାନିବାକୁ ନାରାଜ। ମାତ୍ର କୌତୂହଳର ବିଷୟ ହେଉଛି ଯେ କୁଳପତିଙ୍କ କଥା ଏବେ ତାଙ୍କ ପାଇଁ ବୁମେରାଂ ହୋଇଛି । ପ୍ରଶ୍ନପତ୍ର ଲିକ୍‌କୁ ମାଲ୍ ପ୍ରାକ୍ଟିସ୍ ବୋଲି ଅଭିହିତ କରିବାକୁ ଯାଇ ନିଜେ କୁଳପତି ନିଜ ଜାଲରେ ଛନ୍ଦି ହୋଇ ଯାଇଛନ୍ତି। ପରୀକ୍ଷା ଆରମ୍ଭ ପୂର୍ବରୁ ନୁହେଁ, ପରୀକ୍ଷା ଆରମ୍ଭ ହେବା ପରେ ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିବା କୁଳପତିଙ୍କ କଥା ମିଥ୍ୟା ସାବ୍ୟସ୍ତ ହୋଇଛି। ପରୀକ୍ଷା ଆରମ୍ଭ ପରେ ପ୍ରଶ୍ନପତ୍ର ବାହାରକୁ ଆସିଲେ ତାହାକୁ ପ୍ରଶ୍ନପତ୍ର ଲିକ୍ ନୁହେଁ, ମାଲ୍ ପ୍ରାକ୍ଟିସ୍ କୁହାଯିବ କୁଳପତି କହିଛନ୍ତି। ସକାଳ ୧୦ ଟାରେ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଏହାର ୨ ମିନିଟ୍ ପୂର୍ବରୁ ଅର୍ଥାତ୍ ୯.୫୮ରୁ ପ୍ରଶ୍ନପତ୍ର ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ଭାଇରାଲ୍ ହୋଇଛି। ଫଳରେ କୁଳପତି ମିଛ କହିଥିବା ଏକ ପ୍ରକାର ସ୍ପଷ୍ଟ ହୋଇଛି, ତେବେ ସେ କାହାକୁ ବଞ୍ଚାଇବାକୁ ଯାଇ ମିଛ କହିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଶ୍ୱବିଦ୍ୟାଳୟ କୁଳପତି ଡ. ମାନସ ରଞ୍ଜନ ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇନାହିଁ। ସକାଳ ୧୦ ଟା ରେ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଏହା ପରେ ପ୍ରଶ୍ନପତ୍ର ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ଆସିଛି। ଏଣୁ ଏହାକୁ ପ୍ରଶ୍ନପତ୍ର ଲିକ୍ କୁହାଯାଇ ପାରିବ ନାହିଁ, ବରଂ ମାଲ୍ ପ୍ରାକ୍ଟିସ୍ (କପି କରିବା) ବୋଲି କୁହାଯିବ। ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ମାତ୍ର ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ପରୀକ୍ଷାର୍ଥୀଙ୍କ ପାଖରେ ପ୍ରଶ୍ନପତ୍ର ପହଞ୍ଚିଛ ଓ ଏହାର ▶ପୃଷ୍ଠା-୧୦

### ପରୀକ୍ଷା ଆରମ୍ଭ ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ; ସିସିଟିଭି ଫୁଟେଜ୍ ନଷ୍ଟ ପାଇଁ ଯୋଜନା

### ତଦନ୍ତ କରିବ ୨ କମିଟି

■ ଭୁବନେଶ୍ୱର/ବ୍ରହ୍ମପୁର, ୩୧।୭ (ସମିସ): ଡାକ୍ତରୀ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ କରିବ ଦୁଇଟି କମିଟି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଆଜି ଏକ ୩ ଜଣିଆ କମିଟି ଗଠନ କରିଥିବା ବେଳେ ଏମ୍‌କେସିଜି କର୍ତ୍ତୃପକ୍ଷ ୫ ଜଣିଆ କମିଟି ଗଠନ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ଦାଶ କମିଟିର ଅଧ୍ୟକ୍ଷ ଥିବାବେଳେ ବିଭାଗୀୟ ସ୍ୱତନ୍ତ୍ର ସଚିବ ବିଜୟ କୁମାର ମିଶ୍ର ଓ ଯୁଗ୍ମ ଡିଏମଇଟି ଅନିଲ କୁମାର ସାହୁ କମିଟିରେ ସଦସ୍ୟ ରହିଛନ୍ତି। ଏହି କମିଟି ଘଟଣାର ସମସ୍ତ ଦିଗ ଏବଂ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ସମ୍ଭାବ୍ୟ ତ୍ରୁଟି ସମ୍ପର୍କରେ ତଦନ୍ତ କରିବ।

ଅପରପକ୍ଷରେ ପରୀକ୍ଷା ପରିଚାଳନାରେ ତ୍ରୁଟି ସମ୍ପର୍କରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏମକେସିଜି ମେଡିକାଲ୍ କଲେଜଠାରୁ ସ୍ପଷ୍ଟୀକରଣ ମଗାଯାଇଛି। ଦୁଇ ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଇଲେକ୍ଟ୍ରୋନିକ୍ ▶ପୃଷ୍ଠା-୧୦

ସ୍ୱାସ୍ଥ୍ୟ ବିଭାଗର ୩ ଜଣିଆ କମିଟି

ଏମ୍‌କେସିଜି ଗଢ଼ିଲା ୫ ଜଣିଆ କମିଟି

ଥାନାରେ ପରୀକ୍ଷା ନିୟନ୍ତ୍ରକଙ୍କ ଏତଲା

### କିରାଣି କିଙ୍ଗ୍‌ପିନ୍; ସିଣ୍ଡିକେଟ୍‌ରେ ସାମିଲ୍ ଥିଲେ ୩ ଅଧ୍ୟାପକ

ପ୍ରଶ୍ନପତ୍ର ଲିକ୍ ଘଟଣାରେ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ସମେତ ଜଣେ କିରାଣି ଓ ୩ ଜଣ ଅଧ୍ୟାପକ ସାମିଲ ଥିବା ଅଭିଯୋଗ ହୋଇଛି। ପ୍ରଶ୍ନପତ୍ର ଲିକ୍ ହୋଇଥିବା ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପରୀକ୍ଷାର୍ଥୀଙ୍କ ସମେତ ଏହି ସମସ୍ତେ ବହୁ ପୂର୍ବରୁ ସାମିଲ ହୋଇଛନ୍ତି। ଏପରିକି ଅଯୋଧ୍ୟା ନଗର ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ କିରାଣି ଜଣକ ରହୁଥିବାବେଳେ ପ୍ରଶ୍ନପତ୍ର ଲିକ୍ ପାଇଁ ସେଠାରେ ହିଁ ସମସ୍ତ ପୂର୍ବ ପ୍ରସ୍ତୁତି କରାଯାଇଥିବା ଜଣା ପଡ଼ିଛି। ଏକାଧିକ ପରୀକ୍ଷାର୍ଥୀ ସେହି ଆପାର୍ଟମେଣ୍ଟକୁ ଯାତାୟାତ କରି ସମସ୍ତ ▶ପୃଷ୍ଠା-୧୦

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି



**ଅନୁଗୋଳ,୩୧।୭ (ସମିସ):** ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରାଡ଼ିମାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉତ୍ସବକୁ ମହାସମାରୋହରେ ପାଳନ ପାଇଁ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସ୍ୱାଧୀନତା ଦିବସ ପ୍ରତ୍ୟୁଷରୁ ସହରରେ ଡାକବାଜି ଯନ୍ତ୍ର ଯୋଗେ ରାମଧୁନ ପରିବେଷଣ କରାଯିବ। ପୂର୍ବାହ୍ନ ୬ଟାରେ ପ୍ରଭାତଫେରୀ, ସାଢ଼େ ୭ଟାରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଘରୋଇ କୋଠାବାଡ଼ିରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ୯ଟା ୫ ମିନିଟରେ ପିସିସି ପଡ଼ିଆରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ ଉତ୍ସବର ଜାତୀୟ ପତାକା ଉତ୍ତୋଳନ କରାଯିବ। ପୂର୍ବରୁ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିପରି ସିବିଏସ୍‌ଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜଣେ ଛାତ୍ର ଓ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ଥିର କରାଯାଇଛି। ପିସିସି ପଡ଼ିଆରେ ଅଗଷ୍ଟ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ। ଉତ୍ସବ ଦିନ ସନ୍ଧ୍ୟାରେ ସ୍ଥାନୀୟ ସଭାଗୃହରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉତ୍ସବ ଦିବସ ସହ ଜଡ଼ିତ ବିଭିନ୍ନ ଅନୁଷ୍ଠାନ, ବିଭାଗ ନିଜ ଦାୟିତ୍ୱ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଘମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା, ଡେପୁଟି କଲେକ୍ଟର ଉଜ୍ଜ୍ୱଳିତ ଧଳ, ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଲିକ, ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମୃତ ଲୁଗୁନ୍, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ ସଂଗଠନ ପ୍ରତିନିଧି, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ଶିକ୍ଷକ ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

## ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ



**କିଶୋରନଗର,୩୧।୭ (ସମିସ):** କିଶୋରନଗର ରେଡ଼କ୍ରସ ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ସ୍ଥାନୀୟ ଡିଗ୍ରୀ କଲେଜ ଅଧ୍ୟକ୍ଷ ଅଜୟ କୁମାର ଦାଶ, ୟୁକୋ ବ୍ୟାଙ୍କ କିରାଣି ପ୍ରଫୁଲ୍ଲ ପାତ୍ର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଭ୍ୟ ସୁଶାନ୍ତ କୁମାର ପ୍ରଧାନ, ସଞ୍ଜୟ ପ୍ରଧାନ, ବିଜନ କୁମାର ତ୍ରିପାଠୀ, କୃପାସିନ୍ଧୁ ବିଶ୍ୱାଳ, ଗୋଲେଖ ପ୍ରଧାନ, ଭୁବନାନନ୍ଦ ବିଶ୍ୱାଳ, ଦିବ୍ୟସିଂହ ବେହେରା, ମୋତିଲାଲ ପ୍ରଧାନ ଉପସ୍ଥିତ ରହି ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ। କଲେଜ ଛାତ୍ରଛାତ୍ରୀ ଚାରାରୋପଣରେ ସହଯୋଗ କରିଥିଲେ।

## ସଚିବଙ୍କ କିଶୋରନଗର ଅଞ୍ଚଳ ଗସ୍ତ



**କିଶୋରନଗର,୩୧।୭ (ସମିସ):** ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଏନ୍‌ତିଏସ୍ ରାଜପୁତ ଗୁରୁବାର କିଶୋରନଗର ବ୍ଲକ ଅଞ୍ଚଳ ଗସ୍ତ କରିଛନ୍ତି। ପ୍ରଥମେ ସଚିବ ଟେଲେକାନାଳି ପଞ୍ଚାୟତରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଓ ପରେ ଜାମୁନାଳୀରେ ଟ୍ରକ୍ ଟର୍ମିନାଲ ପରିଦର୍ଶନ କରିବା ସହ ସମୀକ୍ଷା କରିଥିଲେ। ସଚିବଙ୍କ ଗସ୍ତ ସମୟରେ ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ଆରଡବ୍ଲ୍ୟୁଏସ୍‌ଏସ୍ ସୁପରିନଟେଣ୍ଡେଣ୍ଟ ଇଞ୍ଜିନିୟର ଚଇନ ମିଶ୍ର, ଏସଡିଓ ପ୍ରିୟଙ୍କା ସାହୁ, ବିଡିଓ ଶୁଭକାନ୍ତ ନାଏକ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ବ୍ଲକ କନିଷ୍ଠ ଯନ୍ତ୍ରୀ ଯତୀନ ଦେହୁରୀଙ୍କ ସମେତ ସ୍ଥାନୀୟ ସରପଞ୍ଚ, ପିଇଓ, ଏଡିଇଓ, ସିଆରପି, ଏମବିକେ ଉପସ୍ଥିତ ଥିଲେ।

## ଓପି ଜିନ୍ଦଲ ସ୍କୁଲକୁ 'ଶିକ୍ଷା ଉତ୍କର୍ଷ ପୁରସ୍କାର'

**ଅନୁଗୋଳ,୩୧।୭ (ସମିସ):** ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ଏବଂ ସମନ୍ୱିତ ଶିକ୍ଷାର ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିନ୍ଦଲନଗରସ୍ଥିତ ଓପି ଜିନ୍ଦଲ ସ୍କୁଲକୁ କ୍ରମାଗତ ଦ୍ୱିତୀୟ ବର୍ଷ 'ଏଜୁକେସନ୍ ଏକ୍ସିଲେନ୍ସ ଆୱାର୍ଡ' ବା ଶିକ୍ଷା ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ସମାରୋହରେ ସ୍କୁଲର ପ୍ରଧାନଶିକ୍ଷକ ଡ. ଅଶ୍ୱିନୀ କୁମାର ସାହୁ ଭାରତ ସରକାରଙ୍କ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାରଙ୍କଠାରୁ ଏହି ଟ୍ରଫି ଗ୍ରହଣ କରିଥିଲେ। ଦେଶର ବିଭିନ୍ନ ଅଗ୍ରଣୀ ବିଦ୍ୟାଳୟ ମଧ୍ୟରେ ମୂଲ୍ୟାଙ୍କନ ପ୍ରକ୍ରିୟା ପରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ଏହି ସମ୍ମାନଜନକ ପୁରସ୍କାର ପାଇଥିବା ଓଡ଼ିଶାର ଏକମାତ୍ର ବିଦ୍ୟାଳୟ ହେଉଛି ଅନୁଗୋଳ ଓପି ଜିନ୍ଦଲ ସ୍କୁଲ। ପୁରସ୍କାର ଗ୍ରହଣ ପରେ ଡ. ଅଶ୍ୱିନୀ କୁମାର ସାହୁ କହିଥିଲେ, ଆମ ପରିଚାଳନା କର୍ତ୍ତୃପକ୍ଷ, ପୃଷ୍ଠପୋଷକ ଜିନ୍ଦଲ ଷ୍ଟିଲ୍ ଏବଂ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ପରିଚାଳିତ ଏହାର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ୍ ଏବଂ ସ୍ଥାନୀୟ ସମୁଦାୟଙ୍କ ପ୍ରତି ଆମେ କୃତଜ୍ଞତା ଜଣାଉଛୁ। ସେମାନଙ୍କ ଅବିରତ ସହଯୋଗ ଆମକୁ ଗୁଣାତ୍ମକ ଓ ସମାବେଶୀ ଶିକ୍ଷା ପ୍ରଦାନରେ ଆହୁରି ଶିଖରକୁ



ପହଞ୍ଚିବାକୁ ପ୍ରେରଣା ଦେଉଛି ବୋଲି ସେ କହିଥିଲେ। ଏହି ଅବସରରେ ଜିନ୍ଦଲ ଷ୍ଟିଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପିକେ ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ ଏବଂ ଉପସଭାପତି ତଥା ଏଚ୍‌ଆର୍ ମୁଖ୍ୟ ସୁଭାଷ ଚନ୍ଦର ପ୍ରମୁଖ ବିଦ୍ୟାଳୟ ପରିବାରକୁ ଅଭିନନ୍ଦନ ଜଣାଇଛନ୍ତି।

## ସିକଲ୍‌ସେଲ୍ ଟିକାକରଣ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ




**ଅନୁଗୋଳ,୩୧।୭ (ସମିସ):** ଆସନ୍ତା ଅଗଷ୍ଟ ୧୨ ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଅନୁଗୋଳରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ତୃତୀୟ ପର୍ଯ୍ୟାୟ ଇଣ୍ଟେନ୍ସିଫାଏଡ ଆଇଇସି ଅଭିଯାନ ୨୦୨୬ର ସୁପରିଚାଳନା ଓ

**ଏଚ୍‌ଆଇଭି ସଚେତନତା ଅଭିଯାନ**

ସଫଳ ଆୟୋଜନ ନିମନ୍ତେ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଚେତନତା ପ୍ରଚାରରେ ଯୁବବର୍ଗର ସହଭାଗିତାକୁ ସୁନିଶ୍ଚିତ କରି ସମସ୍ତ ସମ୍ପୃକ୍ତ ବିଭାଗକୁ ପରସ୍ପର ସମନ୍ୱୟ ରକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି ପ୍ରକଳ୍ପ ନିର୍ଦ୍ଦେଶକ ଡା. ରୂପଭାନୁ ମିଶ୍ର ଦୁଇମାସ ବ୍ୟାପୀ ଚାଲିବାକୁ ଥିବା ଏହି ଅଭିଯାନର ରୂପରେଖର ବିବରଣୀ ଦେଇଥିଲେ। ଏହି ଅବସରରେ ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ହସ୍ପିଟାଲ ଟ୍ରମା ବିଲ୍ଡିଂରେ ସିକଲ୍‌ସେଲ୍ ଟିକାକରଣ କାର୍ଯ୍ୟକ୍ରମ, ଏଚ୍‌ଆଇଭି/ଏଡ୍ସ ସଚେତନତା ପ୍ରଦର୍ଶନୀ, ତିନିଟି ସଜ୍ଜିତ ଆଇଇସି ଭ୍ୟାନର ଶୁଭାରମ୍ଭ, ଅନଲାଇନ୍ ଏଚ୍‌ଆଇଭି ରିସ୍କ ଆସେସମେଣ୍ଟ ଟୁଲ୍, ସଚେତନତାମୂଳକ କ୍ଷୁଦ୍ର ଚଳଚ୍ଚିତ୍ର ଓ ଅନ୍ୟାନ୍ୟ ସଚେତନତାମୂଳକ ପଦକ୍ଷେପର ଉନ୍ମୋଚନ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି ଯୁଗ୍ମ ନିର୍ଦ୍ଦେଶକ ଡା. ନମିତା ମିଶ୍ର, ସହକାରୀ ନିର୍ଦ୍ଦେଶକ ସ୍ମୃତି ସାଗରିକା କାନୁନଗୋ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ସୌମ୍ୟାରାଣୀ ଗୌଡ଼ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଦୋକାନରୁ ନାଗସାପ ଉଦ୍ଧାର



**କିଶୋରନଗର,୩୧।୭ (ସମିସ):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ଧଣ୍ଡାତୋପା ଗ୍ରାମରେ ଏକ ଦୋକାନରୁ ନାଗସାପ ଉଦ୍ଧାର ହୋଇଛି। ଧଣ୍ଡାତୋପା ଗ୍ରାମର ଅନଙ୍ଗ ବେହେରାଙ୍କ ଦୋକାନ ଭିତରେ ନାଗସାପ ପଶି ଯାଇଥିଲା। ସାପଧରାଳି ରାକେଶ କୁମାର ସାହୁ ଓ ତାଙ୍କ ସହଯୋଗୀ ବିଶ୍ୱଜିତ୍ ନାୟକ ପହଞ୍ଚି ସାପକୁ ଉଦ୍ଧାର କରିବା ପରେ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଛନ୍ତି।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



**ନାଲକୋନଗର,୩୧।୭ (ସମିସ):** ନାଲକୋନଗର ସରସ୍ୱତୀ ବିଦ୍ୟାମନ୍ଦିର ଅଧକ୍ଷ ଡ. ବିଶ୍ୱଜିତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଗଦାଧର ପାଣିଗ୍ରାହୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଦୀର୍ଘ ୩୪ ବର୍ଷ ସେ କ୍ରୀଡ଼ା ଶିକ୍ଷକ ଭାବେ ଦାୟିତ୍ୱ ତୁଲାଇ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ବିଦ୍ୟାଳୟ ପ୍ରତି ତାଙ୍କ ଅବଦାନର ପ୍ରଶଂସା କରି ସୁସ୍ଥ, ନିରାମୟ ଜୀବନ କାମନା କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ଡ. ସୁଧାକର ପାଳ ପାଣିଗ୍ରାହୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅହିଂସା ପ୍ରିୟଦର୍ଶିନୀ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅଗ୍ନିଶମ କର୍ମଚାରୀଙ୍କ ମୃତ୍ୟୁ ଘଟଣା

## ପରିବାରକୁ ସମବେଦନା ଜଣାଇଲେ ବିଧାୟକ

**ତାଳଚେର,୩୧।୭ (ସମିସ):** ତାଳଚେର ବ୍ଲକ ଗୁରୁଜାଙ୍ଗୁଲି ପଞ୍ଚାୟତ ଖୋଲୁଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଏକମାତ୍ର ପୁଅ ତଥା ଓଡ଼ିଶା ଅଗ୍ନିଶମ ବାହିନୀର ନିଷ୍ଠାପର କର୍ମଚାରୀ ଚନ୍ଦନ ପଟ୍ଟନାୟକଙ୍କର ଡ୍ୟୁଟି ସମୟରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ଚନ୍ଦନ କେନ୍ଦୁଝରା ଜିଲ୍ଲାରେ ବନ୍ୟାଜଳରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା ସମୟରେ ବିଦ୍ୟୁତ ଆଘାତ ଯୋଗୁଁ ତାଙ୍କ ମୃତ୍ୟୁ ଘଟିଛି। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ଢେଙ୍କାନାଳ



ସାଂସଦ ମହେଶ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ପରିବାର ସଦସ୍ୟଙ୍କୁ ସମବେଦନା ଜ୍ଞାପନ କରିଥିଲେ। ଚନ୍ଦନ ଜଣେ କର୍ମଠ, ପରୋପକାରୀ, ମିଷ୍ଟଭାଷୀ, ନମ୍ର ଓ ଦକ୍ଷତାସମ୍ପନ୍ନ କର୍ମଚାରୀ ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କର ଏହି ବଳିଦାନ ସର୍ବଦା ମନେ ରହିବ ବୋଲି ବିଧାୟକ ଓ ପୂର୍ବ ସାଂସଦ କହିଥିଲେ।

## ଜ୍ୟୋତିରାଓ ଫୁଲେଙ୍କ 'ଗୋଲାମଗିରି' ପୁସ୍ତକର ଓଡ଼ିଆ ଅନୁବାଦ ପାଠକାର୍ପିତ



**ଅନୁଗୋଳ,୩୧।୭ (ସମିସ):** ଆଧୁନିକ ଭାରତ ଗଠନର ଅଗ୍ରଗଣ୍ୟ ସମାଜ ସଂସ୍କାରକ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଦ୍ୱାରା ମରାଠୀ ଭାଷାରେ ରଚିତ ଭରତୀୟ ସାମାଜିକ ବିପ୍ଳବର ପ୍ରଥମ ଘୋଷଣାପତ୍ର 'ଗୋଲାମଗିରି' ପୁସ୍ତକ ୧୮୭୩ରେ ପ୍ରକାଶ ପାଇଥିଲା। ଅଭିରାମ ମଲ୍ଲିକଙ୍କ ଦ୍ୱାରା ଓଡ଼ିଆ ଭାଷାରେ ଅନୁଦିତ ସେହି ପୁସ୍ତକ ନାଲକୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଙ୍ଘ କାର୍ଯ୍ୟାଳୟରେ ପାଠକାର୍ପିତ ହୋଇଛି। ମୁଖ୍ୟଅତିଥି ଭାବେ ନାଲକୋ ସ୍ମେଲଟର ସିଜିଏମ ଏକେ ବେହେରା, ସମ୍ମାନିତ ଅତିଥି ଭାବେ ଲେଖକ ଅନୁବାଦକ ଅଭିରାମ ମଲ୍ଲିକ, ଅନୁଗୋଳ ବାବାସାହେବ ଫାଉଣ୍ଡେସ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକ, ନାଲକୋର ସିନିୟର ମ୍ୟାନେଜର ଅଭିରାମ ହାଁସଦା, ଇଂ ଜଗଦାନନ୍ଦ ନାୟକ, ନାଲକୋ ଏସସି-ଏସଟି କର୍ମଚାରୀ କଲ୍ୟାଣ ସଂଘ ସଭାପତି କେଦାର ଦେହୁରୀ, ସମ୍ପାଦକ କୁଶ ଜଙ୍କ, ନାଲକୋ ପଞ୍ଚଶୀଳ ବୁଦ୍ଧବିହାର ସମିତି ସମ୍ପାଦକ ଧନେଶ୍ୱର ବେହେରା ପ୍ରମୁଖ ଯୋଗଦେଇ ପୁସ୍ତକ ପାଠକାର୍ପଣ କରିଥିଲେ। ଜ୍ୟୋତିରାଓ ଫୁଲେଙ୍କ ଜନ୍ମର ୯ ବର୍ଷ ପୂର୍ବରୁ ପେସ୍ୱା ଶାସନର ଅବନତି ଏବଂ ଇଂରେଜ ଶାସନ ଆବିର୍ଭାବ ସମୟରେ ତତ୍କାଳୀନ ସମାଜରେ ଦେଶରେ ନାରୀ ଶିକ୍ଷାର ପ୍ରସାର ପାଇଁ ମହାରାଷ୍ଟ୍ରର ପୁଣେଠାରେ ୧୮୪୮ ରେ ପ୍ରଥମ ସ୍କୁଲ ଖୋଲିଥିଲେ ମହାତ୍ମା ଜ୍ୟୋତିରାଓ ଫୁଲେ ଓ ତାଙ୍କ ପତ୍ନୀ ସାବିତ୍ରୀ ବାଇ ଫୁଲେ। ଏହା ଥିଲା ଭାରତରେ ପ୍ରଥମ ନାରୀ ଶିକ୍ଷା ଆନ୍ଦୋଳନ। ଯାହାକୁ ତତ୍କାଳୀନ ସାମାଜିକ ବ୍ୟବସ୍ଥାର ଘୋର ବିରୋଧ ସତ୍ତ୍ୱେ ଏହି ଦମ୍ପତି ସମାଜରୁ ଅନ୍ଧବିଶ୍ୱାସ, ଅପସଂସ୍କୃତି ଓ ପାଖଣ୍ଡବାଦ ଦୂରୀକରଣ ନିମନ୍ତେ ସଂଘର୍ଷ କରିଥିଲେ। ପ୍ରାୟ ଦେଢ଼ଶହ ବର୍ଷ ପରେ ବି ଏହି ଯୁଗାନ୍ତକାରୀ ପୁସ୍ତକର ଚାହିଦାକୁ ଦୃଷ୍ଟିରେ ରଖି ଲେଖକ ମଲ୍ଲିକ ଓଡ଼ିଆ ଭାଷାରେ ଏହାକୁ ଅନୁବାଦ କରିଛନ୍ତି। ଯାହାକି ବହୁଜନ ଦଳିତ ସମାଜ ପାଇଁ ଅବଦାନ ହୋଇ ରହିବ ବୋଲି ମୁଖ୍ୟଅତିଥି ବେହେରା ପ୍ରକାଶ କରିଥିଲେ।

## ୨୦ ହଜାର ସଦସ୍ୟ କରିବ ଏବିଭିପି



**ଅନୁଗୋଳ,୩୧।୭ (ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଅନୁଗୋଳ ଜିଲ୍ଲା ଶାଖାର ସଦସ୍ୟତା କାର୍ଯ୍ୟଶାଳା ସ୍ଥାନୀୟ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଛି। ୨୦୨୬-୨୭ ଶିକ୍ଷା ବର୍ଷରେ ୨୦ ହଜାର ସଦସ୍ୟତା ଗ୍ରହଣ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୩୦ କ୍ୟାମ୍ପସ ୟୁନିଟ, ୮ ନଗର ୟୁନିଟ ଘୋଷଣା କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ଏବିଭିପିର ପୋଷ୍ଟର ଉନ୍ମୋଚନ ହୋଇଛି। କାର୍ଯ୍ୟକ୍ରମରେ ଏବିଭିପି ଓଡ଼ିଶା ପୂର୍ବ ପ୍ରାନ୍ତର ସଂଗଠନ ମନ୍ତ୍ରୀ ବୁଦ୍ଧଦେବ ବାଘ, ଢେଙ୍କାନାଳ ବିଭାଗ ସଙ୍ଗଠନ ମନ୍ତ୍ରୀ ବିରଞ୍ଚି ନାରାୟଣ ତ୍ରିପାଠୀ, ପୂର୍ବ ପ୍ରାନ୍ତ ଛାତ୍ର ସନ୍ଦେଶ ସହ ସମ୍ପାଦକ ଅଧ୍ୟାପକ ଅବିନାଶ ଦୁବେ, ପୂର୍ବ ପ୍ରାନ୍ତର ସହ ସମ୍ପାଦକ ଆଶିଷ କୁମାର ବେହେରା, ଅନୁଗୋଳ ନଗର ବିସ୍ତାରକ ଅଭିଳାଷ ତ୍ରିପାଠୀ ଏବଂ ଅନୁଗୋଳ ନଗର ସଭାପତି ଅଧ୍ୟାପକ ରଞ୍ଜନ କୁମାର ଭୂୟାଁ ଯୋଗଦେଇ ସଦସ୍ୟତା ତଥା ଆଗାମୀ କାର୍ଯ୍ୟକ୍ରମ ଏବଂ ଛାତ୍ର ସଂସଦ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସଂଯୋଜକ ଉମେଶ ବାଘ ଧନ୍ୟବାଦ ଅର୍ପଣ କରିଥିଲେ।

**ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରସ୍ତୁତ**

## ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ପୂର୍ଣ୍ଣିମା ପାଳିତ

**ବଁଅରପାଳ,୩୧।୭ (ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଅଖିଳ କୁମାର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ ଜିଲ୍ଲା ସଂଘ ଚାଳକ ବିଜୟ କୁମାର ସାହୁ ଯୋଗଦେଇ ପିଲାମାନଙ୍କୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମାର ମହତ୍ତ୍ୱ ବୁଝାଇଥିଲେ। ଆଚାର୍ଯ୍ୟ ତନ୍ମୟ କୁମାର



ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ

**କିଶୋରନଗର,୩୧।୭ (ସମିସ):** ବିଶ୍ୱ ଯୁବକେନ୍ଦ୍ର, ବନିନାଳିର ୪୦ ବର୍ଷ ପୂର୍ତ୍ତି ଉପଲକ୍ଷେ କିଶୋରନଗର ବ୍ଲକ ସଞ୍ଜମୁରା ପଞ୍ଚାୟତ ବଳରାମପଦର୍ ଗ୍ରାମରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଛି। ଏଥିରେ ବଳରାମପଦର ବନ ସୁରକ୍ଷା ସମିତିର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ବନ ଉନ୍ନୟନ ପ୍ରକଳ୍ପର କ୍ଷେତ୍ର ସଂଯୋଜକ କିଶୋରୀ ବଲ୍ଲଭ ନଳ, ବାସୁଦେବ ରାଜଗୁରୁ, ଦଳପତି ବସନ୍ତ କୁମାର ସାହୁ, ବିକାଶ ଅଧିକାରୀ, ଅମରେନ୍ଦ୍ର ଭୋଇ ଓ କୁମୁଦିନୀ ପାଣି, ବନ ସୁରକ୍ଷା ସମିତି ସଭାପତି ଅରୁଣ କୁମାର ରାଉତ, ବିଶ୍ୱ ଯୁବକେନ୍ଦ୍ରର ଅଭୟ ଚରଣ ସ୍ୱାଇଁ ଯୋଗଦେଇ ପ୍ରକୃତି ସଂରକ୍ଷଣ ଉପରେ ଅଭିଭାଷଣ ରଖିଥିଲେ। ମାଟି, ଜଳ, ବାୟୁ ସବୁ ପ୍ରଦୂଷିତ ହେବାର ଲାଗିଥିବା ବେଳେ ପ୍ରକୃତିର ସଂରକ୍ଷଣ ନିମନ୍ତେ ପରିବେଶ ସୁରକ୍ଷା, ଚାରାରୋପଣ କରି ସବୁଜ ବଳୟ ସୃଷ୍ଟି ଦିଗରେ ବନ ସୁରକ୍ଷା ସମିତିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ବିକାଶ ଅଧିକାରୀ ଅମରେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପାଇଁ ବିଶ୍ୱ ଯୁବକେନ୍ଦ୍ରର ବରିଷ୍ଠ ସଭ୍ୟ ରଜନୀକାନ୍ତ ଦେହୁରୀ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ୪ ଲେନ୍ ବାଇପାସ୍ ରାସ୍ତା ପ୍ରକଳ୍ପର ସମୀକ୍ଷା

**କଣିହାଁ,୩୧।୭ (ସମିସ):** କଣିହାଁ ଅଞ୍ଚଳର ବହୁ ପ୍ରତୀକ୍ଷିତ ଜାତୀୟ ରାଜପଥ ୫୩ର ଝରାବେରିଣି-ତାଳବେଡ଼ା ୪ ଲେନ୍ ବାଇପାସ୍ ରାସ୍ତା ନିର୍ମାଣ ପ୍ରକଳ୍ପକୁ ନେଇ ଶୁକ୍ରବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ଯୋଗଦେଇ ସମୀକ୍ଷା କରିଥିଲେ। ସମୀକ୍ଷା ପରେ ବିଧାୟକ ମହାନ୍ତି ଅଧିକାରୀମାନଙ୍କ ସହ ପ୍ରସ୍ତାବିତ ବାଇପାସ୍ ରାସ୍ତାର ସମ୍ପୂର୍ଣ୍ଣ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ।



ରାସ୍ତାର ଆଲାଇନମେଣ୍ଟ, ଜମିର ସ୍ଥିତି, ସ୍ଥାନୀୟ ଭୌଗୋଳିକ ପରିସ୍ଥିତି, ଯାତାୟାତ ସୁବିଧା ଏବଂ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରକଳ୍ପକୁ ଅଧିକ ଫଳପ୍ରଦ କରିବା ପାଇଁ ସେ ବିଭିନ୍ନ ପରାମର୍ଶ ଦେଇଥିଲେ। ସମୀକ୍ଷା ଓ ପରିଦର୍ଶନ କାର୍ଯ୍ୟକ୍ରମରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ କୁଲଦୀପ ସଙ୍ଗଲା, ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ, କଣିହାଁ ତହସିଲଦାର ପ୍ରଣବ ସାହୁ, ଏନଟିପିସିର ବରିଷ୍ଠ ଅଧିକାରୀ ନବନୀତ କୁମାର ଓ ଏମସିଏଲର ପ୍ରମୁଖ ଅଧିକାରୀ, ବିଜେପି ଜିଲ୍ଲା ସମ୍ପାଦକ ପ୍ରହ୍ଲାଦ ସାମଲ, ସାଂସଦଙ୍କ ପ୍ରତିନିଧି ତ୍ରିପୁର ପ୍ରଧାନ, ପୂର୍ବତନ ସରପଞ୍ଚ ବିନୟ ପ୍ରଧାନ, ରେଙ୍ଗାଳି ମଣ୍ଡଳ ବିଜେପି ସଭାପତି ହରେକୃଷ୍ଣ ପ୍ରଧାନ, କଣିହାଁ ମଣ୍ଡଳ ସଭାପତି ସୁଶାନ୍ତ ସାମଲ, ଶ୍ରମିକ ନେତା ଅଭୟ ସାହୁ, ବରିଷ୍ଠ ବିଜେପି ନେତା ଧ୍ରୁବ ଧୀର, ସଚ୍ଚିଦାନନ୍ଦ ପ୍ରଧାନ, ହରମୋହନ ସାହୁ, କର୍ଣ୍ଣ କୁମାର ଭୂତିଆ, ସାମ୍ବାଦିକ ରଞ୍ଜନ ମିଶ୍ର, କଷ୍ଟୁ ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଉନ୍ନୟନ ପ୍ରକଳ୍ପର ଭୂମିପୂଜନ ଓ ଉଦ୍‌ଘାଟନ

**କଣିହାଁ,୩୧।୭ (ସମିସ):** କଣିହାଁ ବ୍ଲକ ରେଙ୍ଗାଳି ପଞ୍ଚାୟତରେ ଗୁରୁବାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭୂମିପୂଜନ ଓ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ଭୂମିପୂଜନ ଓ ଉଦଘାଟନ କରିଥିଲେ। ଓଏଚ୍‌ପିସି ପକ୍ଷରୁ ହାତିଆଦଣ୍ଡା ଛକରେ ନିର୍ମିତ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ, ଓଏଚପିସି ସାମାଜିକ ଦାୟିତ୍ୱବୋଧ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ ରେଙ୍ଗାଳି ପ୍ରୋଜେକ୍ଟ ଡାକ୍ତରଖାନାର ନବୀକରଣ ଏବଂ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲାଇବ୍ରେରୀ ଉଦଘାଟିତ ହୋଇଛି। ସେହିପରି ବିଧାୟକଙ୍କ ଆଞ୍ଚଳିକ ବିକାଶ ପାଣ୍ଠିରୁ ରେଙ୍ଗାଳି ବଜାରରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସାମୂହିକ ଶୌଚାଳୟର ଭୂମିପୂଜନ କରାଯାଇଛି। ବିକଶିତ ଓଡ଼ିଶା ବିକଶିତ ଗାଁ ଯୋଜନାରେ ୭ ଲକ୍ଷ ଟଙ୍କା ବ୍ୟୟରେ ହାତିଆଦଣ୍ଡା ଗ୍ରାମର ବିଲଘରଠାରୁ



ଶ୍ମଶାନ ପର୍ଯ୍ୟନ୍ତ ରାସ୍ତା ଏବଂ ୬ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ରେଙ୍ଗାଳି ଗ୍ରାମ ଡିଏସପି ପଡ଼ିଆରୁ ବାବାଜୀ ମଠ ନଦୀଘାଟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟର ମଧ୍ୟ ଭୂମିପୂଜନ କରାଯାଇଛି। ସଭାକୁ ସମ୍ବୋଧିତ କରି ବିଧାୟକ ମହାନ୍ତି କହିଲେ ଯେ ବିଗତ ଦିନରେ ଉପମୁଖ୍ୟମନ୍ତ୍ରୀଙ୍କ ରେଙ୍ଗାଳି ଗସ୍ତ ଅବସରରେ ରେଙ୍ଗାଳିକୁ ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକଶିତ କରିବା ପାଇଁ ୨ କୋଟି ୫୦ ଲକ୍ଷ ଟଙ୍କାର ପ୍ରକଳ୍ପର ଭୂମିପୂଜନ କରାଯାଇଥିଲା। ସେହିପରି କଦଳୀପାଳ ଠାରେ ବଣଭୋଜି କେନ୍ଦ୍ରର ବିକାଶ ଓ ସାମଗ୍ରିକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟ ଚାଲିଛି। ରେଙ୍ଗାଳିର ସାମଗ୍ରିକ ବିକାଶ ପାଇଁ ଓଏଚ୍‌ପିସି (ସିଏସଆର ପାଣ୍ଠି) ପକ୍ଷରୁ ୧ କୋଟି ୧୮ ଲକ୍ଷ ଟଙ୍କା ପ୍ରଦାନ କରିଛି। ଶିକ୍ଷା, ସ୍ୱାସ୍ଥ୍ୟ, ସଡ଼କ, ପାନୀୟ ଜଳ, ପର୍ଯ୍ୟଟନ ଏବଂ ରୋଜଗାର କ୍ଷେତ୍ରରେ ରେଙ୍ଗାଳିକୁ ଆଦର୍ଶ ଅଞ୍ଚଳରେ ପରିଣତ କରିବା ପାଇଁ ସେ ପ୍ରତିବଦ୍ଧ ବୋଲି କହିଥିଲେ। ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ତୁରନ୍ତ ସ୍ଥାୟୀ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ମିଶ୍ର, ଓଏଚପିସିର ନିର୍ଦ୍ଦେଶକ (ଏଚଆର) ସନ୍ଦିପ ପଟ୍ଟନାୟକ, ସିନିୟର ଜେନେରାଲ ମ୍ୟାନେଜର ସୁବ୍ରତ କୁମାର ଷଡ଼ଙ୍ଗୀ, ଡିଜିଏମ ହେମେନ୍ଦ୍ର ନାଥ ମହାନ୍ତି, ମାନବ ସମ୍ବଳ ଅଧିକାରୀ ଆଶିଷ ମହାପାତ୍ର, ବଣିକ ସଂଘ ସଭାପତି ଇନ୍ଦ୍ରମଣି ସାହୁ, ସମ୍ପାଦକ ପ୍ରଶାନ୍ତ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣାରାଣୀ ବେହେରା, ସାଂସଦଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ରେଙ୍ଗାଳି ଗ୍ରାମ ସଭାପତି ନାରାୟଣ ଧୀର, ବିଜେପି ଜିଲ୍ଲା ଉପସଭାପତି ନୃସିଂହ ଚରଣ ବରାଳ, ରେଙ୍ଗାଳି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ପବିତ୍ରନଗର ମଣ୍ଡଳ ସଭାପତି ମନୋଜ ବିଶ୍ୱାଳ, ଶତ୍ରୁଘ୍ନ ପ୍ରଧାନ, ତ୍ରିପୁରାରୀ ପ୍ରଧାନ, ବିଜେପି ପଞ୍ଚାୟତ ସଭାପତି ତରୁଣ କୁମାର ସାହୁ, ବାମଦେବ ସାମଲ, ବିରଞ୍ଚି ନାରାୟଣ ସାମଲ, ମିନା ସାମଲ, ରଶ୍ମିତା ମହାରଣା, ପ୍ରକାଶ ଧୀରଙ୍କ ସମେତ ବହୁ ଜନପ୍ରତିନିଧି, ବିଶିଷ୍ଟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

# ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା, ଚିତ୍ରୋତ୍ପଳା, କରାଣ୍ଡିଆରେ ବନ୍ୟା

ପଟ୍ଟାମୁଣ୍ଡାଇ, ୩୧ା୭ (ସମିସ)

ଏବେବି ବିପଦ ସଂକେତ ଉପରେ ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହିତ ପୌର ପରିଷଦ ଅନ୍ତର୍ଗତ ୪ନଂ ୱାର୍ଡ ନନ୍ଦିନୀନଗର ସମେତ ଅଧିକ କ୍ଷତିଗସ୍ତ ବିଭିନ୍ନ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅପରାହ୍ନରେ ରାଜନଗର ବିଧାୟକ ଶ୍ରୀ ସାହୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଶୀତଲ ଅଗ୍ରୱାଲ, ଶାସନ ସରପଞ୍ଚ ସଂଗ୍ରାମ ବାରିକ, ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଡାମରପୁର ସରପଞ୍ଚ ଅନୁସୂୟା ନାଥ ପ୍ରମୁଖ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହିତ ବନ୍ୟା ବିପନ୍ନ ଶାସନ, ଶ୍ରୀରାମପୁର, ଡାମରପୁର ଓ ବଳଭଦ୍ରପୁରକୁ ବୋଟ ଯୋଗେ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହିତ ସମୀକ୍ଷା କରିଥିଲେ। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବାରମ୍ବାର ଲଘୁଚାପ ଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡିବା ଯୋଗୁଁ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଓ ୧୫ ହଜାର ଗୃହ ପାଳିତ ପଶୁ ଜଳବନ୍ଦୀ ହୋଇପଡ଼ିଛନ୍ତି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଆଜି ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅଣ୍ଡରା, ଅମୃତମଣୋହି, ବଲୁରିଆ, ପେଣ୍ଠପାଳ, ତରଡ଼ିପାଳ, ଅଳପୁଆ ଆଦି ବିଭିନ୍ନ ପଞ୍ଚାୟତ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ବିପନ୍ନ ଲୋକମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ ଏସଆରସି ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଚିଠି ଲେଖି ଦାବି କରିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଳଭାଠାରେ ବନ୍ୟା ଜଳ ୧୭.୮ ଫୁଟ ରହିଛି ଓ ସରକାରୀ ଭାବେ ବିପଦ ସଂକେତ ୧୬ ଫୁଟ ରହିଛି। ସରକାର ଓ ଜିଲ୍ଲା ପ୍ରଶାସନ ପର୍ଯ୍ୟାପ୍ତ ଔଷଧ ସାଲାଇନ, ବ୍ଲିଚିଙ୍ଗ, ଗୋ ଖାଦ୍ୟ କିରୋସିନ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।







**ପଟ୍ଟାମୁଣ୍ଡାଇରେ ବନ୍ୟା ସ୍ଥିତି ଗମ୍ଭୀର, ବ୍ୟାପକ ଅଞ୍ଚଳ ଜଳମଗ୍ନ**

## ବନ୍ୟା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନର କଡ଼ା ନଜର

କେନ୍ଦ୍ରାପଡ଼ା, ୩୧ା୭ (ସମିସ): ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିରନ୍ତର ନଜର ରଖାଯାଇଥିବାବେଳେ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର, ରିଲିଫ୍ ଓ ଅତ୍ୟାବଶ୍ୟକ ସେବା ପ୍ରଦାନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ଜିଲ୍ଲାର ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡ଼ା, ମାର୍ଶାଘାଇ ଓ ମହାକାଳପଡ଼ା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଏଥିସହ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ଜିଲ୍ଲାର ୫୭ଟି ପଞ୍ଚାୟତ ଅଧୀନ ୧୩୫ଟି ଗ୍ରାମର ପ୍ରାୟ ୫୭ ହଜାର ୭୦୪ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଥିବାବେଳେ ୧୦୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ୩ଟି ଆଶ୍ରୟସ୍ଥଳୀରେ ସେମାନଙ୍କୁ ରଖାଯାଇ ଆବଶ୍ୟକୀୟ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ଜିଲ୍ଲାର ବରିଷ୍ଠ ଅଧିକାରୀ ନିରନ୍ତର ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ପରଖୁଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ ଓ ଅତିରିକ୍ତ ଉପଜିଲ୍ଲାପାଳ ସନ୍ଧ୍ୟାରାଣୀ ମାଝୀ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କରୁଛନ୍ତି। ଜିଲ୍ଲାରେ ବନ୍ୟାଜନିତ କୌଣସି ଜନହାନି ଘଟିନାହିଁ। ପ୍ରାୟ ୨୪ ହଜାର ୨୬୦ଟି ପଶୁ ପ୍ରଭାବିତ ହୋଇଥିବାବେଳେ କୌଣସି ପଶୁଙ୍କ ମୃତ୍ୟୁର ଖବର ମିଳିନାହିଁ। ପ୍ରଭାବିତ ଲୋକଙ୍କ ମଧ୍ୟରେ ଆବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଉଛି। ଆଜି ସୁଦ୍ଧା ୧୭.୭୫ କ୍ୱିଣ୍ଟାଲ ଚୁଡ଼ା, ୧.୫ କ୍ୱିଣ୍ଟାଲ ଗୁଡ଼, ୫ କ୍ୱିଣ୍ଟାଲ ଅନ୍ୟାନ୍ୟ ସାମଗ୍ରୀ ସହିତ ୧୩ କାର୍ଟୁନ ବିସ୍କୁଟ, ୧ କାର୍ଟୁନ ମହମବତୀ ଓ ୧ କାର୍ଟୁନ ଦିଆସିଲି ବଣ୍ଟନ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ପାଇଁ ୮ଟି ମେଡିକାଲ ଟିମ୍ ମୁତୟନ କରାଯାଇଛି।



## ବନ୍ୟା ମୁକାବିଲା ପାଇଁ ବ୍ଲକ ପ୍ରଶାସନର ପ୍ରସ୍ତୁତି

ଗରଦପୁର, ୩୧ା୭ (ସମିସ): ବନ୍ୟାକୁ ନେଇ ବ୍ଲକ ସଭାଗୃହରେ ଅଧ୍ୟକ୍ଷ ଅଭୟ ମହାରାଜଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏବିଡିଓ ସଞ୍ଜୟ ଦାସଙ୍କ ସମେତ ସ୍ୱାସ୍ଥ୍ୟ, ଯୋଗାଣ, ପଞ୍ଚାୟତିରାଜ ଓ ପାନୀୟଜଳ, ଶିଶୁ ଓ ମହିଳା, ବିଦ୍ୟୁତ୍, ଗ୍ରାମ୍ୟ ଜଳଯୋଗାଣ, ପରିମଳ ଓ ପଶୁସମ୍ପଦ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ସମେତ ମୁଖ୍ୟ ଲିପିକ, ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଓ ପ୍ରମୁଖ ଉପସ୍ଥିତ ରହି ସମୀକ୍ଷା କରିଛନ୍ତି। ପାଇକା, ଚିତ୍ରୋତ୍ପଳା, କରାଣ୍ଡିଆ ନଦୀରେ ବନ୍ୟା ଆସି ବିପଦ ସଂକେତ ଉପରେ ରହିଛି। ଜନସାଧାରଣଙ୍କ କୌଣସି ଅଭାବନୀୟ ବା ଦୁଃଖଦ ଘଟଣା ନଘଟି ସବୁଠାରୁ ମୂଲ୍ୟବାନ ଜୀବନକୁ ବଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ପ୍ରାଥମିକତା ଦିଆଯାଇଛି। ଶୁଖିଲା ଖାଦ୍ୟ, ପାନୀୟଜଳ, ବିଦ୍ୟୁତ୍, ତତକ୍ଷଣାତ୍ ଯୋଗାଇ ଦିଆଯିବା ନେଇ ପ୍ରସ୍ତୁତ ହୋଇଛି। ସ୍ୱାସ୍ଥ୍ୟ ସେବାରେ ଯେପରି ବ୍ୟାଘାତ ନଘଟେ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ସହିତ ଆଲୋଚନା ହୋଇ ଔଷଧ ମହଜୁଦ ରଖିବା ସହ ପରିମଳ ବ୍ୟବସ୍ଥା ପାଇଁ ବ୍ଲିଚିଂ ପାଉଡର ଓ ଫିନାଇଲ ରଖିବା ପାଇଁ କୁହାଯାଇଛି। ବ୍ଲକ ପରିସରରେ ଥିବା ରାଜସ୍ୱ ବିଭାଗ ବୋଟ୍‌କୁ ମରାମତି କରି ରଖାଯିବା ସହ କର୍ମଚାରୀଙ୍କୁ ୨୪ ଘଣ୍ଟିଆ ଦାୟିତ୍ୱ ବଣ୍ଟନ କରାଯାଇଛି। ଯୋଗାଣ ବିଭାଗ ପକ୍ଷରୁ ଚାଉଳ, ଚୁଡା, ଗୁଡ଼, ମହମବତୀ, କିରୋସିନି, ଦିଆସିଲି ମହଜୁଦ ରଖିବା ପାଇଁ ଯୋଗାଣ ବିଭାଗକୁ କୁହାଯାଇଛି। ବୈଠକରେ ବ୍ଲକ ଫାଇନାନ୍ସ ଅଧିକାରୀ ସୁଦର୍ଶନ ବେହେରା, ସ୍ୱାସ୍ଥ୍ୟ ବିଭାଗ ଡାକ୍ତର ହିମାଂଶୁ ଷଡ଼ଙ୍ଗୀ, ସିଡିପିଓ ଲଛମନ ମୁର୍ମୁ, ପଶୁ ସମ୍ପଦ ବିଭାଗର ନିର୍ମାଲ୍ୟ ପତି, ଯୋଗାଣ ଅଧିକାରିଣୀ ସୁଚିସ୍ମିତା ମହାନ୍ତି, ପଞ୍ଚାୟତ ଅଧିକାରିଣୀ ପାର୍ବତୀ ବାରିକ, ସହକାରୀ ଯନ୍ତ୍ରୀ ସୁଭଦ୍ରା ଓଝା, ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ବିଦୁଲତା ରାଉତ, ମୁଖ୍ୟ ଲିପିକ ପ୍ରମୋଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।



## ଫୁଲିଲା ଲୁଣାନଦୀ, ଚାଷଜମି ଜଳମଗ୍ନ

ମହାକାଳପଡ଼ା, ୩୧ା୭ (ସମିସ): ଲଗାଣ ବର୍ଷା ସହ ମହାନଦୀ ପାଣି ଲୁଣା ନଦୀରେ ପ୍ରବେଶ କରିବାରୁ ମହାକାଳପଡ଼ା ବ୍ଲକର ବିସ୍ତୀର୍ଣ୍ଣ ଅଞ୍ଚଳ ବନ୍ୟା କବଳିତ ହୋଇପଡ଼ିଛି। ଚାରିଆଡ଼େ ଖାଲି ପାଣି ଆଉ ପାଣି। ଧାନ ତଳି ପଚିଯାଇଥିବାବେଳେ ରୁଆ ବିଲ ଜଳମଗ୍ନ ହୋଇ ଚାଷୀଙ୍କ ବର୍ଷକର ପରିଶ୍ରମ ଉପରେ ପାଣି ପଡ଼ିଛି। ପଲ୍ଲିଗଡ଼ରୁ ଜାଗିଶିରି ଆଖଡ଼ାସାହି ପର୍ଯ୍ୟନ୍ତ ବନ୍ୟାଜଳ ପ୍ରବାହିତ ହେବାରୁ ସଂଯୋଗକାରୀ ରାସ୍ତା ସମ୍ପୂର୍ଣ୍ଣ ବୁଡ଼ିଯାଇଛି। ଫଳରେ ଅନେକ ଗ୍ରାମର ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ପ୍ରାୟ ୮ ହଜାର ଏକର ଚାଷଜମି ବନ୍ୟାଜଳରେ ବୁଡ଼ି ରହିଥିବାବେଳେ ୪ ହଜାରରୁ ଅଧିକ ଚାଷୀ ପରିବାର କ୍ଷତିଗ୍ରସ୍ତ ହୋଇଥିବା ପ୍ରାଥମିକ ଆକଳନ କରାଯାଉଛି। ବରିଷ୍ଠ ବିଜେପି ନେତା ଭୁବନ ମୋହନ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଖଡ଼ାସାହି, ପଲ୍ଲିଗଡ଼, ରାଜେନ୍ଦ୍ରନଗର, କୋଚିଲା, କେନ୍ତିଆ, ହରିସିପଡ଼ା, ସୁଇଚ୍‌ଗେଟ୍, ମଙ୍ଗଳପୁର, ବରଙ୍କନ୍ଧା, ପେଟଛେଲା ଓ ରାମନଗର ସମେତ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି କ୍ଷୟକ୍ଷତିର ଅନୁଧ୍ୟାନ କରିଥିଲେ।

## ବନ୍ୟାରେ ଉବୁଟୁବୁ ୧୩ ପଞ୍ଚାୟତ

ରାଜକନିକା, ୩୧ା୭ (ସମିସ): ରାଜକନିକା ବ୍ଲକର ୧୩ ପଞ୍ଚାୟତର ଲକ୍ଷାଧିକ ଲୋକ ବୈତରଣୀ ଓ ଖରସ୍ରୋତା ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ରାଜକନିକା ବ୍ଲକର ବାରହା-ଦୋମଣ୍ଡା, ନହୁଣୀ, ପ୍ରଧାନପଡ଼ା, ପଣସଗଣ୍ଡ, ପାରିନୂଆପଡ଼ା, ହାବଳଗଣ୍ଡ, ବରୁଣା, ବରୁଣାଡିହା, ଭାରିଗଦା, ସିକୋ, ତ୍ରୈଲୋକ୍ୟପୁର, କୋରନ୍ଦ, କାଟଣାବଣିଆ ପଞ୍ଚାୟତ ପ୍ରଭାବିତ ହୋଇଛି। ଗତ ୪ ଦିନ ଧରି ବନ୍ୟାର ପ୍ରଭାବ ଆରମ୍ଭ ହୋଇଥିଲେ ବି ପ୍ରଶାସନ ଏକଦମ ବେଫିକର। କନପୁର, ଗୁଣ୍ଡଳ, ଗହମପାଳ ଗାଁକୁ ଏଯାବତ ପିଇବା ପାଣି ମିଳିନାହିଁ। ବାରହା ଦୋମଣ୍ଡା ପଞ୍ଚାୟତର କନପୁର, ଗୁଣ୍ଡଳ ଓ ପ୍ରଧାନପଡ଼ା ପଞ୍ଚାୟତର ଗହମପାଳ ଗାଁରେ ସ୍ଥିତି ଆଜି ବହୁତ ସଙ୍ଗୀନ ହୋଇଛି। ପିଇବା ପାଣି ନାହିଁ, ଗୋରୁଙ୍କ ପାଇଁ ଗୋଖାଦ୍ୟ ମଧ୍ୟ ନାହିଁ। ଗତକାଲି ମଧ୍ୟାହ୍ନ ସମୟରୁ ଖରସ୍ରୋତା ନଦୀର ଜଳସ୍ତର ବଢ଼ିବା ଯୋଗୁଁ ପାରିନୂଆପଡ଼ା-ହାବଳଗଣ୍ଡ ବିଚ୍ଛିନ୍ନ ହୋଇଯାଇଛି। ବାରହାଦୋମଣ୍ଡା ପଞ୍ଚାୟତର ୩ ଓ ୪ ନମ୍ବର ୱାର୍ଡର ଶହେ ପରିବାର ୭୨ ଘଣ୍ଟା ହେବ ଜଳବନ୍ଦୀ ହୋଇ ରହିଛନ୍ତି। ବନ୍ୟା ପାଣି ସହ ଘରେ ସାପ ପଶି ଆତଙ୍କ ଖେଳାଇଛି। ଗାଁ ଦାଣ୍ଡରେ କୁମ୍ଭୀର ବୁଲୁଛି। ଏଭଳି ସ୍ଥିତିରେ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ଗୋଟିଏ ଡଙ୍ଗା ମିଳିଛି। ଯାହା ସମୁଦ୍ରକୁ ଶଙ୍ଖେ। ୧୧ଟି ସ୍କୁଲରେ ପାଣି ପଶି ପାଠପଢ଼ା ବ୍ୟାହତ ହୋଇଛି। ବୈତରଣୀ ନଦୀର ଆଖୁଆପଦାଠାରେ ଥିବା ବିପଦ ସଙ୍କେତ ଉପରେ ଥିବାରୁ ବନ୍ୟା ସ୍ଥିତି ବେଶୀ ଦିନ ଲାଗି ରହିବ ବୋଲି ଜଣାପଡ଼ିଛି। କନିକା ତଟବନ୍ଧ ଉପଖଣ୍ଡ ପକ୍ଷରୁ ପଙ୍କି-ମାନପୁର ସଂଯୋଗ ରାସ୍ତା ଖାଲୁଆ ଥିବାରୁ ତାହା ବୁଡି ଯାଇଛି। ସେହିପରି ଖରସ୍ରୋତରେ ବନ୍ୟା ପାଣି ବିପଦ ସଙ୍କେତ ଉପରେ ଥିବାରୁ ପ୍ରଧାନପଡ଼ା, ବାଲିସାହି, ହଳୁପଡ଼ା, ଜେନାସାହି, ଗହମପାଳ ଆଦି ଗାଁରେ ବନ୍ୟାସ୍ଥିତି ଉଦବେଗଜନକ ରହିଛି। ବନ୍ୟା ପୀଡ଼ିତଙ୍କ ନିକଟରେ ଗୋଖାଦ୍ୟ, ପିଇବା ପାଣି, ଶୁଖିଲା ଖାଦ୍ୟ, ପର୍ଯ୍ୟାପ୍ତ ପରିମାଣରେ ଡଙ୍ଗା ଯୋଗାଇ ଦେବାର ଆବଶ୍ୟକତା ଥିବାରୁ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।



## ଉଦ୍ଧାର କାର୍ଯ୍ୟରେ ଆଦର୍ଶ ଥାନା ଆଇଆଇସି

ପଟ୍ଟାମୁଣ୍ଡାଇ, ୩୧ା୭ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଓ ରେଙ୍ଗାଲୀ ପ୍ରକଳ୍ପରୁ ପାଣି ଛଡ଼ାଯିବା କାରଣରୁ ବ୍ରାହ୍ମଣୀ ଅବବାହିକା ଧୋୟାଞ୍ଚଳରେ ଗୁରୁତର ବନ୍ୟା ପରିସ୍ଥିତି ଉପୁଜିଛି। ପଟ୍ଟାମୁଣ୍ଡାଇ ବ୍ଲକର ୧୪ ଟି ପଞ୍ଚାୟତ ଓ ପୌରକ୍ଷଞ୍ଚଳର ୧୧ଟି ୱାର୍ଡ ଜଳମଗ୍ନ ହେବା ସହିତ ଗ୍ରାମ ଓ ସାହି, ବସ୍ତି ପାଣି ଘେରରେ ରହିଛି। ୭୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇ ପଡ଼ିଥିବାବେଳେ ୨୦ ହଜାରରୁ ଉର୍ଦ୍ଧ୍ୱ ଗୃହପାଳିତ ପଶୁ ଜଳବନ୍ଦୀ ଅବସ୍ଥାରେ ରହି ଖାଦ୍ୟ ବିନା ଡହଳବିକଳ ହେଉଛନ୍ତି। ବନ୍ୟା ପରିସ୍ଥିତିର ଗମ୍ଭୀରତାକୁ ଲକ୍ଷ୍ୟ କରି ପଟ୍ଟାମୁଣ୍ଡାଇର ସର୍ବୋଚ୍ଚ ସମ୍ମାନ ସୁକନ୍ୟା ସମ୍ମାନରେ ସମ୍ମାନିତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ଶ୍ରୀମତୀ ବନ୍ଦନା ପାତ୍ର ବନ୍ୟାର ଭୟାବହତାକୁ ଖାତର ନ କରି ଗତକାଲି ରାତିଠାରୁ ପଟ୍ଟାମୁଣ୍ଡାଇର ବନ୍ୟା ପ୍ଲାବିତ ବିଭିନ୍ନ ଅଞ୍ଚଳକୁ ଗସ୍ତ କରିବା ସହିତ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଗତକାଲି ରାତିରେ ତଳବାଲିପଡ଼ା ଗ୍ରାମର ବନ୍ୟାଜଳ ଘେରରେ ଫସି ରହିଥିବା ଏକ ପରିବାରକୁ ସାହସିକତାର ସହିତ ବନ୍ୟା ପାଣିରେ ପଶି ଉଦ୍ଧାର କରିଥିଲେ ଥାନା ଅଧିକାରିଣୀ ଆଇଆଇସି ଶ୍ରୀମତୀ ପାତ୍ର। ଏହାକୁ ନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଜି ବନ୍ୟା ଘେରରେ ଥିବା ପୌରାଞ୍ଚଳର ତନୁପୁର, ନନ୍ଦିନୀନଗର, ପଟ୍ଟାମୁଣ୍ଡାଇ ବ୍ଲକର ନୀଳକଣ୍ଠପୁର, ଅଣ୍ଡରା, ଅମୃତମଣୋହି ଆଦି ପଞ୍ଚାୟତ ଅଞ୍ଚଳକୁ ଓଡ୍ରାଫ୍ ଟିମ୍ ସହିତ ଗସ୍ତ କରି ବନ୍ୟା ଜଳରେ ଫଶି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ।




## ରାଜନଗରର ୪ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ

ରାଜନଗର, ୩୧ା୭ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ପରେ ବ୍ରାହ୍ମଣୀରେ ବନ୍ୟା ଆସି ରାଜନଗରର ୪ ପଞ୍ଚାୟତ ପାଣି ଘେରରେ ରହିଛି। ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତ ପାଣିଘେରରେ ରହିଛି। ଚାଷଜମିରେ ବନ୍ୟାପାଣି ମାଡ଼ିଯାଇଛି। ୧୫ରୁ ଅଧିକ ଗାଁ ରାସ୍ତା ଉପରେ ୪/୬ ଫୁଟର ବନ୍ୟା ପାଣି ଚାଲୁଛି। ଓସ୍ତିଆ ପଞ୍ଚାୟତର ନଗଡ଼ ଗାଁ ରାସ୍ତା ଉପରେ ୬ ଫୁଟର ପାଣି ଚାଲୁଛି। ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି। ତେବେ ପ୍ରଶାସନ ବିପନ୍ନଙ୍କ ନିକଟରେ ପହଞ୍ଚି ପାରିନି। ବନ୍ଧପଡ଼ା ପଞ୍ଚାୟତର ଚକିବାଙ୍କ, ଗୋବିନ୍ଦପୁର, ସନ୍ଥପଡ଼ା, ଟାଙ୍ଗଣତେଲା, ଫିରିକିଦାଣ୍ଡି, ଓସ୍ତିଆ ପଞ୍ଚାୟତର ଓସ୍ତିଆ, ବନ୍ଧପାଟଣା, ନଗଡ଼, ଭଗବାନପୁର, ରାଜପୁର ପଞ୍ଚାୟତର ରାଜପୁର, ଚନ୍ଦନପୁର, ବେଲପାଳ ପଞ୍ଚାୟତ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଦାଣ୍ଡି ବଳଭଦ୍ରପୁର ରାସ୍ତାରେ ୫ ଫୁଟ ଉଚ୍ଚତାର ବନ୍ୟା ପାଣି ଚାଲୁଛି। ବେଲପାଳ ରାସ୍ତାରେ ୪ ଫୁଟ ଉଚ୍ଚର ବନ୍ୟା ପାଣି ଚାଲୁଛି। ବେଲପାଳ ବଜାର, ଓସ୍ତିଆ ବଜାରରେ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ୟା ପାଣି ଘେରରେ ରହିଛି। ଆଜି ଅପରାହ୍ନରେ ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ବିଡିଓ ଅଶୋକ କୁମାର ମହାନ୍ତି ବନ୍ୟାଞ୍ଚରେ ସ୍ଥିତି ଅନୁଧ୍ୟାନ କରିବା ସହ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି।



## ପାଣି ଘେରରେ କୋଳିଡିହ ଓ ପତ୍ରପୁର ପଞ୍ଚାୟତ



ଆଳି, ୩୧ା୭ (ସମିସ): ଲଗାଣ ବର୍ଷା ଲାଗି ରହିବା ପରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆଳି ବ୍ଲକ ରିଙ୍ଗବନ୍ଧ ବାହାରେ ଥିବା ପତ୍ରପୁରର ୨ଟି ୱାର୍ଡ ଓ ଗୋପାଳପୁର ଗୋଟିଏ ୱାର୍ଡରେ ବନ୍ୟା ଜଳ ପ୍ରବେଶ କରିବା ଫଳରେ ଉକ୍ତ ଅଞ୍ଚଳ ସମେତ ପ୍ରସିଦ୍ଧ ଦରଘା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ସେହିଭଳି କୋଳିଡିହ ପଞ୍ଚାୟତର ୭ଟି ଗ୍ରାମର ୧୧ଟି ୱାର୍ଡର ୩ ହଜାରରୁ ଉର୍ଦ୍ଧ୍ୱ ଲୋକ ପାଣି ଘେରରେ ରହିଛନ୍ତି। ବଡାମ୍ବିଳା ପଞ୍ଚାୟତର ଦଶିପୁର ଓ ସାହୁପଡ଼ା ତଳିଆ ଅଞ୍ଚଳ ବୁଡ଼ିଯାଇଛି। ନରେନ୍ଦ୍ରପୁର, ମାଣିକପାଟଣା, ପଦିନୀପାଳ ଓ ନୂଆପଡ଼ା ପଞ୍ଚାୟତର କିଛି ଅଞ୍ଚଳ ମଧ୍ୟ ବନ୍ୟା ଘେରରେ ରହିଛି। ଉପରୋକ୍ତ ଅଞ୍ଚଳ ଉପରେ ତୀକ୍ଷଣ ନଜର ରଖାଯାଇଥିବା ବିଡିଓ ଅବିନାଶ ବିଶ୍ୱଜିତ ସେଠୀ କହିଛନ୍ତି।

## ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବା



ରାଜନଗର, ୩୧ା୭ (ସମିସ): ରାଜନଗର ବ୍ଲକର ବିଭିନ୍ନ ଅଞ୍ଚଳ ବନ୍ୟା ଘେରରେ ଜଳବନ୍ଦୀ ହୋଇ ରହିଥିବାବେଳେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି। ଶୁକ୍ରବାର ଡାକ୍ତର ସୁଧାଂଶୁବାଳା ବେହୁରା, ଡାକ୍ତର ଟିଟି ମିଶ୍ର, ଫାର୍ମାସିଷ୍ଟ ସୌମ୍ୟରଞ୍ଜନ ଜେନା ନଗଡ଼, ବେଲପାଳ ଓ ବାଲିଚନ୍ଦ୍ରପୁର ଗ୍ରାମରେ ପ୍ରଭାବିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ।


## ଲୁଣାନଦୀରେ ଭାସିଯାଇ ମହିଳା ନିଖୋଜ



ଡେରାବିଶ, ୩୧ା୭ (ସମିସ): ଚାନ୍ଦୋଳ ଫାଣ୍ଡି ଅଧୀନ ଲୁଣାନଦୀର ଦାନପୁର ପୋଲ ନିକଟରେ ଆଜି ସକାଳେ ଜଣେ ମହିଳା ବନ୍ୟା ପାଣିରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ମହିଳା ଜଣକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁର ଗ୍ରାମର ଗୌତମ ଦାସଙ୍କ ପତ୍ନୀ ମନୋରମା ଦାସ (୪୬)। ଆଜି ସକାଳେ ମନୋରମା ଦାନପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସିତ ହେବାକୁ କହି ଯାଇଥିଲେ। ଗୌତମ ବିଲରେ ଧାନ ରୋଇବାକୁ ଯାଇଥିଲେ। ମନୋରମା ଦାନପୁର ସେତୁ ଉପରେ ଛିଡ଼ା ହୋଇ ବନ୍ୟା ପାଣି ଦେଖୁଥିବାବେଳେ ଭାରସାମ୍ୟ ହରାଇ ନଦୀକୁ ଖସିପଡ଼ିଥିଲେ। ଖବର ପାଇ ଡେରାବିଶର ଅଗ୍ନିଶମ ବାହୀନୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ମହିଳାଙ୍କୁ ଉଦ୍ଧାର କରାଯାଇପାରିନଥିବା ଜଣାପଡ଼ିଛି।

## ଶିଆଳ କାମୁଡ଼ାରେ ତିନ ଗୁରୁତର

ରାଜକନିକା, ୩୧ା୭ (ସମିସ): ରାଜକନିକା ବନ୍ୟାଞ୍ଚଳରେ କୁମ୍ଭୀର ଓ ସାପ ଉପଦ୍ରବ ସହ ଶିଆଳ ଆତଙ୍କ ବଢ଼ିଛି। ଶିଆଳ କାମୁଡ଼ାରେ ତିନିଜଣ ଗୁରୁତର ଆହତ କେନ୍ଦ୍ରାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଦୁଇବର୍ଷର ଶିଶୁ ରହିଛି। କାଟଣାବଣିଆଁ ପଞ୍ଚାୟତ ମଦରଙ୍ଗାପାଟ ଗାଁର ରଘୁ ପ୍ରଧାନଙ୍କ ପୁଅ ମକର ପ୍ରଧାନ ଘର ବାଡ଼ିରେ ଥିବାବେଳେ ଏକ ଶିଆଳ ତାଙ୍କ ଡାହାଣ ହାତର ଆଙ୍ଗୁଠିକୁ କାମୁଡ଼ି ଧରିଥିବାବେଳେ ସେ ଚିତ୍କାର କରି ଛାଟି ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ପରିବାର ଲୋକ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ମଦରଙ୍ଗାପାଟ ଗାଁରେ ଅଶୋକ ଦାଶ ଓ ଜଣେ ଶିଶୁ ଶିଆଳ କାମୁଡ଼ାରେ ଆହତ ହୋଇଥିବା ଜଣାପଡ଼ିଛି।



## ସାପ କାମୁଡ଼ାରେ ଚାଷୀ ମୃତ

ରାଜକନିକା, ୩୧ା୭ (ସମିସ): ଆଜି ସକାଳେ ସିକୋ ପଞ୍ଚାୟତର ଡାଳିକାଏନ୍ଦା ଗାଁ ବାରିଣୀ ମଲିକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ଧାନ ରୋଇବାକୁ ତଳି ଭାର କାନ୍ଧେଇ ବିଲକୁ ଯିବା ସମୟରେ ସାପ କାମୁଡ଼ି ଦେଇଥିଲା। ସେ ଚିତ୍କାର କରି ପାଖରେ ଚାଷ କାମ କରୁଥିବା ଲୋକଙ୍କୁ ଡାକ ପକାଇଥିଲେ। ସେମାନେ ଉଦ୍ଧାର କରି ପ୍ରଥମେ ରାଜକନିକା ଡାକ୍ତରଖାନାକୁ ନେଇଥିଲେ। ପରେ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ଭୋଟର ତାଲିକାରୁ ନାମ କାଟିବାକୁ ଷଡ଼ଯନ୍ତ୍ର**

## ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଯୁବ ବିଜେଡିର ଅଭିଯୋଗ



କେନ୍ଦ୍ରାପଡ଼ା, ୩୧ା୭ (ସମିସ): ନିର୍ବାଚନମନସ୍କ ବିଜେପି ଭାରତର ସାର୍ବଭୌମତା ଅପେକ୍ଷା କଳେବଳେ ନିର୍ବାଚନ ଜିତିବାକୁ ଅଧିକ ଗୁରୁତ୍ୱ ଦେଇଆସୁଛି। ବିଜେପି ଭାରତୀୟ ନାଗରିକଙ୍କ ସ୍ୱାର୍ଥ ଅପେକ୍ଷା ନିଜେ କିପରି ଦୀର୍ଘଦିନ କ୍ଷମତାରେ ରହିବେ, ସେଥିପାଇଁ ସବୁ ପ୍ରକାରର ଅନ୍ୟାୟ ଓ ଅନୀତି କରିବାକୁ ପଛାଉନାହିଁ। ଏହାର ଏକ ଉଦାହରଣ ଗତକାଲି ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଳସୁଧା ପଞ୍ଚାୟତର ବୁଥ୍ ନମ୍ବର ୨୭୬ରେ ଦେଖିବାକୁ ମିଳିଛି। ବିଜେପିର ବୁଥ୍ ଏଜେଣ୍ଟ ଦାବି କରୁଥିବା ଗଗନ ବିହାରୀ ଦାସ ନାମକ ବ୍ୟକ୍ତି ଏସଆଇଆର ମାଧ୍ୟମରେ ଫର୍ମ ନମ୍ବର ୭କୁ ବ୍ୟବହାର କରି ଶତାଧିକ ଭୋଟରଙ୍କ ନାମକୁ ବାଦ ଦେବାକୁ ଦରଖାସ୍ତ କରୁଥିବା ସମୟରେ ଗ୍ରାମବାସୀଙ୍କ ନଜରରେ ପଡ଼ିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ପଳସୁଧା ଗ୍ରାମର ଭୋଟର ତାଙ୍କୁ ଅଟକ ରଖିବା ସହ ପୁଲିସର ହସ୍ତକ୍ଷେପ ଲୋଡ଼ିଥିଲେ। କୁଦାନଗରୀ ପୁଲିସ ପହଞ୍ଚିବା ପରେ ବିଜେପିର ଏଜେଣ୍ଟ ଜଣକ ଆଗରୁ ସମ୍ପୂର୍ଣ୍ଣ ଭାବେ ପୂରଣ କରାଯାଇଥିବା ଫର୍ମ ୭ ତାଙ୍କୁ ଭାରତୀୟ ଜନତା ପାର୍ଟିର କାର୍ଯ୍ୟାଳୟରୁ ମିଳିଥିବା ସ୍ୱୀକାର କରିଥିଲେ। ଯେଉଁମାନେ ବିଜେପିକୁ ଭୋଟ ଦିଅନ୍ତି ନାହିଁ ସେମାନଙ୍କ ନାଁ ଭୋଟର ତାଲିକାରୁ ବାଦ ଦେବାପାଇଁ ପାର୍ଟି ତରଫରୁ ତାଙ୍କୁ ଦାୟିତ୍ୱ ଦିଆଯାଇଥିବା କହିଥିଲେ। ଏହା ଶୁଣିବା ପରେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା ଓ ପୁଲିସର ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ବିଜୁ ଜନତା ଦଳ ଏହାକୁ ଦୃଢ଼ ଭାବେ ନିନ୍ଦା କରିବା ସହ ଜିଲ୍ଲା ଯୁବ ସଭାପତି ରାଜେଶ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିବା ସହିତ ଏହି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସଠିକ ଭାବେ ତଦାରଖ କରିବାକୁ ଦାବି କରିଛି। ଯଦି ଚୂଡାନ୍ତ ଭୋଟର ତାଲିକାରେ ଚଞ୍ଚକତା କରି କୌଣସି ବି ଯୋଗ୍ୟ ଭୋଟରଙ୍କୁ ବାଦ ଦିଆଯାଏ, ତେବେ ସେହି ଭୋଟରଙ୍କୁ ସାଥିରେ ଧରି ବିଜୁ ଜନତା ଦଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ସହିତ ସମସ୍ୟାର ସମାଧାନ ନ ହେବା ଯାଏ ଅନଶନରେ ବସିବ ବୋଲି ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଶ୍ରୀ ଦାସ ଜଣାଇଛନ୍ତି। ପ୍ରଦୀପ୍ତ ମହାନ୍ତି, ମୁକ୍ତାର ଖାଁ, ସୟଦ ଇସ୍ମାଇଲ ହୋସେନ, ସେକ ସଲ୍ଲାଉଦ୍ଦିନ, ସୁଜିତ ସିଂ, ଆଶିଷ ସ୍ୱାଇଁ, ବିବେକ ସ୍ୱାଇଁ, ସୟଦ ନୁରଉଦ୍ଦିନ, ଶେଖ ତାଜମୁଲ ହୁସେନ, ଶେଖ ନାଶିମୁଦ୍ଦିନ, ଶେଖ ଚନ୍ଦନ, ପରବେଜ ଅଖତର, ଶେଖ ଲିଆକୁଦିନ ପ୍ରମୁଖ ଉପସ୍ଥିତ ଥିଲେ।

## ଦୃଷ୍ଟିହୀନ ଦମ୍ପତିଙ୍କ ନାମରେ ଋଣ ଠକେଇ, ରାଜ୍ୟ ମାନବାଧିକାର ଆୟୋଗରେ ଫେରାଦ

କେନ୍ଦ୍ରାପଡ଼ା/ମାର୍ଶାଘାଇ, ୩୧ା୭ (ସମିସ): ମାର୍ଶାଘାଇ ଥାନା ଅନ୍ତର୍ଗତ ପଳାସପୁର ଗ୍ରାମର ଜଣେ ଦୃଷ୍ଟିହୀନ ଦମ୍ପତିଙ୍କ ନାମରେ କଥିତ ଭାବେ ଏକ ଫାଇନାନ୍ସ କମ୍ପାନୀରୁ ଋଣ କରାଯାଇ ଅର୍ଥ ହଡ଼ପ କରାଯାଇଥିବା ଘଟଣାକୁ ନେଇ ନୂଆ ମୋଡ଼ ଆସିଛି। ଏହି ମାମଲାରେ ପୁଲିସ ତଦନ୍ତରେ ବିଳମ୍ବ ଓ ଉଦାସୀନତା ଅଭିଯୋଗ କରି ସମାଜସେବୀ ଚିତ୍ତରଞ୍ଜନ ଦାସ ରାଜ୍ୟ ମାନବାଧିକାର ଆୟୋଗର ହସ୍ତକ୍ଷେପ ଲୋଡ଼ିଛନ୍ତି। ଦୃଷ୍ଟିହୀନ ରିଙ୍କି ମଲିକଙ୍କ ନାମରେ ତିନୋଟି ଋଣ ମଞ୍ଜୁର କରାଯାଇଥିଲେ ମଧ୍ୟ ସେ କିମ୍ବା ତାଙ୍କ ସ୍ୱାମୀ ସୋନୁ ମଲିକ ଏ ସମ୍ପର୍କରେ ଅବଗତ ନ ଥିଲେ। ପରେ ଋଣ ପରିଶୋଧ ପାଇଁ ଫାଇନାନ୍ସ କମ୍ପାନୀ ପକ୍ଷରୁ ଦାବି ଆସିବା ପରେ ସେମାନେ ଘଟଣା ବିଷୟରେ ଜାଣିଥିଲେ। ଏହାକୁ ନେଇ ୨୦୨୫ରେ ମାର୍ଶାଘାଇ ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ତଦନ୍ତରେ ଅଗ୍ରଗତି ହୋଇନଥିବା ଅଭିଯୋଗ କରାଯାଇଛି। ପୂର୍ବରୁ ଜିଲ୍ଲାପାଳଙ୍କ ନିକଟରେ ମଧ୍ୟ ନିରପେକ୍ଷ ତଦନ୍ତ ଓ ସୁରକ୍ଷା ପାଇଁ ଆବେଦନ କରାଯାଇଥିଲା। ଏବେ ରାଜ୍ୟ ମାନବାଧିକାର ଆୟୋଗର ଦ୍ୱାରସ୍ଥ ହୋଇଛନ୍ତି।

## କୁମ୍ଭୀର ଆକ୍ରମଣରେ ଷଣ୍ଢ ଆହତ

ରାଜକନିକା, ୩୧ା୭ (ସମିସ): ରାଜକନିକା ବ୍ଲକର ନଦୀକୂଳିଆ ଅଞ୍ଚଳ ସହ ସମସ୍ତ ବନ୍ୟାଞ୍ଚଳରେ କୁମ୍ଭୀର ଆକ୍ରମଣ ଆତଙ୍କ ଖେଳିଯାଇଛି। ଆଜି ସକାଳ ୯ଟା ବେଳେ ବାଜପୁର ଗାଁର ଗାଧୁଆ ତୁଠ ପାଖରେ ଛିଡା ହୋଇଥିବା ଏକ ଷଣ୍ଢକୁ କୁମ୍ଭୀର ଆକ୍ରମଣ କରିଥିଲା। ଷଣ୍ଢର ଓଜନ ଅଧିକ ଥିବାରୁ ତାକୁ ଘୋଷାରି ନେଇ ପାରି ନ ଥିଲା। ଷଣ୍ଢର ଲାଞ୍ଜକୁ ଛିଡାଇ ନେଇଯିବା ସହ ପଛ ଦୁଇ ଗୋଡ଼ରୁ ମାଂସ ଛିଡାଇ ନେଇଛି। ଏହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## କଟକ ମେଡିକାଲରୁ ବୃଦ୍ଧ ନିଖୋଜ

ପଞ୍ଚୁପାଣ୍ଡବ, ୩୧ା୭ (ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମର କାଶୀନାଥ ଦାସ କଟକ ବଡ଼ ଡାକ୍ତରଖାନାରୁ ଚିକିତ୍ସାଧୀନ ଅବସ୍ଥାରେ ନିଖୋଜ ନେଇ ଅଭିଯୋଗ ହୋଇଛି। ବୁଧବାର ରାତି ପ୍ରାୟ ସାଢେ ଦୁଇଟା ସମୟରେ ଡାକ୍ତରଖାନାରୁ ବାହାରିଥିବା ସିସିଟିଭି କ୍ୟାମେରାରୁ ଜଣାପଡ଼ିଛି। ଜମିଜମା ବିବାଦକୁ ନେଇ ବାପାଙ୍କୁ ପୁଅ ଆକ୍ରମଣ କରିଥିବା ଡେରାବିଶ ଥାନାରେ ଅଭିଯୋଗ ହୋଇଥିଲା। ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ପୁଅ ସଞ୍ଜୟକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। କାଶୀନାଥଙ୍କୁ ପ୍ରଥମେ ଡେରାବିଶ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କାଶୀନାଥଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା।


## ଗୋବରୀ ନଦୀରେ କୁମ୍ଭୀର

ପଞ୍ଚୁପାଣ୍ଡବ, ୩୧ା୭ (ସମିସ): ବେଣୀପୁର ପଞ୍ଚାୟତ ରାଇତୁଣ୍ଡି ଗ୍ରାମ ଦେଇ ଯାଇଥିବା ଗୋବରୀ ନଦୀରେ କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଛି। ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ କୁମ୍ଭୀରଙ୍କୁ ବିଭିନ୍ନ ନଦୀରେ ଦେଖିବାକୁ ମିଳୁଛି। ଶୁକ୍ରବାର ଦିନ ପ୍ରାୟ ଗୋଟାଏ ବେଳେ ରାଏତୁଣ୍ଡି ଗ୍ରାମ ଦଳିତ ସାହିର ଲୋକେ ତୁଠରେ କାରବାର କରୁଥିବା ସମୟରେ ଏକ କୁମ୍ଭୀରକୁ ଦେଖିଥିଲେ। ସେହିପରି ସଦାନନ୍ଦପୁର ଗ୍ରାମର ଜଣେ ବ୍ୟକ୍ତି ମାଛ ଧରୁଥିବା ସମୟରେ କୁମ୍ଭୀର ଦେଖି ଲୋକନଙ୍କୁ ନଦୀକୁ ଯିବା ପାଇଁ ବାରଣ କରିଥିଲେ। ବନ ବିଭାଗ ଅଧିକାରୀ କୁମ୍ଭୀରକୁ ଧରିବା ପାଇଁ ସାଧାରଣରେ ଦାବି ହୋଇଛି।

## ସର୍ପାଘାତରେ ଚାଷୀଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା, ୩୧ା୭ (ସମିସ): ବନ୍ୟାରେ ଚାଷଜମି ସ୍ଥିତି ଦେଖିବାକୁ ଯାଇଥିବା ଜଣେ ଚାଷୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଏ ଘଟଣା ମାର୍ଶାଘାଇ ବ୍ଲକ କଲପାଟଣା ପଞ୍ଚାୟତ ଅଧୀନ ତଳଗାଁ ଗ୍ରାମରେ ଘଟିଥିବାବେଳେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ତଳଗାଁ ଗ୍ରାମର ଶୁଭପ୍ରଦ ସ୍ୱାଇଁ (୩୫) ବୋଲି ଜଣାପଡ଼ିଛି।

# ସମ୍ପାଦକୀୟ



ଯାହା କହି ହୁଏ ନାହିଁ କି ନ କହି ରହି ହୁଏ ନାହିଁ, ତାହା ସଙ୍ଗୀତ ମାଧ୍ୟମରେ ପରିପ୍ରକାଶ କରାଯାଇପାରେ।

-ଭିକ୍ଟର ହ୍ୟୁଗୋ

THE SAKALA

## ରଙ୍ଗ-ରାଜନୀତି

ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଭାରତୀୟ ହକି ଦଳର ଜର୍ସି(ଆନ୍ତର୍ଜାତିକ ପ୍ରତିଯୋଗିତାରେ ଖେଳାଳିମାନେ ପିନ୍ଧୁଥିବା କ୍ରୀଡ଼ା ପୋଷାକ)ର ରଙ୍ଗ ନୀଳରୁ ଗେରୁଆକୁ ପରିବର୍ତ୍ତନ କରାଯିବା ପରେ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଛି। ଜର୍ସିର ରଙ୍ଗ ପରିବର୍ତ୍ତନ ନୂଆ କଥା ନୁହେଁ କି ଭାରତୀୟ ହକି ଦଳର ଜର୍ସି ପ୍ରଥମରୁ ଅପରିବର୍ତ୍ତିତ ରହିନାହିଁ। କିନ୍ତୁ ଦୀର୍ଘଦିନ ଧରି ନୀଳ ରଙ୍ଗ ଭାରତୀୟତା ଭାବନା ଓ ଐକ୍ୟର ପ୍ରତୀକ ଭାବେ ପ୍ରଦର୍ଶିତ ହୋଇଆସୁଛି। ତେଣୁ ହଠାତ୍ ଏହାର ରଙ୍ଗ ପରିବର୍ତ୍ତନର ଆବଶ୍ୟକତାକୁ ନେଇ ପ୍ରଶ୍ନ ଉଠିଛି। ବିଶେଷକରି ଗେରୁଆ ରଙ୍ଗକୁ ପରିବର୍ତ୍ତନ ହେବା ପରେ ଏହାକୁ ନେଇ ରାଜନୀତି ତେଜିଛି। ସବୁଠାରୁ ଆଚମ୍ବିତ କଥା ହେଲା ଜର୍ସିର ରଙ୍ଗ ପରିବର୍ତ୍ତନ ବିଷୟରେ ନିର୍ବାହୀ ପରିଷଦରେ ଆଲୋଚନା ହୋଇନାହିଁ କି ଏ ବିଷୟରେ ହକି ଇଣ୍ଡିଆ(ଭାରତୀୟ ହକି ଦଳ)ର ସଭାପତି ତଥା ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲ୍ଲୀପ ତିର୍କୀ ମଧ୍ୟ ଅବଗତ ନୁହନ୍ତି। ଅର୍ଥାତ୍ ସମ୍ପୂର୍ଣ୍ଣ ଅନୈତିକ ଭାବରେ କାହା ଚାପରେ ଏହି ମନମୁଖି କାର୍ଯ୍ୟଟି ହୋଇଥିବା ଆପାତତଃ ବୁଝାପଡୁଛି। କାହା ନିର୍ଦ୍ଦେଶରେ ଏବଂ କାହା ଅନୁମତିରେ ଜର୍ସିର ରଙ୍ଗ ପରିବର୍ତ୍ତନ ହେଲା ସେ ସମ୍ପର୍କରେ ବିସ୍ତୃତ ବିବରଣୀ ଦେବାକୁ ଦିଲ୍ଲୀପ ତିର୍କୀ ନିର୍ବାହୀ ପରିଷଦର ବରିଷ୍ଠ ଅଧିକାରୀଙ୍କଠାରୁ ଜବାବ ତଲବ କରିଛନ୍ତି।

୨୦୨୪ରେ କ୍ଷମତାକୁ ଆସିବା ପରେ ରାଜ୍ୟର ବିଜେପି ସରକାର ସରକାରୀ ରାଜକୋଷର ଅପଚୟରେ କୋଠାବାଡ଼ି, ଯାନବାହନ ଆଦିକୁ ଦଳୀୟ ଗୈରିକ ରଙ୍ଗରେ ପରିବର୍ତ୍ତନ କରିବାର ଧାରା ଜାରି ରଖିଛନ୍ତି। ଓଡ଼ିଶା ସରକାର ଭାରତୀୟ ହକି ଦଳର ପ୍ରାୟୋଜକ ଥିବାରୁ ଏହିକ୍ରମରେ ଏବେ ଖେଳାଳିମାନଙ୍କର ଜର୍ସିର ରଙ୍ଗ ପରିବର୍ତ୍ତନ ସହିତ ରାଜନୀତି ଯୋଡ଼ି ହେବା ସ୍ୱାଭାବିକ। ଶାସନାଧୀନ ରାଜ୍ୟ ବିଜେପି ସରକାର ଭାବିବା ଦରକାର ଯେ ଭାରତୀୟ ହକି ଦଳର ପ୍ରାୟୋଜକ ଓଡ଼ିଶା ସରକାର, ବିଜେଡି ନୁହେଁ କି ଜର୍ସିର ରଙ୍ଗ ସବୁଜ ନ ଥିଲା। ତେଣୁ ଜର୍ସିରେ ଓଡ଼ିଶା ସରକାରଙ୍କ ପ୍ରତୀକ ରହିବା ଦରକାର, ଯାହା ରହିଛି। ତେଣୁ ହଠାତ୍ ଜର୍ସିର ରଙ୍ଗ ଗେରୁଆ ହୋଇଯିବା ପରେ ସହଜରେ ଗ୍ରହଣୀୟ ଓ ନିର୍ବିବାଦୀୟ ହୋଇପାରୁନାହିଁ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାରତୀୟ ହକିକୁ ପୁନଃଜୀବନ ଦେଇଥିବା ନବୀନ ପଟ୍ଟନାୟକ ଜର୍ସିର ରଙ୍ଗ ପରିବର୍ତ୍ତନକୁ ନାପସନ୍ଦ କରିଛନ୍ତି। ଏଭଳି ଉଦ୍ୟମକୁ ନିମ୍ନମାନର ରାଜନୀତି ଭାବେ ଅଭିହିତ କରି ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ହକି ଟିମ୍‌ର ଏହି ନୀଳ ରଙ୍ଗ କେବଳ ଗୋଟିଏ ରଙ୍ଗ ନୁହେଁ। ଏହା ଦେଶର କ୍ରୀଡ଼ା ଐତିହ୍ୟ ସହ ଯୋଡ଼ିହୋଇ ରହିଥିବା ଏକ ଆବେଗ। ଦଶନ୍ଧି ଦଶନ୍ଧି ଧରି ଏହି ରଙ୍ଗ ଆମକୁ ଆଶା, ବିଜୟ, ପରାଜୟ ଏବଂ କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବାର ଲକ୍ଷ୍ୟରେ ଏକାଠି ବାନ୍ଧି ରଖିଛି। ଆମେ ଆମର ନୀଳ ଜର୍ସି ପିନ୍ଧିଥିବା ପୁରୁଷ ଓ ମହିଳା ଖେଳାଳିମାନଙ୍କ ସହ ଆମେ କାନ୍ଦିଛୁ, ହସିଛୁ, ଉତ୍ସବ ପାଳନ କରିଛୁ ଏବଂ ଗର୍ବର ସହ ଛିଡ଼ା ହୋଇଛୁ। ଏହି ନୀଳ ଜର୍ସି ପିନ୍ଧି ଆମ ଟିମ୍ ଅଲିମ୍ପିକ୍ସ ପଦକ ଜିତିଛି ଏବଂ ବିଶ୍ୱ ମଞ୍ଚରେ ଆମ ଜାତୀୟ ସଙ୍ଗୀତ ଗୁଞ୍ଜରିତ ହୋଇଛି। ନୀଳ ରଙ୍ଗ ଆମ ଜାତୀୟ ପତାକାର ଅଶୋକ ଚକ୍ରରୁ ଅଣାଯାଇଛି। ଏହା ଆମ ଜାତୀୟ ଗୌରବ ଓ ପରିଚୟର ପ୍ରତୀକ। ଯେତେବେଳେ ଜାତୀୟ ହକି ଟିମ୍ ପ୍ରାୟୋଜକ ଅଭାବରେ ସଂଘର୍ଷ କରୁଥିଲା, ସେତେବେଳେ ଆମ ଜାତୀୟ ଦଳ ଏବଂ ପ୍ରିୟ ଖେଳକୁ ସହଯୋଗ କରିବାରେ ଓଡ଼ିଶା ପ୍ରଥମ ଓ ଏକମାତ୍ର ରାଜ୍ୟ ଭାବେ ଇତିହାସ ରଚିଥିଲା। ଜାତୀୟ ହକି ପ୍ରତି ରାଜ୍ୟର ଏହି ସହଯୋଗ ପାଇଁ ସାରା ବିଶ୍ୱରେ ଥିବା ପ୍ରତ୍ୟେକ ଓଡ଼ିଆ ଗର୍ବିତ ଥିଲେ। ୪୧ ବର୍ଷର ଦୀର୍ଘ ପ୍ରତୀକ୍ଷା ପରେ ଆମ ପୁରୁଷ ଦଳ ଅଲିମ୍ପିକ୍ସ ପଦକ ଜିତିଥିଲା। କେବଳ ଓଡ଼ିଶାରେ ସରକାର ବଦଳିଯାଇଛି ବୋଲି ଆମ ଜାତୀୟ ଦଳର ରଙ୍ଗ ବଦଳାଯିବା ଉଚିତ୍ ନୁହେଁ। ଆର୍ଜେଣ୍ଟିନାର ଆଇକନିକ୍ ଷ୍ଟ୍ରାଇପ୍ସ (ଗାର) ଏବଂ ବ୍ରାଜିଲ୍‌ର ହଳଦିଆ ଜର୍ସି ସେହି ଦେଶ ପାଇଁ ଯେତିକି ମହତ୍ତ୍ୱ ରଖେ, ଭାରତୀୟ ହକି ଖେଳାଳିଙ୍କ ନୀଳ ଜର୍ସି ଆମ ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ। ଏହା ଆମ ସାମୂହିକ ସ୍ମୃତିରେ ସଦାସର୍ବଦା ଲିପିବଦ୍ଧ ହୋଇରହିଛି। ଏହି ରଙ୍ଗରେ କୌଣସି ବି ପରିବର୍ତ୍ତନ, ଆମ ଅମୂଲ୍ୟ କ୍ରୀଡ଼ା ଐତିହ୍ୟକୁ ପୋଛିଦେବାର ଏକ ଅତ୍ୟନ୍ତ ନିନ୍ଦନୀୟ ପ୍ରଚେଷ୍ଟା।

ଜର୍ସିର ଗୈରିକୀକରଣକୁ ଜାତୀୟ ସ୍ତରରେ ମଧ୍ୟ ନାପସନ୍ଦ କରାଯାଇଛି। ପୂର୍ବତନ କ୍ରୀଡ଼ାବିତ୍‌ମାନେ ଏହି ଉଦ୍ୟମକୁ ତୀବ୍ର ସମାଲୋଚନା କରିଛନ୍ତି। ସଂସଦରେ ମଧ୍ୟ ପ୍ରତିବାଦର ସ୍ୱର ଶୁଭିଛି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ସରକାରଙ୍କ ଜର୍ସି ରଙ୍ଗ ପରିବର୍ତ୍ତନ ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିବା ସହିତ ଦେଶର ଅଖଣ୍ଡତା ଓ ଏକତା ପ୍ରତି ଆହ୍ୱାନ ବୋଲି କହିଛନ୍ତି। ବିଶେଷକରି ଆମର ଜାତୀୟ କ୍ରୀଡ଼ାରେ ଜର୍ସିର ଗୈରିକୀକରଣ କରାଯିବା ପରେ ଦଳର ସଦସ୍ୟଙ୍କ ଭିତରେ ଭେଦଭାବ ସୃଷ୍ଟି କରିବ ଏବଂ ଖେଳର ମୌଳିକ ଲକ୍ଷ୍ୟ ସୁଦୂର ପରାହତ ହେବ। ରଙ୍ଗ ଆଧାରରେ ଦେଶକୁ ଭାଗ ଭାଗ କରିବାର ହୀନ ଉଦ୍ୟମ ଆରମ୍ଭ ହୋଇଛି। କିନ୍ତୁ ଭାରତର ଆତ୍ମା ଏକ ଓ ଅଭିନ୍ନ। ଏହାକୁ କୌଣସି ରଙ୍ଗରେ ରଙ୍ଗାୟିତ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।

କ୍ଷମତାର ମୋହ ଶାସକକୁ ଅନ୍ଧ କରିଦେଲେ ଏଭଳି ଉଦ୍‌ଭ୍ରାନ୍ତ ଚିନ୍ତାଧାରା ସବୁ ମୁଣ୍ଡରେ ପଶେ। ରାଜ୍ୟରେ ଓ ଦେଶରେ ବହୁ ମୌଳିକ ସମସ୍ୟା ରହିଛି। ତାହାର ସମାଧାନର ବାଟ ନ ଖୋଜି କେବଳ ଦଳୀୟ ଏଜେଣ୍ଡାକୁ ପ୍ରାଥମିକତା ଦେବା ଗଣତନ୍ତ୍ରରେ ସ୍ପୃହଣୀୟ ନୁହେଁ। ରାଜ୍ୟ କୋଠାବାଡ଼ିର ରଙ୍ଗ ବଦଳାଇବା ପାଇଁ ରାଜ୍ୟବାସୀ ବିଜେପିକୁ ଭୋଟ ଦେଇ ନଥିଲେ। ତେଣୁ ଶାସନାଧୀନ ଦଳ ବାସ୍ତବବାଦୀ ହେବା ଆବଶ୍ୟକ। ୨୦୨୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ବିଜେଡି ଶାସନ ଓଡ଼ିଶାର ବିକାଶର ରେଖା ଯେଉଁଠି ଛାଡ଼ିଥିଲା ସେଥିରୁ ଇଞ୍ଚେ ହେଲେ ବି ଅଗ୍ରଗତି କରି ନାହିଁ ବରଂ ନିମ୍ନମୁଖୀ ହୋଇଛି। ହିତାଧିକାରୀମାନେ ରାସନ୍ ଓ ଭତ୍ତା ପାଇବାରୁ ଦୀର୍ଘଦିନ ଧରି ବଞ୍ଚିତ ଅଛନ୍ତି। ଶାସନକଳର ଏହି ଅପାରଗତାକୁ ଲୁଚାଇବାକୁ ଯୋଜନାର ନାମ ଏବଂ କୋଠାବାଡ଼ିର ରଙ୍ଗ ପରିବର୍ତ୍ତନର ଅପପ୍ରୟାସ ଆରମ୍ଭ ହୋଇଥିବା ଲୋକମୁଖରେ ଚର୍ଚ୍ଚା ହେଉଛି।

ସରକାର ଜାଣି ରଖିବା ଦରକାର ଯେ ରଙ୍ଗ ରାଜନୀତିରେ ଲୋକଙ୍କୁ ଅଧିକ ଦିନ ବିଭ୍ରାନ୍ତ କରି ରଖିହେବ ନାହିଁ। ସମୟ ସ୍ରୋତରେ ରଙ୍ଗ ରାଜନୀତି ଅଚିରେ ଧୋଇ ହୋଇଯିବ। କେବଳ ବିକାଶର ରଙ୍ଗ ହିଁ ଦୀର୍ଘସ୍ଥାୟୀ। ଲୋକେ ବିକାଶର ଚିତ୍ର ଓ ପ୍ରଗତିର ରଙ୍ଗ ଦେଖିବାକୁ ଚାହାନ୍ତି। କ୍ଷମତାବିଭୋର ସରକାର ଲୋକମାନସିକତାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ ଏବଂ ଲୋକଙ୍କୁ ଉନ୍ନତିର ରଙ୍ଗରେ ରଙ୍ଗାୟିତ କରିବାକୁ ଯୋଜନା କରନ୍ତୁ। ●

## ସମାବେଶୀ ବିକାଶରେ ସମ୍ଭାବନାର ସୂର୍ଯ୍ୟୋଦୟ

### ମୋ ସ୍ୱପ୍ନର ଓଡ଼ିଶା

ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ

ଉତ୍କଳ ଗୌରବ ମଧୁସୂଦନ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ବ୍ୟାସକବି ଫକିରମୋହନ ସେନାପତି ପ୍ରମୁଖ ମହାମନୀଷୀ ଉତ୍କଳ ସମ୍ମିଳନୀ ଗଠନ କରି ପରାଧୀନ ଭାରତ ବର୍ଷର ବିଭିନ୍ନ ପ୍ରଦେଶରେ ରହିଯାଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଗଠନ କରିବାର ମଙ୍ଗ ଧରି ସଫଳ ହୋଇଥିଲେ। ସେହି ପ୍ରଥିତଯଶା ମହାପୁରୁଷମାନଙ୍କ ତ୍ୟାଗ, ବଳିଦାନ, ପ୍ରେରଣା, ଅଦମ୍ୟ ଦୁଃସାହସିକତାର ଫଳପ୍ରସୂ ଉଦ୍ୟମ ଯୋଗୁଁ ୧୯୩୬ ମସିହା ଏପ୍ରିଲ ମାସ ପହିଲା ଦିନ ଗଠିତ ହେଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। ଅବଶ୍ୟ ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଅନ୍ୟାନ୍ୟ ପ୍ରଦେଶରେ ରହିଗଲା।

ସମୟର ଚୋରାବାଲିରେ ଅନେକ ଘଟଣା, ଦୁର୍ଘଟଣା, ସୁଯୋଗ, ଦୁର୍ଯୋଗ, ବିକାଶ, ବିନାଶ, ପ୍ରଗତି, ଦୁର୍ଗତି, ସୁନାମ, ଦୁର୍ନାମ ଏବଂ ସଫଳତା, ବିଫଳତାର ଇତିହାସକୁ ଦେଖିଦେଖି ଓଡ଼ିଶା ଆଜି ୯୦ଟି ବସନ୍ତକୁ ପାର କରି ୨୦୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି। ଏହାକୁ ଆଖି ଆଗରେ ରଖି ୨୦୩୬ ମସିହା ସୁଦ୍ଧା ଓଡ଼ିଶା ଯେପରି ୫୦୦ ବିଲିୟନ ଡଲାର ଅର୍ଥନୀତିରେ ପରିଣତ ହୋଇ ଏକ ବିକଶିତ ରାଜ୍ୟ ଭାବରେ ପରିଗଣିତ ହେବ ସେଥିପାଇଁ ରାଜ୍ୟ ସରକାର ଭିଜନ ପ୍ରସ୍ତୁତ କରିଛନ୍ତି। ଭିଜନ ପ୍ରସ୍ତୁତ କରିବା ବଡ଼କଥା ନୁହେଁ; ମାତ୍ର ଏହାକୁ ସଫଳ ଭାବରେ କାର୍ଯ୍ୟାନ୍ୱୟନ କରିବା ହେଉଛି ଖୁବ୍ ଆହ୍ୱାନପୂର୍ଣ୍ଣ।

ସରକାର ଏବେ ବିଭିନ୍ନ ପ୍ରକାର ଶିଳ୍ପ ପ୍ରତିଷ୍ଠା କରିବାରେ ବିଶେଷ ମନୋନିବେଶ କରୁଛନ୍ତି ଏବଂ ଲକ୍ଷଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହେଉଥିବା କଥା ବିଭିନ୍ନ ସମୟରେ ପ୍ରଚାର କରୁଛନ୍ତି। ଖାଲି କଳକାରଖାନା ପ୍ରତିଷ୍ଠା ହୋଇଗଲେ କିମ୍ବା ରାସ୍ତାଘାଟର ବିକାଶ କରିଦେଲେ କ'ଣ ରାଜ୍ୟ ଓ ରାଜ୍ୟବାସୀଙ୍କର ବିକାଶ ହୋଇଯିବ? ଏହାଦ୍ୱାରା ବିକାଶ ଆଖିକୁ ଦେଖାଯାଇପାରେ, ମାତ୍ର ପ୍ରକୃତ ବିକାଶ କେବଳ ଗୋଟିଏ ଶ୍ରେଣୀ(ଧନୀ)ର ଏବଂ ଗୋଟିଏ କ୍ଷେତ୍ର(ଶିଳ୍ପ)ରେ ସୀମିତ ରହିଯିବ। ବିକଶିତ ରାଜ୍ୟ କହିଲେ ବିକାଶ ସବୁବର୍ଗର ଏବଂ ସବୁକ୍ଷେତ୍ରର ହେବା ଦରକାର। ସେହିଭଳି କେବଳ ଜି.ଏସ.ଡି.ପି ବୃଦ୍ଧି କରିଦେଲେ ଯେ ରାଜ୍ୟ ଉନ୍ନତି ହୋଇଗଲା ତାହା ଭାବିବା ଭୁଲ।

ଅମାପ ପ୍ରକୃତିରାଜି, ପ୍ରଚୁର ଖଣିଜ, ବୈଭବ, ଐଶ୍ୱର୍ଯ୍ୟ ଏବଂ ପ୍ରାଚୁର୍ଯ୍ୟଭରା ପବିତ୍ର ଭୂମି ହେଉଛି ଓଡ଼ିଶା। ଦେଶବିଦେଶର ଶିଳ୍ପପତିଙ୍କଠୁ ଆରମ୍ଭ କରି ପୁଞ୍ଜିନିବେଶକାରୀମାନଙ୍କର ଦୃଷ୍ଟି ଆମ ରାଜ୍ୟର ଖଣିଜ ସମ୍ପଦ ଉପରେ ନିବଦ୍ଧ। ଆମ ରାଜ୍ୟ ଧନୀ, କିନ୍ତୁ ରାଜ୍ୟର ଲୋକମାନେ ଗରୀବ। ଆମ ରାଜ୍ୟରେ ମୁଣ୍ଡପିଛା ଆୟ ହେଉଛି ୧ଲକ୍ଷ ୮୬ହଜାର ଟଙ୍କା ମାତ୍ର। ମାସ ଶେଷରେ ୩ କୋଟି ୨୫ ଲକ୍ଷ ଲୋକ ମାଗଣା ରାସନକୁ ଅପେକ୍ଷା କରନ୍ତି। ସାଢ଼େ ୩ କୋଟି ଲୋକ ଆୟୁଷ୍ମାନ ଯୋଜନାରେ ମାଗଣା ଚିକିତ୍ସା ପାଇଁ ଆକାଂକ୍ଷାରତ। ୫୬ ଲକ୍ଷ ଲୋକ ବାର୍ଦ୍ଧକ୍ୟ ଭତ୍ତାକୁ ଭରସା କରିଛନ୍ତି। ଏବେବି ରାଜ୍ୟର ୧୫ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟର କଷାଘାତରେ ପେଷି ହେଉଛନ୍ତି। ସରଳ, ନିରୀହ ଓଡ଼ିଆ ଯୁବକ ଆଜି ଦାଦନର ଦାନବ ଆଗରେ ଅସହାୟ। ଦୁର୍ଯୋଗର ଚକ୍ରବ୍ୟୂହକୁ ଭେଦକରି ସୁଯୋଗର ଲକ୍ଷ୍ୟସ୍ଥଳରେ ପହଂଚିବାକୁ ସେ ଅସମର୍ଥ। ପ୍ରକୃତପକ୍ଷେ ଯେଉଁଦିନ ଏହିସବୁ ଉପେକ୍ଷିତ, ଅବହେଳିତ ଲୋକମାନଙ୍କର ସାମଗ୍ରିକ ବିକାଶ ହୋଇପାରିବ ଏବଂ ସେମାନେ ଜୀବନଯାପନ ପାଇଁ ଆଉ ସରକାରୀ ଯୋଜନା ଉପରେ ନିର୍ଭରଶୀଳ ହେବେ ନାହିଁ ସେଦିନ ଯାଇ ଓଡ଼ିଶା ବିକଶିତ ହେଲା ବୋଲି ଆମକୁ ବୁଝିବାକୁ ପଡ଼ିବ। ପ୍ରତିବର୍ଷ ଜି.ଏସ.ଡି.ପି ହାର ୧୦ରୁ ୧୨ ପ୍ରତିଶତ ବୃଦ୍ଧି ପାଇବା ସହିତ ମୁଣ୍ଡପିଛା ଆୟ ୯ ଲକ୍ଷ ଟଙ୍କାରେ ପହଞ୍ଚି ପାରିଲେ ଯାଇ ସମ୍ଭାବନାର ସୂର୍ଯ୍ୟୋଦୟ ହେବ।

ବିଗତ ସରକାରରେ ଶୃଙ୍ଖଳିତ ଆର୍ଥିକ ପରିଚାଳନା ହେତୁ ଆଜି ରାଜ୍ୟର ଅର୍ଥନୀତି ସୁଦୃଢ଼ ଓ ସମୃଦ୍ଧ ହୋଇପାରିଛି। ଉତ୍କଟ ନିଅଣ୍ଟିଆ ଅବସ୍ଥା ଏବଂ ଓଭର ଡ୍ରାଫ୍ଟ କବଳରୁ ରାଜ୍ୟ ମୁକ୍ତ ହୋଇ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇପାରିଛି। ଖୋଲାବଜାରରୁ ଋଣ ଆଣୁ ନଥିବାରୁ ଋଣ-ଜିଏସ୍‌ଡିପି ଅନୁପାତ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ଯାହାଫଳରେ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବୃହତ ବଜେଟ ପ୍ରସ୍ତୁତ କରିପାରିଛନ୍ତି। ମାତ୍ର ଏହାଦ୍ୱାରା ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା କରିବା ଏବଂ ୫୦୦ ବିଲିୟନ ଡଲାର ଅର୍ଥନୀତିର ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ। ଏଥିପାଇଁ ଦୁଇଗୁଣରୁ ଅଧିକ ବଡ଼ ବଜେଟ ରାଜ୍ୟବାସୀଙ୍କୁ ଦେବାକୁ ପଡ଼ିବ, ପର୍ଯ୍ୟାପ୍ତ ସମ୍ବଳ ବୃଦ୍ଧି କରିବାକୁ ପଡ଼ିବ ଏବଂ କେନ୍ଦ୍ର ସରକାରଙ୍କ ଠାରୁ ସ୍ୱତନ୍ତ୍ର ଅନୁଦାନ ଆଣିବାକୁ ପଡ଼ିବ। ଲକ୍ଷ୍ୟ ହେବ ସମାବେଶୀ ବିକାଶ।

ଏ ପରିପ୍ରେକ୍ଷୀରେ ମୁଁ ବିକଶିତ ଓଡ଼ିଶା-୨୦୩୬ ପାଇଁ ନିମ୍ନରେ ମୋର କିଛି ମତାମତ ଓ ପ୍ରସ୍ତାବ ଉତ୍‌ଥାପନ କରୁଛି।

୧) ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। କୃଷି ଓ କୃଷକର ବିକାଶ ହେଲେ ସମଗ୍ର ଓଡ଼ିଶାର ବିକାଶ ମାନଚିତ୍ର ବଦଳିଯାଇ ପାରିବ। ମାତ୍ର ଓଡ଼ିଶାର ଚାଷୀ ସବୁବେଳେ ଅବହେଳିତ। ଅନିଶ୍ଚିତତାର ଭସାବାଦଲ ହିଁ ତା'ର ଭାଗ୍ୟରେ ଲେଖା। ଆମ ଦେଶର ୪୮.୩ ପ୍ରତିଶତ ଚାଷଜମି, ବିଶେଷକରି ପଞ୍ଜାବ ଭଳି ରାଜ୍ୟର ୯୮.୧ ପ୍ରତିଶତ ଜମି, ଜଳସେଚିତ ହୋଇଥିବା ବେଳେ ଓଡ଼ିଶାରେ ମାତ୍ର ୩୫ ପ୍ରତିଶତ ଜମି ଜଳସେଚିତ ହୋଇପାରିଛି। କୃଷିର ବିକାଶ କରିବାକୁ ହେଲେ ପ୍ରଥମେ ଜମିକୁ ଜଳସେଚିତ କରିବାକୁ ପଡ଼ିବ। ସେଥିପାଇଁ ମହାନଦୀ, ବ୍ରହ୍ମଣୀ, ବୈତରଣୀ ଓ ସୁବର୍ଣ୍ଣରେଖା ଇତ୍ୟାଦି ନଦୀରେ ବହୁମୁଖୀ ନଦୀବନ୍ଧ କିମ୍ବା ଜଳପ୍ରକଳ୍ପ ନିର୍ମାଣ କରି ପ୍ରତ୍ୟେକ ଚାଷୀକୁ ଜଳସେଚନ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ବିଦ୍ୟୁତ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇପାରିବ। ଚାଷୀକୁ ମାଗଣା କିମ୍ବା ଅତିସ୍ୱଳ୍ପ ଦରରେ ବିଜୁଳି, ଶୀତଳ ଭଣ୍ଡାର, ଅଭାବୀ ବିକ୍ରିରୁ ମୁକ୍ତି ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବା ଉଚିତ।

୨) ରାଜ୍ୟର ଚାଷୀ ଚାଷ କରିବାକୁ ଚାହିଁଲେ ମଧ୍ୟ ବିଭିନ୍ନ ଯାଗାରେ ଛୋଟ ଛୋଟ ଆକାରରେ ଜମିର ଅବସ୍ଥିତି ଥିବାରୁ କୌଣସି ଗୋଟିଏ ଲାଭଜନକ ଚାଷ କରିପାରୁ ନାହିଁ। ତେଣୁ ଚକବନ୍ଦୀ କାର୍ଯ୍ୟକ୍ରମ ମାଧ୍ୟରେ ଚାଷଜମିକୁ ଗୋଟିଏ ଗୋଟିଏ ଚକରେ ପରିଣତ କରିପାରିଲେ ଗୋଟିଏ ଜାଗାରେ ଚାଷୀ ତା'ର ମନପସନ୍ଦର ଫସଲ ସହିତ କୁକୁଡ଼ା ଚାଷ, ମାଛ ଚାଷ, ଗୋପାଳନ, ଉଦ୍ୟାନକୃଷି ଇତ୍ୟାଦି କରି ଲାଭବାନ ହୋଇପାରନ୍ତା। ଚାଷୀର ଅର୍ଥନୈତିକ ଉନ୍ନତି ପାଇଁ ଚକବନ୍ଦୀ କାର୍ଯ୍ୟକ୍ରମ(କନ୍‌ସୋଲିଡେସନ୍ ଅଫ୍ ଲ୍ୟାଣ୍ଡ ହୋଲ୍‌ଡିଂ) ଉପରେ ସରକାରଙ୍କର ସର୍ବାଧିକ ଗୁରୁତ୍ୱ ରହିବା ଆବଶ୍ୟକ।

୩) ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଶିଳ୍ପ ବିକାଶର ଆବଶ୍ୟକତା ରହିଛି। ଅବଶ୍ୟ ଓଡ଼ିଶା ପୁଞ୍ଜି ନିବେଶକାରୀଙ୍କୁ ଆକର୍ଷଣ କରିବା ଦିଗରେ ପାଞ୍ଚଟି ଉନ୍ନତ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ମାତ୍ର ଖଣିଜ ସମ୍ପଦ ସମ୍ପର୍କୀୟ ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକସଂଖ୍ୟକ ପୁଞ୍ଜିପତି ଓଡ଼ିଶା ଆସୁଛନ୍ତି। ଯେହେତୁ ଓଡ଼ିଶାରେ ଲୁହାପଥର, ବକ୍ସାଇଟ, କ୍ରୋମାଇଟ, କୋଇଲା ଇତ୍ୟାଦି ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ଅଛି, ତେଣୁ ପୁଞ୍ଜିପତି ଆକୃଷ୍ଟ ହେବା ସ୍ୱାଭାବିକ। କିନ୍ତୁ ଅସଲ କଥା ହେଉଛି କାରଖାନା ଏବଂ ଖଣି ସଂସ୍ଥା ପ୍ରତିଷ୍ଠା ହେବା ଫଳରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କର ବିକାଶ ହେଉଛି କି? ଉତ୍ତର ହେଉଛି 'ନା'। କାରଣ ଶିଳ୍ପପତିମାନେ ଶିଳ୍ପ ପ୍ରତିଷ୍ଠା ପୂର୍ବରୁ ବିଭିନ୍ନ ପ୍ରକାର ଲୋଭନୀୟ ପ୍ରତିଶ୍ରୁତି ଦିଅନ୍ତି, ସ୍ଥାନୀୟ ଯୁବକମାନଙ୍କୁ ଲୋଭ ଦେଖାନ୍ତି।

ଅନେକ ପରିବାର ବିସ୍ଥାପିତ ହୁଅନ୍ତି, ଭିଟାମାଟି ଛାଡ଼ନ୍ତି। ମାତ୍ର କାରଖାନାର ପାଚେରି ଠିଆ ହେବା ପରେ ସ୍ଥାନୀୟ ବେକାର ଯୁବକ ହକ୍ ପାଏନା। ଶିଳ୍ପ ସଂସ୍ଥାମାନେ ବାହାର ରାଜ୍ୟର ଯୁବକଯୁବତୀଙ୍କୁ ଆଣି ନିଯୁକ୍ତି ଦିଅନ୍ତି ଏବଂ ଅଣଓଡ଼ିଆମାନେ ଠିକାଦାରି କରନ୍ତି। ସ୍ଥାନୀୟ ଯୁବକ ବାହାରକୁ ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହୁଏ। କିଛି ଶ୍ରମିକଶ୍ରେଣୀର କାର୍ଯ୍ୟ ଏବଂ ଛୋଟମୋଟ ଠିକାଦାରୀ କିଛି ସ୍ଥାନୀୟ ମୁଷ୍ଟିମେୟ ପ୍ରଭାବଶାଳୀ ଯୁବକମାନଙ୍କୁ ଦିଆଯାଏ, ଯେଉଁମାନେ ସ୍ଥାନୀୟ ଅଞ୍ଚଳରେ ସେମାନଙ୍କୁ ସୁରକ୍ଷା ଦେଇପାରିବେ। ଏଥିପାଇଁ ରାଜ୍ୟ ସରକାର ଦୃଢ଼ ଆଇନ ପ୍ରଣୟନ କରି ଅଗ୍ରାଧିକାର ଭିତ୍ତିରେ ପ୍ରଥମେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଏବଂ ଠିକାଦାରୀ ଦେବା ବାଧ୍ୟତାମୂଳକ କରିବା ଆବଶ୍ୟକ। ଏଥିସହିତ ଉତ୍ପାଦିତ ଦ୍ରବ୍ୟ(ଫିନିସ୍‌ଡ ପ୍ରଡକ୍ଟ) ବାହାର ରାଜ୍ୟକୁ ପରିବହନ କରିବା ବଦଳରେ କଳକାରଖାନା ନିକଟରେ ଆନୁଷଙ୍ଗିକ ଶିଳ୍ପ ପ୍ରତିଷ୍ଠା କରିପାରିଲେ ଆହୁରି ନିଯୁକ୍ତି ଓ ବ୍ୟବସାୟର ସୁଯୋଗ ସୃଷ୍ଟି ହୋଇପାରନ୍ତା। ଯେପରିକି ଏସିଆର ସର୍ବବୃହତ ଷ୍ଟେନଲେସ ଷ୍ଟିଲ କାରଖାନା ଓଡ଼ିଶାର କଳିଙ୍ଗନଗରରେ ଅଛି। ମାତ୍ର ଷ୍ଟେନଲେସ ଷ୍ଟିଲର ଉପକରଣ କାରଖାନାଗୁଡ଼ିକ ବାହାର ରାଜ୍ୟରେ ପ୍ରତିଷ୍ଠା ଲାଭ କରିଛି। ସେହିପରି ଆଲୁମିନିୟମ ଏବଂ ଆଲୁମିନା କାରଖାନା ଓଡ଼ିଶାରେ; କିନ୍ତୁ ଆଲୁମିନିୟମ ଉତ୍ପାଦ ଏବଂ ବାସନକୁସନ ବାହାର ରାଜ୍ୟରେ ତିଆରି ହେଉଛି। ଏଗୁଡ଼ିକ ବାହାର ରାଜ୍ୟରେ ନରହି ଓଡ଼ିଶାରେ ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକ ଉପକୃତ ହେବା ସହିତ ରାଜ୍ୟ ମଧ୍ୟ ଅଧିକ ରାଜସ୍ୱ ହାସଲ କରିପାରନ୍ତା।

୪) ପ୍ରତି ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତିର ସୁଯୋଗ ଦେବା ଦରକାର ଯେପରି ପ୍ରତିଟି ପରିବାର ରୋଜଗାରକ୍ଷମ ହୋଇ ନିଜଗୋଡ଼ରେ ଛିଡ଼ା ହୋଇପାରିବେ ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଆତ୍ମନିଯୁକ୍ତି ଦେବାର ବାଟ ବାହାର କରିବା ସରକାରଙ୍କ ଦାୟିତ୍ୱ ହେବା ଉଚିତ।(କ୍ରମଶଃ...) ●

ପୂର୍ବତନ ମନ୍ତ୍ରୀ, ଓଡ଼ିଶା

## ସଂରକ୍ଷଣରେ କ୍ରିମିଲେୟର

କମଳାକାନ୍ତ ପ୍ରହରାଜ

ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀଙ୍କ ଉତ୍ତରପିଢ଼ି ପାଇଁ ସଂରକ୍ଷଣ ସୁବିଧା ଆବଶ୍ୟକ କି? ବୋଧହୁଏ ନା। କାରଣ ସେମାନେ ବର୍ତ୍ତମାନ ସେତିକି ପରିମାଣ ସକ୍ଷମ ଯେ ତାଙ୍କ ପାଇଁ ଆଉ ସଂରକ୍ଷଣର ଆବଶ୍ୟକତା ନାହିଁ। ସେଥିପାଇଁ ତ ପଛୁଆ ଜାତି ପାଇଁ 'ଇଡବ୍ଲୁଏସ୍'(ଇକନୋମିକ୍ ୱିକର ସେକ୍‌ସନ୍), ଇବିସି(ଇକନୋମିକ୍ ବ୍ୟାକ୍‌ୱାର୍ଡ କ୍ଲାସେସ୍) ଉଲ୍ଲେଖ କରାଯାଇ ଯାହାର ବାର୍ଷିକ ଆୟ ୮ ଲକ୍ଷରୁ ଅଧିକ ସେମାନଙ୍କୁ ସଂରକ୍ଷଣରୁ ମୁକ୍ତ କରିବା ପାଇଁ ମତ ପ୍ରକାଶ ପାଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଦୁଃଖର ବିଷୟ ଏହା ପାଇଁ କୌଣସି ବିଧିବଦ୍ଧ ନିୟମ କାନୁନ୍ ନାହିଁ। ସେଥିପାଇଁ ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ବିଭିନ୍ନ ଉଚ୍ଚ ନ୍ୟାୟାଳୟଗୁଡ଼ିକ ବିଭିନ୍ନ ସମୟରେ ବାଧ୍ୟ ହୋଇ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବାରମ୍ବାର କହୁଛନ୍ତି ଯେ 'କ୍ରିମିଲେୟର'କୁ ସଂରକ୍ଷଣରୁ ଅଲଗା କରାଯାଉ।।

ସବୁ ଜାତି/ ବର୍ଗ/ ସମ୍ପ୍ରଦାୟରେ କିଛି କିଛି 'କ୍ରିମିଲେୟର' ରହିଛି, ଯେଉଁମାନେ ଶିକ୍ଷା, ସାମାଜିକ ଓ ରାଜନୈତିକ ପ୍ରତିଷ୍ଠା, ଅର୍ଥ ଆଦିରେ ଉନ୍ନତ। ସେମାନଙ୍କ ପାଇଁ ଅନ୍ୟ କୌଣସି ଅନୁଗ୍ରହର ପ୍ରୟୋଜନ ନାହିଁ। ମୋ ବ୍ୟକ୍ତିଗତ ଅନୁଭବ ଅନୁଯାୟୀ - ଓଡ଼ିଶାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ୫୦୦ ରୁ ଅଧିକ ଉଚ୍ଚ ବିଦ୍ୟାଳୟ, ୬୩ ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଶତାଧିକ ଛାତ୍ରାବାସରୁ ପ୍ରତିବର୍ଷ ୫୦ ରୁ ୬୦ ହଜାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀ ସଫଳତାର ସହିତ ଉତ୍ତୀର୍ଣ୍ଣ ହେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ ମାତ୍ର ୧୦% ବା କମ୍ ପିଲା ଜୀବନ-ଜୀବିକା ଯୁଦ୍ଧରେ ବିଜୟୀ ହୁଅନ୍ତି। ଅର୍ଥାତ୍ ଛୋଟ ବଡ଼ ଚାକିରି କରି କୌଣସିପ୍ରକାରେ ତିଷ୍ଠି ରହନ୍ତି। ଅପରପକ୍ଷରେ 'କ୍ରିମିଲେୟର'ରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନେ ୫ରୁ ୬ ହଜାର ମଧ୍ୟରେ ସୀମିତ ଥିବେ, ଯେଉଁମାନେ କି ରାଜ୍ୟ ବା ଦେଶର ନାମୀ ଦାମୀ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରୁ ଉତ୍ତୀର୍ଣ୍ଣ ହୋଇଥା'ନ୍ତି। ଦେଖାଯାଏ ଯେ ସେମାନଙ୍କର ବାପ ମା'ଙ୍କର ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ବଢ଼ିଥିବାରୁ ଚାକିରି ପାଇବା କ୍ଷେତ୍ରରେ ୮୦ ରୁ ୯୦ ଶତକଡ଼ା ପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇଥା'ନ୍ତି।

ଉଦାହରଣ ସ୍ୱରୂପ, ମନେ କରନ୍ତୁ ଏ ବର୍ଷ ସବୁ ବିଭାଗ ମିଶି ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପାଇଁ ୫୦୦ ଟି ଚାକିରି ବାହାରିଛି। ସେହି ବର୍ଗର ସାଧାରଣ ଗରିବ ଘରର ୧୦ ହଜାର ଓ ଧନୀ ଘରର ୧ ହଜାର ପିଲା ପରୀକ୍ଷା ଦେଇଥିବେ। ସାଧାରଣତଃ ଦେଖାଯାଉଛି ଯେ ସାଧାରଣ ଗରିବ ପିଲା ୧୦ ହଜାରରୁ ମାତ୍ର ୫୦/୬୦ ଟି ଚାକିରି ପାଉଥିବା ସ୍ଥଳେ ଧନୀ ଘରର ପିଲା ବାକି ୪୪୦ ରୁ ୪୫୦ ଟି ଚାକିରି ଉପରେ ନିଜର ହକ୍ ଜମାଇ ବସୁଛନ୍ତି। ଏହା ଗୁଣୋତ୍ତର ପ୍ରଗତି କ୍ରମେ ଘୋର ଆର୍ଥିକ ବୈଷମ୍ୟ ସୃଷ୍ଟି କରୁଛି। କିନ୍ତୁ ଏହାଠାରୁ ଆହୁରି ପରିତାପର ବିଷୟ ଏହିକି ଯେ ସରକାର ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟର ଉପଦେଶ ଶୁଣିବା ପରିବର୍ତ୍ତେ, ତୁଷ୍ଟୀକରଣ ରାଜନୀତି ମାଧ୍ୟମରେ ରାଜ୍ୟରେ ଉଚ୍ଚଶିକ୍ଷାରେ ସଂରକ୍ଷଣକୁ ଦୁଇଗୁଣା ବୃଦ୍ଧି କରିଦେଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଲୋକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଗଲା। ସମସ୍ତେ ଉତ୍ସାହିତ ହୋଇ ସରକାରଙ୍କ ଗୁଣଗାନ କରିବାରେ ଲାଗିପଡ଼ିଲେ। 'କ୍ରିମିଲେୟର' କଥା ଭୁଲିଗଲେ।

ସଂରକ୍ଷଣରେ ଏହି ଦୁଇଗୁଣ ବୃଦ୍ଧି, ସେହି ବର୍ଗର ସାଧାରଣ ଗରିବ ଛାତ୍ରଛାତ୍ରୀମାନଙ୍କର ବିଶେଷ କିଛି ଲାଭ ହେବ ନାହିଁ। ସବୁ ସୁବିଧା ସୁଯୋଗ ସେହି 'କ୍ରିମିଲେୟର'ମାନେ ହିଁ ମାଡ଼ି ବସିବେ। ସାଧାରଣ ଗରିବ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଯେଉଁ ତିମିରକୁ ସେହି ତିମିରେ। ତେଣୁ ଯେତେଶୀଘ୍ର ସରକାର ସବୁ ରାଜନୈତିକ ଦଳ ଏବଂ ସମସ୍ତ ଜନତା ବୁଝିବିଚାରି ଯେତେଶୀଘ୍ର କାର୍ଯ୍ୟ କରିବେ, ଅର୍ଥାତ୍ ସଂରକ୍ଷଣ ବୃଦ୍ଧି ପରିବର୍ତ୍ତେ 'କ୍ରିମିଲେୟର'ମାନଙ୍କୁ ସଂରକ୍ଷଣରୁ ଅପସାରଣ ସହ କେବଳ ଆର୍ଥିକ ମାନଦଣ୍ଡ ଆଧାରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ, ତାହା ରାଜ୍ୟ, ଦେଶ ଓ ସମସ୍ତଙ୍କ ପାଇଁ ମଙ୍ଗଳ ହେବ। ●

(ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧୀଶ)
ଭୁବନେଶ୍ୱର, ମୋ: ୭୦୦୮୩୮୫୯୮୫

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

### ଓଡ଼ିଶାର ବୌଦ୍ଧ ପରମ୍ପରା

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ନଂ୧୦ - ଏହା ଏକ ଶୁଦ୍ଧ ନୈତିକ ଅନୁଶାସନ। ଲୋକମାନେ ଯେପରି ଧମ୍ମ(ଧର୍ମ/ନୀତି) ଅନୁସରଣ କରନ୍ତି କେବଳ ସେଥିପାଇଁ ଅଶୋକ ପ୍ରସିଦ୍ଧ ବା ଯଶ କାମନା କରିଛନ୍ତି। ଧର୍ମର ମାର୍ଗ ଅତ୍ୟନ୍ତ କଠିନ ଏବଂ ଉଚ୍ଚ ପଦବୀରେ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଅଧିକ କଷ୍ଟକର। ନଂ ୧୪- ଏହି ଅନୁଶାସନଟି ପ୍ରାୟ ଏକ ପୁସ୍ତିକା ସଦୃଶ, ଯେଉଁଥିରେ ସମ୍ରାଟ ଅଶୋକ ସ୍ୱୀକାର କରିଛନ୍ତି ଯେ ତାଙ୍କର ସମସ୍ତ ଶିଳାଲେଖ ସବୁ ସ୍ଥାନରେ ଖୋଦିତ ହୋଇନାହିଁ ଏବଂ କିଛି ସଂସ୍କରଣରେ କିଛି ତ୍ରୁଟି ମଧ୍ୟ ରହିଯାଇ ଥାଇପାରେ।

ଯାହା ଦେଖାଯାଉଛି ଅଥବା ଜଣାଯାଉଛି, ଏହି ଅନୁଶାସନଗୁଡ଼ିକ କଳିଙ୍ଗରେ ମୌର୍ଯ୍ୟ ସାମ୍ରାଜ୍ୟର ଶକ୍ତିଶାଳୀ ନିୟନ୍ତ୍ରଣ କିମ୍ବା ସେଠାରେ ଅଶୋକଙ୍କ ଧର୍ମର ପ୍ରଚାର ପ୍ରସାର ଉପରେ କେଣେସି ପ୍ରକାର କ୍ଷତିକାରକ ପ୍ରଭାବ ପକାଇଥିବା ଆଦୌ ସମ୍ଭବ ନୁହେଁ। ବିଜିତ ଲୋକମାନଙ୍କ ମଧ୍ୟରେ ଏଗୁଡ଼ିକୁ ପ୍ରକାଶ ନ କରିବାର କୌଣସି ଠୋସ୍ କାରଣ ନଥିଲା। ଅନ୍ୟପକ୍ଷରେ, କଳିଙ୍ଗ ସଂସ୍କରଣରେ ବାଦ୍ ଦିଆଯାଇଥିବା ତିନୋଟି ଅନୁଶାସନରେ ଏପରି କିଛି ବିଷୟବସ୍ତୁ ଥାଇପାରେ, ଯାହାକୁ ସେଠାରେ ଅଧିକ ଲୋକଙ୍କୁ ଜଣାଇବା ଅନୁଚିତ କିମ୍ବା ବିପଦଜନକ ତଥା ଅସୁବିଧାଜନକ ହୋଇପାରେ ବୋଲି ଆଶଙ୍କା କରାଯାଇ ଥାଇପାରେ।

କଳିଙ୍ଗରେ ପ୍ରକାଶିତ ହୋଇନଥିବା ଶିଳାଲେଖ: ନଂ୧୧ - ଏହି ଅନୁଶାସନଟି ସ୍ପଷ୍ଟ ଭାବେ ଗୋଟିଏ ଅନପକାରୀ ରାଜାଜ୍ଞା ଥିଲା, ଯେଉଁଥିରେ ଧର୍ମର ଗୁଣଗାନ କରାଯାଇ ଏହାକୁ ମାନିବା ନିମନ୍ତେ ଲୋକମାନଙ୍କୁ କୁହାଯାଇଥିଲା। କଳିଙ୍ଗ ସଂସ୍କରଣରେ ଏହି କ୍ଷୁଦ୍ର ଅନୁଶାସନଟିକୁ କାହିଁକି ବାଦ ଦିଆଗଲା ସେ ନେଇ କୌଣସି ସ୍ପଷ୍ଟ ସଙ୍କେତ ଅଥବା ସୂଚନା ମିଳେ ନାହିଁ। ଏହା ହୁଏତ ଅସାବଧାନତା ଯୋଗୁଁ କିମ୍ବା ଭୁଲବଶତଃ ଅଥବା ସହଜ ଭାବରେ କହିଲେ ଏହି ଲେଖାଗୁଡ଼ିକରେ ସମାନ ପ୍ରକାରର ଭାବନା ଅନ୍ୟତ୍ର ଉପଲବ୍ଧ ଥିବାରୁ ଏହାକୁ ବାଦ ଦିଆଯିବା ଦ୍ୱାରା ସମୟ, ପରିଶ୍ରମ ତଥା ବ୍ୟୟଭାର ବଞ୍ଚାଯାଇପାରିବା ହୋଇଥାଇପାରେ। ନଂ ୧୨ - ଏହା ହେଉଛି ସେହି ପ୍ରସିଦ୍ଧ ଶିଳାଲେଖ ଅଥବା ରାଜାନୁଶାସନ, ଯେଉଁଥିରେ ସମ୍ରାଟ ଅଶୋକ ତାଙ୍କ ସାମ୍ରାଜ୍ୟର ବିଭିନ୍ନ ଧର୍ମ ଓ ସଂପ୍ରଦାୟଗୁଡ଼ିକ ମଧ୍ୟରେ ସହନଶୀନଳତା ତଥା ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ବଜାୟ ରଖିବା ନିମନ୍ତେ ଅଶୋକଙ୍କର ଏକ ଆହ୍ୱାନ। ଯଦି ଏହି ଅନୁଶାସନର ବାଦ ପଡ଼ିବା କେବଳ ସ୍ଥାନ ଓ ସମୟର ଅଭାବ ଯୋଗୁଁ ନ ହୋଇଥାଏ, ଯେପରି ନଂ ୧୧ କ୍ଷେତ୍ରରେ ଘଟିଥିଲା। ଆମେ କେବଳ ଏହା ହିଁ କହିପାରିବା କି ସେତେବେଳେ କଳିଙ୍ଗରେ ଏପରି କିଛି ଧର୍ମଗୋଷ୍ଠୀ ଥିଲେ, ଯାହାଙ୍କୁ ଅଶୋକ ଓ ମୌର୍ଯ୍ୟସାମ୍ରାଜ୍ୟ ପସନ୍ଦ କରୁନଥିଲେ ଏବଂ ସେହି ଧର୍ମ, ପରମ୍ପରା ବା ସଂସ୍କୃତିକୁ ରାଜ ପ୍ରୋତ୍ସାହନ ଦିଆଯାଉ ନ ଥିଲା। ଏଠାରେ ଆମେ କେବଳ ଅନୁମାନ କରିପାରିବା ଏବଂ ଏହା ପରେ ପରେ ରହିଥିବା ବିଷୟବସ୍ତୁକୁ ମଧ୍ୟ ଏକ ଅନ୍ଦାଜ ବୋଲି ଧରି ନିଆଯାଇପାରେ। କିନ୍ତୁ ଏହା ନିଶ୍ଚିତ ଭାବେ ଏକ ଯୁକ୍ତିଯୁକ୍ତ ସମ୍ଭାବନା।

ଏହା ସମସ୍ତଙ୍କୁ ଜଣା ଯେ ଓଡ଼ିଶାର ଲୋକମାନେ ବିଶେଷଭାବରେ ଶ୍ରୀଜଗନ୍ନାଥ ଧର୍ମ ପ୍ରତି ଅତ୍ୟନ୍ତ ଭକ୍ତିଭାବ ରଖିଥା'ନ୍ତି, ଯାହା ପୁରୀର ପ୍ରସିଦ୍ଧ ଶ୍ରୀମନ୍ଦିର ଉପରେ କେନ୍ଦ୍ରୀଭୂତ। ଓଡ଼ିଶାର ଆଞ୍ଚଳିକ ଜାତୀୟତା ଅତିକମ୍‌ରେ ହଜାରେ କିମ୍ବା ତା'ଠାରୁ ଅଧିକ ବର୍ଷ ଧରି ଏହି ଧର୍ମଧାରାକୁ କେନ୍ଦ୍ର କରି ଗଢ଼ି ଉଠିଛି। ଆମେ ଜଗନ୍ନାଥ ଧର୍ମ ଓ ସଂସ୍କୃତିର ଇତିହାସକୁ ଅଶୋକଙ୍କ ସମୟ ପର୍ଯ୍ୟନ୍ତ ନେଇ ଖୋଜି ପାରିବା ନାହିଁ। ମାତ୍ର ଏହା ସମ୍ଭବ ଯେ ଏହାପୂର୍ବରୁ କୌଣସି ଏକ ରୂପରେ ଏହି ଧର୍ମଧାରା ନିଶ୍ଚିତ ଭାବରେ ବିଦ୍ୟମାନ ଥିଲା, ଏକ ଅସଂସ୍କୃତ ରୂପରେ, ଯେଉଁଥିରେ ଏହାର ଦେବତ୍ୱ ହିନ୍ଦୁ ଦେବତା ବିଷ୍ଣୁଙ୍କ ସହିତ ଚିହ୍ନଟ ହୋଇ ନ ଥିଲା। ଏହିପରି ଏକ ଧର୍ମ / ସଂପ୍ରଦାୟ ଯାହାର ନିଜସ୍ୱ ସ୍ଥାନୀୟ ପୁରୋହିତ ବର୍ଗ ଥିଲେ। ସେମାନେ ମୌର୍ଯ୍ୟ ସାମ୍ରାଜ୍ୟର ଶାସନ ବିରୋଧରେ ନିଶ୍ଚିତ ଭାବରେ ପ୍ରତିରୋଧର ମତପୋଷଣ କରିଥିବେ ଏବଂ ବିଦ୍ରୋହ ନିମନ୍ତେ ଲୋକମାନଙ୍କୁ ଉତ୍ସାହିତ କରିଥିବେ। ଯାହା ଫଳରେ କଳିଙ୍ଗର ପୁରୁଣା ସ୍ଥାନୀୟ ରାଜାଙ୍କୁ ପୁଣି ଶାସନକୁ ଅଣାଯାଇପାରିବ। ଏହା ମଧ୍ୟ କଳିଙ୍ଗ ସଂସ୍କରଣରେ ଅଶୋକଙ୍କୁ ଦ୍ୱାଦଶ ଶିଳାଲେଖକୁ ବାଦ ଦିଆଯିବାର କାରଣ ହୋଇପାରେ। ଏହିଭଳି ଭିନ୍ନ ଭିନ୍ନ କଳ୍ପନା ଜଳ୍ପନା କରାଯାଇପାରେ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଜାତୀୟ ଖାଦ୍ୟ ତୈଳ ମିଶନ-ଅଏଲ ପାମ୍ ଅନ୍ତର୍ଗତ ରନ୍ଧନ ତୈଳ ଉତ୍ପାଦନ ବୃଦ୍ଧି ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ



ଭୁବନେଶ୍ୱର,୩୧।୭(ସମିସ): ଜାତୀୟ ଖାଦ୍ୟ ତୈଳ ମିଶନ-ଅଏଲ ପାମ୍ ଅନ୍ତର୍ଗତ ରନ୍ଧନ ତୈଳ ଉତ୍ପାଦନ ବୃଦ୍ଧି ଉପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ମିଶନ ଅଏଲ ପାମ୍‌ର କାର୍ଯ୍ୟକାରିତାର ସ୍ଥିତି ଉପରେ ଲୋକଭବନର ନ୍ୟୁ ଅଭିଷେକ ହଲ ଠାରେ ଆୟୋଜିତ ବୈଠକରେ ରାଜ୍ୟପାଳ ଭାରତର ଆମଦାନି ନିର୍ଭରତା କମାଇବା ପାଇଁ ଘରୋଇ ଖାଦ୍ୟ ତୈଳ ଉତ୍ପାଦନ ବୃଦ୍ଧି କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହା ଜାତୀୟ ଅର୍ଥନୀତିକୁ ମଜବୁତ କରିବ, ବିଦେଶୀ ମୁଦ୍ରା ସଞ୍ଚୟ ଏବଂ ଖାଦ୍ୟ ନିରାପତ୍ତା ବଢ଼ାଇବ ବୋଲି ରାଜ୍ୟପାଳ କହିଥିଲେ। କୃଷିପ୍ରଧାନ ଦେଶ ହୋଇଥିବା ସତ୍ତ୍ୱେ ଭାରତ ଏପର୍ଯ୍ୟନ୍ତ ପ୍ରଚୁର ପରିମାଣରେ ଖାଦ୍ୟ ତୈଳ ଆମଦାନି କରୁଛି। ଫଳରେ ବିଦେଶୀ ମୁଦ୍ରାର ବହୁଳ ପରିମାଣରେ ବାହ୍ୟପ୍ରବାହ ହେଉଛି। ଆମଦାନି କମାଇ ଘରୋଇ ଉତ୍ପାଦନ ବୃଦ୍ଧି କରିପାରିଲେ ଦେଶର ଅର୍ଥନୀତି ମଜବୁତ୍ ହେବ। ଓଡ଼ିଶାରେ ସମ୍ଭାବନା ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଅନୁକୂଳ କୃଷି-ଜଳବାୟୁ ପରିସ୍ଥିତି ଏବଂ ବିସ୍ତୃତ ଚାଷପୋଯୋଗୀ ଜମି ସହିତ ଓଡ଼ିଶା ଭାରତର ଖାଦ୍ୟ ତୈଳ ସ୍ୱାବଲମ୍ବନଶୀଳତାରେ ଏକ ପ୍ରମୁଖ ଅବଦାନ ରଖୁଥିବା ରାଜ୍ୟ ଭାବେ ଉଭା ହେବାର ପୂର୍ଣ୍ଣ ସମ୍ଭାବନା ରହିଛି। ଜିଲ୍ଲା ପ୍ରଶାସନ, ଗବେଷଣା ଅନୁଷ୍ଠାନ ଏବଂ ତାଲିକାଭୁକ୍ତ ବେସରକାରୀ ସହଭାଗୀଙ୍କ ସହଯୋଗରେ ଓଡ଼ିଶା ସରକାର ଗ୍ରହଣ କରିଥିବା କ୍ଲଷ୍ଟର ଆଧାରିତ କାର୍ଯ୍ୟକାରିତା କୌଶଳ ଏକ ସ୍ଥିର ପାମ୍ ତୈଳ ପରିବେଶ ତଥା ଗ୍ରାମୀଣ ଜୀବିକାର ରୂପାନ୍ତରଣ କରିପାରିବ ବୋଲି ସେ କହିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବରିଷ୍ଠ ଅଧିକାରୀ, ଉଦ୍ୟାନ ନିର୍ଦ୍ଦେଶାଳୟ, ପାମ୍ ତୈଳ କମ୍ପାନୀର ପ୍ରତିନିଧି ଏବଂ ଲୋକ ଭବନର ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଓଡ଼ିଶାରେ ଏହି ମିଶନର କାର୍ଯ୍ୟକାରିତାର ସ୍ଥିତି ଉପରେ ବିସ୍ତୃତଭାବେ ଆଲୋକପାତ କରିଥିଲେ। ଉଦ୍ୟାନ ନିର୍ଦ୍ଦେଶକ କଲୁଙ୍ଗ୍ ଗୋରାଖ୍ ୱାମନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁଗ୍ମ ନିର୍ଦ୍ଦେଶକ ଗୀତାଶ୍ରୀ ପାର୍ହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ୟା ପାଣିରେ ବୁଡ଼ି ୭ ବର୍ଷର ଶିଶୁ କନ୍ୟା ମୃତ

ଅସୁରାଳି,୩୧।୭(ସମିସ): ଧାମନଗର ବ୍ଲକ୍ ଫତେପୁର ଗାଁର ନୃସିଂହ ସାହୁଙ୍କ ୭ ବର୍ଷର ଝିଅ ଜ୍ୟୋତି ସାହୁ ବନ୍ୟା ପାଣିରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ଏହି ଦୁଃଖଦ ଘଟଣା ପରେ ସମଗ୍ର ଧାମନଗର ଓ ଫତେପୁର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ପ୍ରକାଶ ଯେ, ଆଜି ଦିନ ପ୍ରାୟ ୧୨ଟାରେ ଜ୍ୟୋତି ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତା ଯୋଗୁଁ ଗଭୀର ବନ୍ୟା ପାଣିରେ ବୁଡ଼ି ଯାଇଥିଲେ। ପରିବାର ଓ ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ଖବର ପାଇ ଧୂଷୁରୀ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ଶପଥପତ୍ର

ଆମ୍ଭେ ସନ୍ଦୀପ କୁମାର ଦାସ, ପିତା- ଶିଶିର କୁମାର ଦାସ ବୟସ ପ୍ରାୟ ୩୨ ବର୍ଷ, ଗ୍ରାମ/ସାହି - ନୂଆଗାଁ, ପୋ - ବାଲିସାହି, ନରସିଂହପୁର, ଜି-କଟକ, ଏହା ଜଣାଉ ଅଛୁ ଯେ ମୋ ଘର ନିକଟରେ, ଖାତା ନଂ. ୧୮୮/୧୦, ପ୍ଲଟ୍ ନଂ. ୪୨, ସମ୍ବନ୍ଧୀୟ ମୂଳ ଆରଓଆର୍ ହଜିଯାଇଛି / ମିଳୁନାହିଁ । ଏହି ସମ୍ବନ୍ଧରେ ୨୯.୦୭.୨୦୨୬ ତାରିଖରେ କୁଡୁମ ଥାନାରେ ଅଭିଯୋଗ କରାଯାଇଅଛି । ଯଦି କେହି ଉକ୍ତ ଆରଓଆର/ପଟ୍ଟା ପାଇଥାଆନ୍ତି ଦୟାକରି ନିମ୍ନୋକ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରିବେ । ଆଡ୍‌ଭୋକେଟ ସୋମନାଥ ପଟ୍ଟନାୟକ-୮୪୨୦୦୧୧୯୯୫

## AFFIDAVIT

By virtue of an affidavit no10549, sworn before the Executive Magistrate Jajpur on dtd 31/07/2026, I Sasmita Jena, aged-35years, W/o- Late Bikas Jena, permanent resident of At/P.o-Kapila, P.s-Alakund, Dist-Jajpur, Odisha, Pin -755004 declared that I have changed my minor daughter's name from MAMUNI JENA(Old Name) to PAPUNI JENA(New Name) Henceforth she shall be known as **PAPUNI JENA** for all future purposes.

Sd/-Sasmita Jena

## AFFIDAVIT

By virtue of an affidavit no 2326, sworn before the Notary Public, Umerkote, Dist.- Nabarangpur, dtd 30/07/2026, I, Bharati Baidya, At/Po- Murtuma, U.V.-6, Ps.- Umerkote, Dist. Nabarangpur, hereby declare that the name of my minor daughter has been changed from Gungun Baidya to Aadyasha Baidya. Henceforth she shall be known as **Aadyasha Baidya** for all purposes.

Sd/- Bharati Baidya

## AFFIDAVIT

By virtue of an affidavit no. 113 before the Executive Magistrate, Bhubaneswar, dtd. 31/07/2026, I, Smruti Bhoi, D/o- Tunia Bhoi, residing At- Bhagabanpur, Po-Patrapada, Bhubaneswar-751019 do hereby declare that I have changed my name from Meghana Bhoi to **Smruti Bhoi.** That both the names refer to one and the same person i.e. myself. Henceforth I shall be known as **Smruti Bhoi** for all purposes.

Smruti Bhoi

## AFFIDAVIT

I, Chandan Mishra, aged about 46 years, S/o- Sashibhusan Mishra, resident of At-Sadhanapitha, Subalapur, PO: Satasnkha, PS: Pipili, Dist: Puri, State: Odisha, PIN- 752046 declared by this affidavit No. 1984, dtd-23.07.2026 that now onwards I shall be known as **CHANDAN KUMAR MISHRA** for all future purposes.

## AFFIDAVIT

I, Kabita, aged about 41 years, W/o- Chandan Kumar Mishra, resident of At- Sadhanapitha, Subalapur, PO: Satasnkha, PS: Pipili, Dist: Puri, State: Odisha, PIN- 752046 declared by this affidavit No. 1983, dtd- 23.07.2026 that now onwards I shall be known as **KABITA MISHRA** for all future purposes.

24001/364/2627

## ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No. RDM-LAB-GM-0029-2025- 17877 / R&DM, Dated 27.04.2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ଦୋଳବ**, ଥାନା- **ପାଟପୁର**, ତହସିଲ- **ସାନଖେମୁଣ୍ଡି**, ଜିଲ୍ଲା- ଗଞ୍ଜାମରେ ନିମ୍ନ ସୂଚୀତ 'କ' ତଫସିଲ ଜମିରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗଞ୍ଜାମ ଜିଲ୍ଲାରେ ଛେଳିଗଡ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୨୯୬୫୦** ତା. **୦୭.୦୮.୨୦୨୫** ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଦୋଳବ**, ଥାନା- **ପାଟପୁର**, ତହସିଲ- **ସାନଖେମୁଣ୍ଡି**, ଜିଲ୍ଲା- ଗଞ୍ଜାମରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, (ଛେଳିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

### ତଫସିଲ- କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ଜିଲ୍ଲା: ଗଞ୍ଜାମ** **ତହସିଲ: - ସାନଖେମୁଣ୍ଡି**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଦୋଳବ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୯.୯୨୧ | ଏକର ୩.୫୮୫ | ଏଥି ସହିତ ସଂଲଗ୍ନ |

### ତଫସିଲ- ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

**ଜିଲ୍ଲା: ଗଞ୍ଜାମ** **ତହସିଲ: - ସାନଖେମୁଣ୍ଡି**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୩.୧୨.୨୦୨୫।

### ଦୋଳବ ଗ୍ରାମର ଜମିର ବିବରଣୀ

ମୌଜା – ଦୋଳବ ତହସିଲ - ସାନଖେମୁଣ୍ଡି ଜିଲ୍ଲା – ଗଞ୍ଜାମ

| କ୍ରମିକ ସଂଖ୍ୟା | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ହେବାକୁ ଥିବା ଜମିର ପରିମାଣ | କିସମ | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧ | ୨୦୧୮ | ୦.୦୭୦ | ୦.୦୫୫ | ବିଲ ଅଣଜଳସେଚିତ ଦୁଇ | ଅନନ୍ତ ରାଉଳ ପି: ଦଣ୍ଡିଆ ରାଉଳ ଜା: କୁରୁମ ବା:ନିଜଗାଁ | |
| | | ୨୦୪୧ | ୦.୦୬୦ | ୦.୦୨୦ | | | |
| ୨ | ୬ | ୨୧୩୨ | ୦.୩୨୦ | ୦.୧୭୫ | ପଦର | ଅରକ୍ଷିତ ରାଉତ, ଦୟା ରାଉତ, କୁନ୍ଦନ ରାଉତ ପି: କୋରା ରାଉତ, କେତକି ରାଉତ ସ୍ୱା: କୋରା ରାଉତ, ଶିରି ରାଉତ ସ୍ୱା: ଦୁଃଖା ରାଉତ, ଉଲି ରାଉତ, ହେମ ରାଉତ, ସତ୍ୟ ରାଉତ ପି: ଦଣ୍ଡିଆ ରାଉତ, ବାସୁ ରାଉତ ପି: ଅନାମ ରାଉତ, ମଧୁ ରାଉତ ପି: ଜଗା ରାଉତ, ବେନୁ ରାଉତ, ପୁନିଆଁ ରାଉତ ପି: ଇଶ୍ୱର ରାଉତ, ରଘୁ ରାଉତ ପି: କ୍ଷେତ୍ରି ରାଉତ, ତବତିଆ ରାଉତ ପି: ଶୁକ୍ର ରାଉତ, ଅର୍ଜ୍ଜୁନ ରାଉତ, ବୁଧି ରାଉତ ପି: ରାମ ରାଉତ, ଚେରୁ ରାଉତ ପି: ଭିମ ରାଉତ, ସାଇବାଣି ରାଉତ ସ୍ୱା: ଭିମ ରାଉତ, ସିପା ରାଉତ ପି: କଇ ରାଉତ, ଭିମ ରାଉତ, ହରି ରାଉତ, ଲିଙ୍ଗା ରାଉତ, ଗୋବିନ୍ଦ ରାଉତ ପି: ବାପାଣି ରାଉତ, ମୋଟିଆଣି ରାଉତ ପି: ମୋହନ ରାଉତ, ରଇବାରି ରାଉତ ସ୍ୱା: ଯଦୁ ରାଉତ, ନଟିଆ ରାଉତ ପି: ଭାଇଗ ରାଉତ ଜା: କୁରୁମ ବା: ନିଜଗାଁ | |
| ୩ | ୭ | ୨୦୨୮ | ୦.୦୮୫ | ୦.୦୭୫ | ବିଲ ଅଣଜଳସେଚିତ ଦୁଇ | ଆନନ୍ଦ ରାଉଳ ପି: ଦଣ୍ଡିଆ ରାଉଳ ଜା: କୁରୁମ ବା:ନିଜଗାଁ | |
| | | ୨୦୩୦ | ୦.୦୫୨ | ୦.୦୩୫ | | | |
| | | ୨୦୪୦ | ୦.୦୫୫ | ୦.୦୫୦ | | | |
| ୪ | ୧୩ | ୨୦୭୩ | ୦.୩୫୦ | ୦.୦୫୦ | ପଦର | ଉଜ୍ଜଳ ଗଉଡ ପି: ମେହେଙ୍କାଳ ଗଉଡ ଜା: ଗଉଡ ବା:ନିଜଗାଁ | |
| ୫ | ୩୫ | ୧୭୨୨ | ୦.୬୦୦ | ୦.୧୧୦ | ପଦର | କୋରା ପାତ୍ର ପି: ଚନ୍ଦରୁ ପାତ୍ର ଜା: କୁରୁମ ବା:ନିଜଗାଁ | |
| ୬ | ୩୯ | ୨୧୦୦ | ୦.୧୦୦ | ୦.୦୪୫ | ପଦର | ଗଦା ନାୟକ ପି: ବେଣିଆ ନାୟକ ଜା: କୁରୁମ ବା:ନିଜଗାଁ | |
| | | ୨୧୦୧ | ୦.୦୬୫ | ୦.୦୧୦ | | | |
| ୭ | ୪୫ | ୧୭୦୩ | ୦.୨୯୦ | ୦.୦୭୦ | ପଦର | ଗୋପିନାଥ ରଥ ପି:ବିନାୟକ ରଥ ଜା:ବ୍ରାହ୍ମଣ ବା:ନିଜଗାଁ | |
| ୮ | ୫୮ | ୨୧୧୪ | ୦.୨୨୦ | ୦.୦୪୫ | ପଦର | ଜାଗିଲି ନାୟକ ପି: ଦଣ୍ଡ ନାୟକ, କୌତୁକି ନାୟକ ସ୍ୱା: ଦଣ୍ଡ ନାୟକ, ରଙ୍କ ନାୟକ, ବାବାଜି ନାୟକ ପି: ଭାଇଗ ନାୟକ, ଡଲି ନାୟକ, ଝୁମ୍ପା ନାୟକ ପି: ଭୋବନା ନାୟକ, ଚାଂପା ନାୟକ ସ୍ୱା:ଭୋବନା ନାୟକ, ସୁମା ନାୟକ, ପରି ନାୟକ, ରବି ନାୟକ ପି: ଅର୍ଜ୍ଜୁନ ନାୟକ, ଝରି ନାୟକ ସ୍ୱା: ଅର୍ଜ୍ଜୁନ ନାୟକ, ନଟବର ନାୟକ ପି: ନାଲୁ ନାୟକ, ତବତିଆ ନାୟକ, ସହଦେବ ନାୟକ, ସବିତ୍ରି ନାୟକ ପି: ଖୁରିଆ ନାୟକ, କନ୍ତାରୁ ନାୟକ, ରଘୁନାଥ ନାୟକ, କୈବଲ ନାୟକ, ନକୁଳ ନାୟକ ପି: ବୈରାଗି ନାୟକ, ଭଲା ନାୟକ, ସେବାବତୀ ନାୟକ, ବିଷ୍ଣୁ ନାୟକ ପି: ଭୀମ ନାୟକ, ଝୁମ୍ପା ନାୟକ ସ୍ୱା: ଭୀମ ନାୟକ, ବୁଲି ନାୟକ ପି: ଅଧମ ନାୟକ, କୁମାରୀ ନାୟକ ସ୍ୱା: ଅଧମ ନାୟକ ଜା: କୁରୁମ ବା: ନିଜଗାଁ | |
| | | ୨୧୧୫ | ୦.୧୩୫ | ୦.୦୪୦ | | | |
| | | ୨୧୧୮ | ୦.୧୨୦ | ୦.୦୬୦ | | | |
| | | ୨୧୧୯ | ୦.୧୧୦ | ୦.୦୧୦ | | | |
| | | ୨୧୨୩ | ୦.୦୭୦ | ୦.୦୧୦ | | | |
| | | ୨୧୨୪ | ୦.୧୭୫ | ୦.୦୩୫ | | | |
| ୯ | ୫୯ | ୨୦୬୦ | ୦.୦୮୫ | ୦.୦୦୫ | ବିଲ ଅଣଜଳସେଚିତ ଦୁଇ | ଜାଗିଲି ନାୟକ ପି: ବେନୁ ନାୟକ ଜା: କୁରୁମ ବା: ନିଜଗାଁ | |
| ୧୦ | ୬୧ | ୨୦୮୫ | ୦.୧୦୫ | ୦.୦୨୦ | ପଦର | ଜାଗିଲି ପାତ୍ର, ପରି ପାତ୍ର, ପଙ୍କଜ ପାତ୍ର ପି: ବୃନ୍ଦା ପାତ୍ର, ସୀତା ପାତ୍ର ସ୍ୱା: ବୃନ୍ଦା ପାତ୍ର ଜା: କୁରୁମ ବା: ନିଜଗାଁ | |
| ୧୧ | ୭୨ | ୨୦୧୯ | ୦.୦୬୦ | ୦.୦୪୫ | ବିଲ ଅଣଜଳସେଚିତ ଦୁଇ | ଦଣ୍ଡିଆ ନାୟକ ପି: ନରସିଂହ ନାୟକ ଜା: କୁରୁମ ବା: ନିଜଗାଁ | |
| | | ୨୦୨୦ | ୦.୦୪୩ | ୦.୦୧୦ | | | |
| | | ୨୦୨୧ | ୦.୦୫୦ | ୦.୦୧୦ | | | |
| ୧୨ | ୮୩ | ୨୦୧୦ | ୦.୫୧୫ | ୦.୧୧୫ | ପଦର | ନଟବର ନାୟକ ପି: ନାଲୁ ନାୟକ, ଝରା ନାୟକ ସ୍ୱା: ନଟବର ନାୟକ ଜା: କୁରୁମ ବା: ନିଜଗାଁ | |
| | | ୨୦୧୭ | ୦.୯୦୦ | ୦.୦୦୫ | ବିଲ ଅଣଜଳସେଚିତ ଦୁଇ | | |
| ୧୩ | ୮୬ | ୧୫୯୧ | ୦.୧୯୦ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ନରସିଂହ ପଣ୍ଡା, ଚନ୍ଦ୍ରଶେଖର ପଣ୍ଡା ପି: ଭିକାରୀ ପଣ୍ଡା ଜା:ବ୍ରାହ୍ମଣ ବା: ଭୀଷ୍ମଗିରୀ | |
| ୧୪ | ୯୧ | ୧୭୧୦ | ୧.୦୦୦ | ୦.୨୩୦ | ପଦର | ପର୍ଶୁରାମ ନାୟକ, ବିଦ୍ଯାଧର ନାୟକ, ଅଲେଖ ନାୟକ, କୃଷ୍ଣଚନ୍ଦ୍ର ନାୟକ ପି: ଧନୁ ନାୟକ ଜା:କୁରୁମ ବା:ନିଜଗାଁ | |
| ୧୫ | ୧୦୩ | ୧୭୦୬ | ୦.୧୦୫ | ୦.୦୧୫ | ପଦର | ବୀର ନାୟକ ପି: ପରମା ନାୟକ ଜା:କୁରୁମ ବା:ନିଜଗାଁ | |
| | | ୨୧୦୬ | ୦.୨୦୦ | ୦.୦୫୦ | | | |
| ୧୬ | ୧୦୭ | ୨୦୨୯ | ୦.୦୭୫ | ୦.୦୫୦ | ବିଲ ଅଣଜଳସେଚିତ ଦୁଇ | ଭୀମ ରାଉଳ ପି: ଦଣ୍ଡିଆ ରାଉଳ ଜା: କୁରୁମ ବା:ନିଜଗାଁ | |
| | | ୨୦୩୧ | ୦.୦୫୫ | ୦.୦୧୦ | | | |
| ୧୭ | ୧୦୮ | ୨୦୯୫ | ୦.୦୮୫ | ୦.୦୭୫ | ପଦର | ଭିକା ପାତ୍ର ପି: ଭଗିଆ ପାତ୍ର ଜା: କୁରୁମ ବା: ନିଜଗାଁ | |
| | | ୨୧୦୯ | ୦. ୩୫୦ | ୦.୦୫୦ | ବିଲ ଅଣଜଳସେଚିତ ଦୁଇ | | |
| ୧୮ | ୧୧୨ | ୨୦୯୪ | ୦.୦୮୫ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | ମହନ୍ତର ପାତ୍ର ପି: ବରଜ ପାତ୍ର ଜା: କୁରୁମ ବା: ନିଜଗାଁ | |
| ୧୯ | ୧୧୯ | ୨୦୮୨ | ୦.୩୦୦ | ୦.୦୪୫ | ପଦର | ମାଧବ ପାତ୍ର, ରମେଶ ପାତ୍ର, କଂଗ୍ରେସ ପାତ୍ର ପି: ଦଣ୍ଡାସି ପାତ୍ର, କ୍ଷିର ପାତ୍ର ସ୍ୱା: ଦଣ୍ଡାସି ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୦ | ୧୨୨ | ୨୦୭୪ | ୦.୩୬୦ | ୦.୦୬୫ | ପଦର | ରଘୁ ଗଉଡ ପି: ମେହେଙ୍କାଳ ଗଉଡ ଜା: ଗଉଡ ବା: ନିଜଗାଁ | |
| ୨୧ | ୧୨୩ | ୨୦୬୧ | ୦.୩୧୦ | ୦.୨୨୫ | ବିଲ ଅଣଜଳସେଚିତ ଦୁଇ | ରଘୁ ଗଉଡ, ଭଲା ଗଉଡ ପି: ଉଜ୍ଜ୍ୱଳ ଗଉଡ ଜା: ଗଉଡ ବା: ନିଜଗାଁ | |
| ୨୨ | ୧୩୭ | ୧୭୦୨ | ୦.୪୧୦ | ୦.୦୮୫ | ପଦର | ରାଜେନ୍ଦ୍ର ନାୟକ, ରବି ନାୟକ, କାମିନି ନାୟକ, ତନୁ ନାୟକ, ଝୁନୁ ନାୟକ ପି: କାଣ୍ଡିଆ ନାୟକ ଜା: କୁରୁମ ବା: ନିଜଗାଁ | |
| ୨୩ | ୧୩୯ | ୧୭୨୧ | ୦.୬୦୦ | ୦.୧୦୦ | ପଦର | ରାଜୁ ପାତ୍ର ପି: ରୁଷି ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୪ | ୧୫୦ | ୨୦୭୮ | ୦.୫୫୦ | ୦.୦୭୫ | ପଦର | ସନ୍ତୋଷ ପାତ୍ର ପି:ଅର୍ଜ୍ଜୁନ ପାତ୍ର, ଉଲି ପାତ୍ର ସ୍ୱା: ଅର୍ଜ୍ଜୁନ ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୫ | ୧୬୬ | ୨୦୮୩ | ୦.୩୦୦ | ୦.୦୪୦ | ପଦର | ସୁବୁଧି ପାତ୍ର ପି: ବାଉରି ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୬ | ୧୭୨ | ୨୦୮୯ | ୦.୦୯୦ | ୦.୦୫୦ | ପଦର | ସୁଦର୍ଶନ ପାତ୍ର ପି: ଭୀମ ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୭ | ୧୮୩ | ୧୬୦୮ | ୦.୭୮୦ | ୦.୧୫୫ | ପଦର | ଗ୍ରାମବାସୀଙ୍କ ତରଫେ ବା:ହେରମ୍ବ ନାୟକ, ବାଇ ନାୟକ, ରତନ ନାୟକ ପି:କାଲୁ ନାୟକ, ଜାଗିଲି ନାୟକ, ଗୋବିନ୍ଦ ନାୟକ, ଉଲି ନାୟକ ପି: ବେନୁ ନାୟକ, ପଠାଣି ନାୟକ, ରାମ ନାୟକ, ମୋଟିଆଣି ନାୟକ ପି: ଲାଲୁ ନାୟକ, ପର୍ଶୁରାମ ନାୟକ, ବିଦ୍ଯାଧର ନାୟକ, ଅଲେଖ ନାୟକ, କୃଷ୍ଣଚନ୍ଦ୍ର ନାୟକ, ତମାଳ ନାୟକ ପି: ଧନୁ ନାୟକ, ଝୁମ୍ପା ନାୟକ ସ୍ୱା: ଧନୁ ନାୟକ ଜା: କୁରୁମ ବା: ନିଜଗାଁ | |
| ୨୮ | ୧୮୫ | ୧୫୯୦ | ୦.୧୨୦ | ୦.୦୪୦ | ବିଲ ଅଣଜଳସେଚିତ ଦୁଇ | ହେରମ୍ବ ନାୟକ, ବାଇ ନାୟକ, ରତନ ନାୟକ ପି:କାଲୁ ନାୟକ, ଜାଗିଲି ନାୟକ, ଗୋବିନ୍ଦ ନାୟକ, ଉଲି ନାୟକ ପି: ବେନୁ ନାୟକ, ପଠାଣି ନାୟକ, ରାମ ନାୟକ, ମୋଟିଆଣି ନାୟକ ପି:ନାଲୁ ନାୟକ, ପର୍ଶୁରାମ ନାୟକ, ବିଦ୍ଯାଧର ନାୟକ, ଅଲେଖ ନାୟକ, କୃଷ୍ଣଚନ୍ଦ୍ର ନାୟକ, ତମାଳ ନାୟକ ପି: ଧନୁ ନାୟକ, ଝୁମ୍ପା ନାୟକ ସ୍ୱା: ଧନୁ ନାୟକ ଜା: କୁରୁମ ବା: ନିଜଗାଁ | |
| | | ୧୫୯୫ | ୧.୮୫୦ | ୦.୦୧୦ | ବିଲ ଜଳସେଚିତ ଦୋଫସଲି | | |
| | | ୧୫୯୮ | ୦.୦୬୫ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | | |
| | | ୧୫୯୯ | ୦.୦୮୫ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | | |
| | | ୧୬୦୦ | ୦.୪୬୦ | ୦.୦୧୦ | ପଦର | | |
| | | ୧୬୦୧ | ୦.୩୦୦ | ୦.୦୧୦ | ପଦର | | |
| | | ୧୬୦୬ | ୦.୪୮୫ | ୦.୦୧୦ | ପଦର | | |
| | | ୨୦୧୧ | ୦.୨୪୫ | ୦.୦୧୦ | ପଦର | | |
| | | ୨୦୩୯ | ୦.୩୮୦ | ୦.୦୧୦ | ପଦର | | |
| | | ୨୦୫୭ | ୦.୧୮୫ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | | |
| | | ୨୧୨୭ | ୦.୫୨୦ | ୦.୦୧୦ | ପଦର | | |
| | | ୨୧୩୦ | ୦.୬୮୦ | ୦.୨୦୦ | ପଦର | | |
| ୨୯ | ୧୮୫/୫ | ୨୦୦୯ | ୦.୫୪୦ | ୦.୧୦୫ | ପଦର | ଚିତ୍ରସେନ ନାୟକ ପି: ନଟବର ନାୟକ ଜା: କୁରୁମ ବା: ଦୋଳବ | |
| ୩୦ | ୧୮୫/୧୧ | ୧୭୨୦ | ୧.୦୦୦ | ୦.୧୮୫ | ପଦର | ଗଣେଶ ନାୟକ ପି: ହେରମ୍ବ ନାୟକ ଜା: କୁରୁମ ବା: ନିଜଗାଁ | |
| ୩୧ | ୧୮୫/୧୯ | ୨୧୦୮ | ୦.୧୩୦ | ୦.୦୧୦ | ପଦର | ବାବାଜୀ ନାୟକ ପି: ବୀର ନାୟକ ଜା: କୁରୁମ ବା: ଦୋଳବ | |
| | | ୨୧୦୭ | ୦.୧୩୦ | ୦.୦୦୫ | | | |
| | | ୧୭୦୫ | ୦.୧୩୦ | ୦.୦୯୦ | | | |
| ୩୨ | ୧୮୫/୩୪ | ୨୦୭୯ | ୦.୪୬୦ | ୦.୦୭୦ | ପଦର | ସନ୍ତୋଷ ପାତ୍ର ପି:ଅର୍ଜ୍ଜୁନ ପାତ୍ର ଜା: କୁରୁମ ବା: ଦୋଳବ | |
| ୩୩ | ୧୮୫/୮୫ | ୨୦୮୪ | ୦.୦୮୫ | ୦.୦୨୦ | ପଦର | ସୁମତି ମଣ୍ଡଳ ସ୍ୱା: କୋରା ମଣ୍ଡଳ ଜା: କୁରୁମ ବା: ନିଜଗାଁ | |
| ୩୪ | ୧୮୫/୮୭ | ୨୦୭୨ | ୦.୮୭୦ | ୦.୧୩୦ | ପଦର | ନମିତା ପ୍ରଧାନ ସ୍ୱା: ଭଗବାନ ପ୍ରଧାନ ଜା: କୁରୁମ ବା: ଡୁଣ୍ଡରା | |
| ୩୫ | ୧୮୫/୯୦ | ୨୦୨୭ | ୦.୧୪୦ | ୦.୦୦୫ | ବିଲ ଅଣଜଳସେଚିତ ଦୁଇ | ସୁଦର୍ଶନ ନାୟକ ପି:ନଟବର ନାୟକ ଜା: କୁରୁମ ବା: ନିଜଗାଁ | |
| ୩୬ | ୧୮୫/୯୧ | ୧୭୧୧ | ୦.୧୦୬ | ୦.୦୬୫ | ପଦର | ସିମାଞ୍ଚଳ ପାତ୍ର ପି:କୋରା ପାତ୍ର ଜା: କୁରୁମ ବା: ନିଜଗାଁ | |
| ୩୭ | ୧୮୫/୧୨୩ | ୨୦୭୭ | ୦.୪୭୫ | ୦.୦୬୫ | ପଦର | ପୂର୍ଣ୍ଣବାସୀ ପ୍ରଧାନ ସ୍ୱା: ବାସୁଦେବ ପ୍ରଧାନ ଜା: କୁରୁମ ବା: ଡୁଣ୍ଡରା | |

ମୋଟ - ୩.୫୮୫ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଂଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0120

13001/1367/2627

Phone No. : (0661)-2500224
Email ID : secretaryrda@gmail.com

## GOVERNMENT OF ODISHA
## ROURKELA DEVELOPMENT AUTHORITY, ROURKELA
### NOTICE INVITING TENDERS
### NATIONAL COMPETITIVE BIDDING THROUGH e-Procurement

**Bid Identification No. 04/Rkl. RDA/2026-27 Dt.30.07.2026**

| | | |
|---|---|---|
| 01. | Name of the Work | 1 no. works |
| 02. | Estimated Cost | 30.14 Lakhs |
| 03. | Period of Completion | 60 (Ninety) days |
| 04. | Date & Time of availability of bid document in the portal | From 11.00 AM of dt.31.07.26 to 5.00 PM of dt.11.08.26 |
| 05. | Last date / time of receipt of bids in the portal | 5.00 PM of 11.08.26 |
| 06. | Date & Time of opening of bids | At 11.00 AM of 12.08.26 |
| 07. | Name and Address of the Officer Inviting Bid | Secretary, Rourkela Development Authority, Uditnagar, Rourkela-769012. |

**Further details can be seen from the web site www.tendersodisha.gov.in**

Secretary,
Rourkela Development Authority, Rourkela

OIPR-13001/13250/1/26-27/0028

## KASTURBA GANDHI BALIKA VIDYALAYA OAV, BANDUPALI

**BLOCK-RAJBODASAMBAR DIST-BARAGADA PIN 768036**

**Letter No- 01** **Date- 28.07.2026**

27001/115/2627 **SHORT TENDER CALL NOTICE**

Sealed Tender are invited from the registered/reputed firms and manufacturer having valid Pan, valid Goods and service Tax (GST) registration certificate for supply of following items like Grocery, Cosmetics, Dress material, Course Book,, Medicine, Non-Veg items, Milk Product, Toilet items, Vegetable, Fruits to the Kasturba Gandhi Balika Vidyalaya, OAV Bandupali Block-Rajbodasambar, Dist–Baragada Pin-768036 for the year 2026-27.

Last date of receipt of tender form is **18.08.2026 at 4.00 PM.** For details contact the undersigned with in office Hours.

Sd/- Principal Cum convenor
KGBV-IV, OAV, Bandupali RBS, Bargarh

OIPR-27001/27257/1/26-27/0001

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

10001/421/2627 **Notice No. 4282 Date: 31/07/26**

### TENDER CALL NOTICE FOR SUPPLY OF DRUGS, LABORATORY REAGENTS & CONSUMABLES

Sealed tenders are invited from different bidders having valid GST registration & Drug License for supply of Items as per the specification given by Chief District Medical & Public Health Officer, Dhenkanal. The detailed terms and conditions along with list of items are available on the website www.dhenkanal.odisha.gov.in, which may be downloaded for reference. Interested parties may submit their offers in sealed covers super-scribing as "Tender for supply of Drugs, Laboratory Reagents & Consumables with reference to Advertisement No. ______ dt. ________" to the undersigned through registered post/speed post only, which should reach on or before 5.00 P.M. of dt. 24.08.2026 positively and will be opened on next day at 11.00 AM before District Purchase Committee at office of the CDM & PHO, Dhenkanal in presence of the participants, who wish to attend the Tender Opening Meeting. In case of any bid amendment and clarification, responsibility lies with the bidders to collect the same from the website. The CDM&PHO, Dhenkanal shall have no responsibility for any delay/omission on part of the bidder. The tender paper will be rejected if the bidder changes any clause or annexure of the bid document downloaded from the website. The undersigned reserves the right to reject any or all the tenders without assigning any reason thereof.

Sd/-Chief District Medical &
Public Health Officer, Dhenkanal

OIPR-10001/10059/1/26-27/0009

## ଜଗତସିଂହପୁର ଜିଲ୍ଲାରେ ବନ୍ୟା ଭୟ

# ବଢୁଛି ମହାନଦୀ, ଦେବୀରେ ଜଳସ୍ତର

ଜଗତସିଂହପୁର,୩୧।୭(ସମିସ): ଜିଲ୍ଲାରେ ବନ୍ୟା ଜନିତ ସ୍ଥିତି ନିମନ୍ତେ ଗତକାଲି ଜିଲ୍ଲାପାଳ ଜେ ସୋନାଲ ଅଧିକାରୀମାନଙ୍କ ସହିତ ସମୀକ୍ଷା କରି ବିଭାଗୀୟ ଅଧିକାରୀ





ମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ୪ ଜଣ ବରିଷ୍ଠ ଅଧିକାରୀଙ୍କୁ ବନ୍ୟାଞ୍ଚଳ ସ୍ଥିତି ଅନୁଧ୍ୟାନ ନିମନ୍ତେ ଦାୟିତ୍ୱ ଦିଆଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେଙ୍କୁ ଜଗତସିଂପୁର ବ୍ଲକ୍, ପୌରାଞ୍ଚଳ ଓ ନାଉଗାଁ ବ୍ଲକର ଦାୟିତ୍ୱ ଦିଆଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କୁ ତିର୍ତ୍ତୋଲ, ବିରିଡି ଓ ରଘୁନାଥପୁର ବନ୍ୟା ପ୍ରଭାବିତ ଅଞ୍ଚଳର ଦାୟିତ୍ୱ ଦିଆଯାଇଛି। ସେହିପରି ଅତିରିକ୍ତ ଜିଲ୍ଲାପାଳ୍‌ରୀ ସମ୍ବିତ କୁମାର ରାଉତଙ୍କୁ ବାଲିକୁଦା ଏରସମା ବ୍ଲକ ଓ ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରାଙ୍କୁ କୁଜଙ୍ଗ ବ୍ଲକ ଓ ପାରାଦୀପ ମ୍ୟୁନିସିପାଲିଟି ଦାୟିତ୍ୱ ଦିଆଯାଇଛି। ଅଧିକାରୀ ମାନେ ବନ୍ୟାଞ୍ଚଳ ଗୁଡିକୁ ପରିଦର୍ଶନ କରି ସମୀକ୍ଷା କରିବା ସହ

### ୪ ବରିଷ୍ଠ ଅଧିକାରୀଙ୍କୁ ସ୍ଥିତି ଅନୁଧ୍ୟାନ ଦାୟିତ୍ୱ

ଆଶ୍ରୟ ସ୍ଥଳୀରେ ଥିବା ଲୋକମାନଙ୍କ ସୁବିଧା ଅସୁବିଧା କଥା ବୁଝିଥିଲେ। ସେମାନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ, ପଲିଥିନ୍, ଔଷଧ, କିଶୋରୀ ଓ ମହିଳାଙ୍କୁ ସାନିଟାରୀ ନ୍ୟାପକିନ୍ ଆଦି ବଣ୍ଟନ କରାଯାଇଛି। ଜିଲ୍ଲାରେ ମହାନଦୀ ଓ ଦେବୀ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁ କୁଜଙ୍ଗ, ବିରିଡି, ନାଉଗାଁ, ତିର୍ତ୍ତୋଲ, ରଘୁନାଥପୁର, ବାଲିକୁଦା ବ୍ଲକ୍ ପ୍ରଭାବିତ ହୋଇଛି। ଆଜି ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ତିର୍ତ୍ତୋଲ ବ୍ଲକରେ ୭ଟି ଗ୍ରାମ ପଞ୍ଚାୟତର ୭ଟି ରାଜସ୍ୱ ଗ୍ରାମ, କୁଜଙ୍ଗ ବ୍ଲକରେ ୬ଟି ଗ୍ରାମ ପଞ୍ଚାୟତର ୮ଟି ଗ୍ରାମ, ବିରିଡି ବ୍ଲକରେ ୪ ଗ୍ରାମ ପଞ୍ଚାୟତର ୫ ଗ୍ରାମ, ନାଉଗାଁ ବ୍ଲକର ୧ ପଞ୍ଚାୟତର ୨ ଗ୍ରାମ, ବାଲିକୁଦା ବ୍ଲକର ୨ ପଞ୍ଚାୟତ ପ୍ରଭାବିତ ହୋଇଥିବାର ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ପ୍ରାପ୍ତ ହୋଇଛି। କୁଜଙ୍ଗ ଜିଲ୍ଲାନାସୀ ପଞ୍ଚାୟତର ସାହାରଡିଆ ବାହ୍ୟ ଜଗତରୁ ବିଛିନ୍ନ ରହିଥିବା ବେଳେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ, ବିଡିଓ ତହସିଲଦାର ବୋଟ ଯୋଗେ ସେଠାରେ ପହଞ୍ଚି ଶୁଖିଲା ଖାଦ୍ୟ, ପଲିଥିନ୍, ଔଷଧ ଆଦି ଯୋଗାଇବା ସହ ସୁବିଧା ଅସୁବିଧା କଥା ବୁଝିଥିଲେ। ଜିଲ୍ଲାରେ ମୋଟ ୬୫୭୪ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୧୨୮ ଜଣଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ୨୩ଟି ଫ୍ରୀ କିଚେନ ସେଣ୍ଟର୍‌ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ପ୍ରଭାବିତ ମାନଙ୍କୁ ଚୁଡା, ଗୁଡ଼, ପଲିଥିନ୍ ରୋଲ୍ ଯୋଗାଇ ଦିଆଯାଇଛି। ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ବ୍ଲକ୍‌ର ସିଏଚ୍‌ସିରେ ୧୧ଟି ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ସେହିପରି ଜିଲ୍ଲା ସଦର ମହକୁମା କଣ୍ଟ୍ରୋଲ ରୁମ ନମ୍ବର ୦୬୭୨୪-୨୯୫୪୨୭ ମଧ୍ୟ ୨୪ ଘଣ୍ଟା ଆଲର୍ଟ ଥିବା ସୂଚନା ଦିଆଯାଇଛି। ୯ଟି ମୋବାଇଲ ହେଲଥ ଟିମ୍, ୧୫ ଟି ୧୦୮ ଆମ୍ବୁଲାନ୍ସ, ୧୨ ଟି ୧୦୨ଆମ୍ବୁଲାନ୍ସ ଓ ଡିଏଚ୍‌ଏଚ୍‌ରେ ୨ଟି ବିଏଲ୍‌ଏସ୍ (ବେସିକ୍ ଲାଇଫ ସପୋର୍ଟ) ଆମ୍ବୁଲାନ୍ସ ରହିଛି। ୪ ରାପିଡ ରେସ୍ପନ୍ସ ଟିମ୍ ନିୟୋଜିତ ହୋଇଛି।୨୪୭୦ଟି କୂପ କୁ ବିଶୋଧିତ କରାଯାଇଛି। ୧୦୫ ଗର୍ଭବତୀ ମହିଳାଙ୍କୁ ମା' ଗୃହ, ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ୫୬ ଜଣଙ୍କର ପ୍ରସବ ହୋଇ ଥିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ୪୬୮୦ଟି ପାଣି ବୋତଲ, ୭୩୦୦ ପାଣି ପାଉଚ୍ ଯୋଗାଇ ଦିଆଯାଇଛି। ୮ ଟି ପାଣି ଟ୍ୟାଙ୍କର ୧ଟି ମୋବାଇଲ ୱାଟର ଟ୍ରିଟମେଣ୍ଟ ୟୁନିଟ୍ ଜିଲ୍ଲାରେ ନିୟୋଜିତ ହୋଇଛି। ସମୁଦାୟ ୬୮୧୯ଟି ବଡ ଓ ୩୪୩୦ଟି ଛୋଟ ଗୃହପାଳିତ ପଶୁ ପ୍ରଭାବିତ ହୋଇଛନ୍ତି। ସେମାନଙ୍କୁ ୨୨୯ କ୍ୱିଣ୍ଟାଲ ପଶୁ ଖାଦ୍ୟ ଓ ୪୫ କ୍ୱିଣ୍ଟାଲ ଗ୍ରୀନ ଫୋଡର ଯୋଗାଇ ଦିଆଯାଇଛି। ୧୬ଟି ପଶୁ ଚିକିତ୍ସା ଶିବିର ଖୋଲାଯାଇ ୮୩୯ଟି ପଶୁଙ୍କୁ ଚିକିତ୍ସା କରାଯାଇଛି ବୋଲି ବିଭାଗୀୟ ଅଧିକାରୀଙ୍କ ନିକଟରୁ ସୂଚନା ମିଳିଛି। ୨୪୭୦ ହେକ୍ଟର ଶସ୍ୟ କ୍ଷେତ୍ର ବନ୍ୟା ଜଳ ଯୋଗେ ଜଳମଗ୍ନ ହୋଇଥିବା ବେଳେ ୩୦୩୧ ହେକ୍ଟର ତଳି ଘେର, ୧୨ ହେକ୍ଟର ମାଛିଆ କ୍ଷେତ, ୭୩.୫ ହେକ୍ଟର ପରିବା ଚାଷ ଜମି ଜଳମଗ୍ନ ରହିଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଓ ରିଲିଫ ବଣ୍ଟନ ନିମନ୍ତେ ଓଡ୍ରାଫ୍ ଟିମ୍ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ କରାଯାଇଛି। ବନ୍ୟା ଛାଡିଲା ପରେ ପାନୀୟ ଜଳ ଉତ୍ସ ନଳକୂପ, ପାନୀୟ ଜଳପ୍ରକଳ୍ପ ଗୁଡ଼ିକୁ ବିଶୁଦ୍ଧୀକରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ୪୦୪ ଟି ବିଦ୍ୟାଳୟ ଓ ୧୯୦ଟି ଅଙ୍ଗନୱାଡି କେନ୍ଦ୍ର କୁ ଆସନ୍ତାକାଲି ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ଜିଲ୍ଲାପାଳ ଆଜି ମଧ୍ୟ କ୍ଷେତ୍ରୀୟ ଅଧିକାରୀ ମାନଙ୍କ ସହ ବନ୍ୟା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ।

# ଦେବୀ ବନ୍ୟାରେ ବ୍ୟାପକ କ୍ଷୟକ୍ଷତି

ବାଲିକୁଦା,୩୧।୭(ସମିସ): ଦେବୀ ନଦୀର ଜଳସ୍ତର ବୃଦ୍ଧି ପାଇବା ପରେ ବାଲିକୁଦା ବ୍ଲକର ନଦୀକୂଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉଦ୍‌ବେଗ ଜନକ ହୋଇପଡ଼ିଛି। ବ୍ଲକର ତରାସାହି, ମାଛଗାଁ, ଖାଲଗାଁ, ଅପଣ୍ଡରା, ବରମୁଣ୍ଡଳୀ, ନହରଣା, ମରିଚପୁର ଓ କୁସୁପୁର ପଞ୍ଚାୟତର ବ୍ୟାପକ ଚାଷଜମିରେ ବନ୍ୟାଜଳ ପ୍ରବେଶ କରି ଧାନ ତଳି ସମେତ ବିଭିନ୍ନ ଫସଲ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଫଳରେ ଚାଷୀମାନଙ୍କ ମଧ୍ୟରେ ଗଭୀର ଚିନ୍ତା ଦେଖାଦେଇଛି। ବନ୍ୟାର ସର୍ବାଧିକ ପ୍ରଭାବ ତରାସାହି ପଞ୍ଚାୟତରେ ପଡ଼ିଥିବା ବେଳେ ଅନେକ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ସେହିପରି ମାଛଗାଁ ପଞ୍ଚାୟତ ସର୍ବାଧିକ ପ୍ରଭାବିତ ଅଞ୍ଚଳ ଭାବେ ରହିଛି। ଅପଣ୍ଡରା ପଞ୍ଚାୟତର ସାଲବେଲପୁର ଗ୍ରାମର ଦୁଇଟି ପରିବାର, ମାଛଗାଁର ଦେକଣୀ ଗ୍ରାମର ପ୍ରାୟ ୧୫ଟି ପରିବାର, ଖଣ୍ଡିଆ ମାଛଗାଁର ୧୦ଟି ପରିବାର ଓ ଅସିଲ ଗ୍ରାମର କିଛି ପରିବାର ଜଳବନ୍ଦୀ ଜୀବନ ବିତାଉଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ନଦୀକୂଳିଆ ଅଞ୍ଚଳର ବିଦ୍ୟାଳୟଗୁଡ଼ିକୁ ଦୁଇ ଦିନ ପାଇଁ ଛୁଟି ଘୋଷଣା କରାଯାଇଛି। ବିଧାୟକ ଶାରଦା ପ୍ରସନ୍ନ ଜେନା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ତରାସାହି ସମେତ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି। ସେହିପରି ବିଡିଓ ବିଦ୍ୟାଧର ଦଣ୍ଡପାଟ, ତହସିଲଦାର ବିକାଶ ରଞ୍ଜନ, ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ, ପିଙ୍କି ନାଏକ ଓ ଜଳ ସମ୍ପଦ ବିଭାଗର ଯନ୍ତ୍ରୀ ଦେବୀ ରଞ୍ଜନ ମିଶ୍ର ବାରମ୍ବାର ବନ୍ୟାଞ୍ଚଳ ଗସ୍ତ କରି ଲୋକଙ୍କୁ ସତର୍କ କରିବା ସହ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସୂଚନା ଦେଇଛନ୍ତି। ଏପରିକି ଗଣ୍ଡକୁଳ ଠାରେ



ସୁନାମୀ ବନ୍ଧରେ ବିପଦ ସଂକେତ ଥିବା ସ୍ଥାନରେ ଜଳ ସମ୍ପଦ ବିଭାଗ ପକ୍ଷରୁ ବାଲି ବସ୍ତା ପକାଯାଇଛି। ଅନ୍ୟପକ୍ଷରେ ବିଜେପି ନେତା ସତ୍ୟସାରଥୀ ମହାନ୍ତି ଓ ରାଜ୍ୟ ବିଜେଡି ସମ୍ପାଦକ କମଳାକାନ୍ତ ମହାପାତ୍ରଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତାମାନେ ମଧ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରୁଛନ୍ତି। ପଶୁ ଚିକିତ୍ସା ବିଭାଗ ପକ୍ଷରୁ ଜଳବନ୍ଦୀ ପରିବାରଙ୍କ ଗୃହପାଳିତ ପଶୁଙ୍କ ପାଇଁ ଗୋଖାଦ୍ୟ ଓ ଘାସ ଯୋଗାଇ ଦିଆଯାଉଛି। ସେପଟେ ହୀରାକୁଦ ଜଳଭଣ୍ଡାରର ଅଧିକ ଗେଟ୍ ଖୋଲାଗଲେ ବନ୍ୟା ପରିସ୍ଥିତି ଆହୁରି ଗୁରୁତର ହେବାର ଆଶଙ୍କା ଥିବାରୁ ଆବଶ୍ୟକ ପଡ଼ିଲେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ବର୍ତ୍ତମାନ ବନ୍ୟା ପରିସ୍ଥିତି ଉପରେ ପ୍ରଶାସନର କଡ଼ା ନଜର ରହିଥିବା ବେଳେ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବା ଏବଂ ପ୍ରଶାସନର ପରାମର୍ଶ ପାଳନ କରିବାକୁ ଅନୁରୋଧ କରାଯାଇଛି।

# ବିଧାୟକଙ୍କ ଦ୍ୱାରା ଶୁଖିଲା ଖାଦ୍ୟ ଓ ଗୋଖାଦ୍ୟ ବଣ୍ଟନ



ଜଗତସିଂହପୁର,୩୧।୭(ସମିସ): ଜଗତସିଂହପୁର ଜିଲ୍ଲା ଦେଇ ପ୍ରବାହିତ ଦେବୀ ନଦୀରେ ବନ୍ୟା ଜଳ ବୃଦ୍ଧି ପାଉଛି। ସମ୍ଭାବ୍ୟ ପରିସ୍ଥିତି ନେଇ ଜଗତସିଂହପୁର ଓ ନାଉଗାଁର ବିଭିନ୍ନ ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ। ଏହି ଅବସରରେ ଜଗତସିଂହପୁର ବ୍ଲକ ଅଧୀନସ୍ଥ କଣ୍ଟିଲୋ ଗ୍ରାମପଞ୍ଚାୟତର ଘଡିମୂଳର 'ଗ'ପଡା ଠାରେ ନଦୀ ଭିତରେ ବସବାସ କରୁଥିବା ୨୯ ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହା ସହିତ ଆଜି ଅତ୍ୟାବଶ୍ୟକୀୟ ସାମଗ୍ରୀ, ଶୁଖିଲା ଖାଦ୍ୟ, ଗୋଖାଦ୍ୟ ବଣ୍ଟନ, କରିଛନ୍ତି ଜଗତସିଂହପୁର ବିଧାୟକ। ସେହି ପରି ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀଦୋଳ, ଏରେଡା ଠାରେ ନଦୀ ବନ୍ଧର ସ୍ଥିତି ଗୁରୁବାର ବିଳମ୍ବିତ ରାତିରେ ପରିଦର୍ଶନ କରିଥିଲେ। ଏହାପରେ ନାଉଗାଁ ବ୍ଲକ ବଛାଳ ପଞ୍ଚାୟତର ପୋକାମୂଳ, ବ୍ରାହ୍ମଣି ଗାଁର ଗ୍ରାମବାସୀଙ୍କ ସହ ଆଲୋଚନା କରି ଭୟଭୀତ ନ ହେବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ ଶ୍ରୀ ଦାସ। ପ୍ରଶାସନ ସଜାଗ ଅଛି ଆପଣ ମାନେ ଭୟଭିତ ହୁଅନ୍ତୁ ନି ବୋଲି କହିଥିଲେ।

# ମହାନଦୀରେ ଫସିଥିବା ମତ୍ସ୍ୟଜୀବୀ ପରିବାର ଉଦ୍ଧାର

ପାରାଦୀପ,୩୧।୭(ସମିସ): ମହାନଦୀ ଏବେ ଫୁଲିବାରେ ଲାଗିଛି। ଏହାର ପ୍ରଭାବରେ ପାରାଦୀପ ଉପକଣ୍ଠ ଅଞ୍ଚଳ କୁଜଙ୍ଗ ବ୍ଲକ୍‌ର ବିଭିନ୍ନ ତଳିଆ ଅଞ୍ଚଳ ଜଳମଗ୍ନ ହେବାରେ ଲାଗିଛି। ତେବେ ଏହି ବନ୍ୟା ଜଳ ଯୋଗୁଁ ପାରାଦୀପ ଚଉମୁହାଣୀ ନିକଟରେ ମହାନଦୀରେ ଫସିଥିବା ଏକ ମତ୍ସ୍ୟଜୀବୀ ପରିବାରକୁ ମତ୍ସ୍ୟ ବିଭାଗ ଓ ଲକ୍ ଥାନା ପୁଲିସ ସହାୟତାରେ ଉଦ୍ଧାର କରାଯାଇଛି। ଉକ୍ତ ପରିବାର ସେଠାରେ ରହି ନଦୀରୁ ମାଛ ମାରି ଚଳିଥାନ୍ତି। ତେବେ ନଦୀରେ ହଠାତ୍ ପାଣି ଆସିବାରୁ ତାଙ୍କ ଘର ଚାରିପାଖରେ ପାଣି ହୋଇଯାଇଥିଲା ଲକ୍ ଥାନା ଆଇଆଇସି ରଶ୍ମିରଞ୍ଜନ ଦାସ ଏସମ୍ପର୍କରେ ଖବର ପାଇବା ପରେ ତୁରନ୍ତ ମତ୍ସ୍ୟ ବିଭାଗ ସହାୟତାରେ ବୋଟ୍ ଯୋଗେ ଉକ୍ତ ପରିବାର କୁ ଉଦ୍ଧାର କରିବା ସହିତ ତାଙ୍କର ଗୋରୁ ମାନଙ୍କୁ ମଧ୍ୟ ଉଦ୍ଧାର କରି ଭୁତମୁଣ୍ଡାଇ ପଞ୍ଚାୟତ ପିପଳ ଗ୍ରାମରେ ରେ ଛାଡିଛନ୍ତି।



# ଜିଲ୍ଲା କଂଗ୍ରେସ ପକ୍ଷରୁ ବିଏଲଏ-୨ ମାନଙ୍କ ପ୍ରଶିକ୍ଷଣ ଶିବିର



ଜଗତସିଂହପୁର,୩୧।୭(ସମିସ): ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାର ଚାରୋଟି ନିର୍ବାଚନମଣ୍ଡଳୀରେ ଥିବା ୧୨୨୬ଟି ବୁଥ୍‌ର ପ୍ରାୟ ସମସ୍ତ ବିଏଲଏ-୨ମାନଙ୍କୁ ନେଇ ପ୍ରତି ନିର୍ବାଚନ ମଣ୍ଡଳୀରେ ପୃଥକ ପୃଥକ ଭାବେ ଗତ ତିନି ଦିନ ଧରି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ, ଜଗତସିଂହପୁର ଓ ପାରାଦୀପ ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକ ଯୋଗଦେଇ ଉପସ୍ଥିତ ବିଏଲଏ- ୨ମାନଙ୍କୁ ସେମାନଙ୍କ ତାଙ୍କ କାର୍ଯ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ। ବାଲିକୁଦା ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ବିଏଲଏ -୧ ତଥା ଓପିସିସି ଉପ ସଭାପତି ତଥା ବିଏଲଏ -ଏକ ଡ. ଲଲାଟେନ୍ଦୁ ମହାପାତ୍ର ଯୋଗଦେଇ ବିଏଲଏ -୨ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଓପିସିସି ପକ୍ଷରୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ନିମନ୍ତେ ସତ୍ୟଜିତ ପଟ୍ଟନାୟକ, ପାରାଦୀପ ନିର୍ବାଚନ ମଣ୍ଡଳୀ ନିମନ୍ତେ ହରିଶଙ୍କର ରାଉତ, ଏରସମା - ବାଲିକୁଦା ନିର୍ବାଚନ ମଣ୍ଡଳୀ ନିମନ୍ତେ ହଳଧର ସେଠୀ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ରହିଥିଲେ। ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ମହନି ଚରଣ ରାଉତ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ତଥା ବିଏଲଏ -୧ ପ୍ରଶାନ୍ତ ମହାପାତ୍ର, ନାଉଗାଁ ବ୍ଲକ କଂଗ୍ରେସ ସଭାପତି ବିଚିତ୍ରା ନନ୍ଦ ଲେଙ୍କା, ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ଦାସ, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ୍, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ଏବଂ ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକର୍ତ୍ତା ଓ ଜିଲ୍ଲାର ପ୍ରାୟ ସମସ୍ତ ବୁଥ୍‌ର ବିଏଲଏ-୨ ଉପସ୍ଥିତ ରହିଥିଲେ।

▶▶ ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ

# ପଞ୍ଚାୟତ ସମ୍ମୁଖରେ ଧାରଣା




ଏରସମା ୩୧।୭(ସମିସ): ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ସୂଚନାନୁସାରେ, ଗୋଡ଼ା ପଞ୍ଚାୟତର ବିଭିନ୍ନ ରାଜସ୍ୱ ଗ୍ରାମରୁ ପ୍ରଧାନମନ୍ତ୍ରୀ ଆବାସ ପାଇଁ ୭୮୪ ଜଣ ଆବେଦନ କରିଥିବାବେଳେ ତନଖି ପରେ ମାତ୍ର ୭୮ ଜଣଙ୍କୁ ଯୋଗ୍ୟ ବିବେଚିତ କରାଯାଇଛି। ତେବେ ବହୁ ଯୋଗ୍ୟ ଓ ପ୍ରକୃତ ଗରିବ ପରିବାର ତାଲିକାରୁ ବାଦ ପଡ଼ିଥିବା ଅଭିଯୋଗ କରି ଆନ୍ଦୋଳନକାରୀମାନେ ତଦନ୍ତ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଦାବି କରିଛନ୍ତି। ସାଲୁ ସାସମଲଙ୍କ ଆବାହକତ୍ୱରେ ଆୟୋଜିତ ଏହି ଧାରଣାରେ ଶାଳିଓ, ଭୟାଖିଆ, ଆଉଁରି, ଜସାପୁର, ଗଡେଶ୍ୱରପୁର ସମେତ ବିଭିନ୍ନ ଗ୍ରାମର ଅଯୋଗ୍ୟ ଘୋଷିତ ହିତାଧିକାରୀମାନେ ଯୋଗଦେଇ ନିଜ ଦାବି ଉପସ୍ଥାପନ କରିଥିଲେ। ଦାବିପତ୍ର ପଞ୍ଚାୟତର ଏଡିଓ ହୃଷୀକେଶ ନାୟକଙ୍କ ଜରିଆରେ ପ୍ରଦାନ କରିଥିଲେ। ବିଡିଓ ଘଟଣାସ୍ଥଳକୁ ଆସି ସମସ୍ୟାର ସମାଧାନ ନକରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।

# ପ୍ରାକ୍ତନ ଛାତ୍ରଙ୍କ 'ଚାଲ କଥା ହେବା' କାର୍ଯ୍ୟକ୍ରମ

ଜଗତସିଂହପୁର,୩୧।୭(ସମିସ): ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ ସ୍ଥିତ ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରଛାତ୍ରୀ ଏକ ଅଭିନବ କାର୍ଯ୍ୟକ୍ରମ ମାଧ୍ୟମରେ ତାଙ୍କ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ



ଅଣ୍ଟା ଭିଡିଛନ୍ତି। ପ୍ରାକ୍ତନ ଛାତ୍ର ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ "ଚାଲ କଥା ହେବା" କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ମାସର ଶେଷ କାର୍ଯ୍ୟ ଦିବସରେ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ମଧ୍ୟରୁ ଜଣେ ଜଣେ ସଫଳ ବ୍ୟକ୍ତିତ୍ୱଙ୍କୁ ପୁରାତନ ଛାତ୍ର ସଂସଦ ମାଧ୍ୟମରେ ବିଦ୍ୟାଳୟ ପରିଦର୍ଶନ କରି ନିଜର ଅନୁଭୂତି ବାଣ୍ଟିବା ସହିତ ପିଲାମାନଙ୍କର ସମ୍ପୂର୍ଣ୍ଣ ବୌଦ୍ଧିକ ବିକାଶ ପାଇଁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ପୁରାତନ ଛାତ୍ରଙ୍କର ନିଜ ଅନୁଷ୍ଠାନ ସହିତ ସମ୍ପର୍କ ସୁଦୃଢ ହେବା ସହିତ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇବ ବୋଲି ଆବାହକ ମତପ୍ରକାଶ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଡ. ସୁଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କ ସହିତ ନିଜର ଅନୁଭୂତି ବାଣ୍ଟିଥିଲେ। ଅର୍ଜୁନ ଚରଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ସନ୍ତୋଷ ରାଉତ, ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ମହାନ୍ତି, ପ୍ରାକ୍ତନ ଛାତଛାତ୍ରୀ ଆଶାଲତା ନାୟକ, ପଦ୍ମଚରଣ ରାଉତ, ରଞ୍ଜନ କୁମାର ବେହେରା, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି ପରିଚାଳନା କରିଥିବା ବେଳେ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଶିକ୍ଷାବିତ ପ୍ରତାପ କୁମାର ଲେଙ୍କା ପରିଚାଳନା କରିଥିଲେ ଏବଂ ଶେଷରେ ପୂର୍ବତନ ପ୍ରଧାନ ଶିକ୍ଷକ ବିକ୍ରମ କେଶରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏହି କାର୍ଯ୍ୟକ୍ରମକୁ ସଫଳ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ, ଛାତ୍ରଛାତ୍ରୀଙ୍କ ଉନ୍ନତି ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା, ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ସ୍ତର ଆକଳନ ପାଇଁ ମୌଖିକ ପରୀକ୍ଷା ଓ ତାଙ୍କ ବ୍ୟକ୍ତିତ୍ୱ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା।

# ଆଜାଦ ଭାରତ ପକ୍ଷରୁ ସର୍ବଧର୍ମ ସମନ୍ୱୟ ସଭା

ପାରାଦୀପ,୩୧।୭(ସମିସ): ପାରାଦୀପ ମଧୁବନ ସ୍ଥିତ ପୋର୍ଟ ଶ୍ରମିକ ସଂଘ ପରିସରରେ ଆଜି ସନ୍ଧ୍ୟାରେ ଏକ ସର୍ବଧର୍ମ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା। ଆଜାଦ ଭାରତ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ସଭାରେ ଆଲୋଚନା ଭାବେ ମୁଫତି ବର୍ଖତିଆ, ମୌଲାନା




ତାଜମୂଲ୍, କ୍ୟାପଟେନ୍ ପ୍ରେମାନନ୍ଦ ରାଉତ, ଫାଦର ନିହାର ରଞ୍ଜନ ପରିଚ୍ଛା, କଳିଙ୍ଗ ମହିଳା ଶକ୍ତିର ସଭାପତି ମନୋରମା ଖଟୁଆ, ସାମ୍ବାଦିକ ଶରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏବେ ସାରା ବିଶ୍ୱରେ ଧର୍ମ ଭାବନାକୁ ନେଇ ବିଦ୍ୱେଶ ଦେଖାଦେଇଛି। ଏହାକୁ ଆମକୁ ପରିବର୍ତ୍ତନ ଆଣିବାକୁ ହେବ ବୋଲି ବକ୍ତାମାନେ କହିଥିଲେ। ପ୍ରକୃତି ଆମକୁ ସମାନ ଭାବେ ବଞ୍ଚିବାକୁ ସବୁ ପ୍ରକାର ଉପାଦାନ ଦେଇଛି। ସେଠି କୌଣସି ବାଛବିଚାର ନାହିଁ। ଆମକୁ ଏବେ ସମ୍ବିଧାନ ଓ ବିଜ୍ଞାନ ସହିତ ଚଳିବାକୁ ହେବ ବୋଲି କ୍ୟାପଟେନ୍ ରାଉତ କହିଥିଲେ। ସଭାକୁ ସଞ୍ଚାଳନ କରିଥିଲେ ଆଇନଜୀବୀ ରବିନ୍ଦ୍ର ଜେନା। କାର୍ଯ୍ୟକ୍ରମକୁ ଟ୍ରଷ୍ଟ ସଭାପତି ଅବଦୁଲ ଆବିଦ୍ ଖାନ୍ ସମ୍ପାଦକ ଶେଖ୍ ନିଜାମ ପରିଚାଳନା କରିଥିଲେ।

# ଶ୍ରୀମା ବିଦ୍ୟାପୀଠ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧନା ସଭା

ପାରାଦୀପ,୩୧।୭(ସମିସ): ପାରାଦୀପ ଗଡ ଶ୍ରୀମା ବିଦ୍ୟାପୀଠରେ ଆଜି ଶିକ୍ଷୟିତ୍ରୀ ମିନର୍ଭା ସ୍ୱାଇଁଙ୍କ ପାଇଁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି



ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ଅଧୀର ରଞ୍ଜନ ବେହେରା, ମୁଖ୍ୟବକ୍ତା ଭାବେ ସିଆର୍‌ସିସି ସମୀର ରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ପାରାଦୀପ ଗଡ଼ ଶ୍ରୀମା ସରକାରୀ ହାଇସ୍କୁଲର ହେଡ ମିଷ୍ଟ୍ରେସ କିରଣବାଳା ସାହୁ, ପାରାଦୀପ ଗଡ ପୂର୍ବତନ ସରପଞ୍ଚ ମିହିର ରଞ୍ଜନ ସ୍ୱାଇଁ, ମନୋରଞ୍ଜନ ସାହୁ, ବିଶ୍ୱନାଥ ମହାପାତ୍ର, ସ୍କୁଲର ପୂର୍ବତନ ସହକାରୀ ଶିକ୍ଷକ ବିଷ୍ଣୁଚରଣ ମଙ୍ଗରାଜ, ଏସଏମସି ପୂର୍ବତନ ସଭାପତି ଜୀବନଧନ ବେହେରା ଓ ବର୍ତ୍ତମାନର ଏସଏମସି ସଭାପତି ବଳରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ରେ ଶିକ୍ଷକ ରମାକାନ୍ତ ଖଣ୍ଡୁଆଲ ମଞ୍ଚ ପରିଚାଳନା କରିଥିଲେ। ସମ୍ପଦ କୁମାର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ପରିଚାଳନା କମିଟି ଗଠନ

ଜଗତସିଂହପୁର,୩୧।୭(ସମିସ): ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପୁନଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ନରେନ୍ଦ୍ରନାଥ ପିଏମ୍‌ଶ୍ରୀ ସରକାରୀ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୋଲାପ ସୁନ୍ଦରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଉନ୍ନତୀମୂଳକ କାର୍ଯ୍ୟ ନିମନ୍ତେ ଅବିଭାବକ ମାନଙ୍କୁ ନେଇ ବିଦ୍ୟାଳୟ ର ପରିଚାଳନା କମିଟି ନିମନ୍ତେ ଏକ ସଭା କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ଦୁର୍ଗା ପ୍ରସାଦ ଦାସ (ସଭାପତି), ଯମୁନା ସ୍ୱାଇଁ(ଉପସଭାପତି), ସଭ୍ୟ ଭାବେ ସାଗର ଗୁରିଆ, ନିକାନ୍ତ କିଶୋର ଦାସ, ସନାତନ ବେହେରା, ଖୋକନ୍ ବାରିକ, କାବେରୀ ଭୋଇ, ଲକ୍ଷ୍ମୀପ୍ରିୟା ବେହେରା, ତିଲୋତ୍ତମା ଗୋସ୍ୱାମୀ, ମିନତି ସ୍ୱାଇଁ, ମାନସୀ ଭୋଇ, ମିନାକ୍ଷୀ ଦାସ, ବନିତା ଦାସ, ସୁପ୍ରିୟା ଦାସ ଓ ପବିତ୍ର କୁମାର ବେହେରାଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ ବୈଠକରେ ଶିକ୍ଷାବିତ୍ ଭବାନୀ ଗୋସ୍ୱାମୀ ଯୋଗଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସାମୁହିକ ପ୍ରଚେଷ୍ଟା ଜାରି ରଖିବାକୁ ପରାମର୍ଶ ଦେଇଥିଲେ।

# ଶ୍ରମ ଆଇନ୍ ସମ୍ପର୍କିତ କର୍ମଶାଳା

ପାରାଦୀପ,୩୧।୭(ସମିସ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ନୂତନ ଭାବେ ପ୍ରଚଳିତ ଚାରି ଗୋଟି ଶ୍ରମ ଆଇନ୍ ସମ୍ପର୍କରେ ଏକ କର୍ମଶାଳା ପାରାଦୀପ ବନ୍ଦର ପ୍ରଶାସନିକ ଭବନ ନୂତନ ବୋର୍ଡ ରୁମ୍ ପରିସରରେ ଆଜି ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଡେପୁଟି ଚିଫ୍ ଲେବର କମିଶନର, ଭୁବନେଶ୍ୱର ଚୀରଞ୍ଜୀବ ସାଇକିଆ ଯୋଗ ଦେଇଥିବା ବେଳେ ଆଞ୍ଚଳିକ ଶ୍ରମ ଅଧିକାରୀ (କେନ୍ଦ୍ରୀୟ), ଭୁବନେଶ୍ୱର ଜୟନ୍ତ ପ୍ରସାଦ ବେହେରା



ଯୋଗ ଦେଇଥିଲେ। ଏହି କର୍ମଶାଳାରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନଦା ଯୋଗ ଦେଇ ନୂତନ ଚାରି ଗୋଟି ଶ୍ରମ ଆଇନ୍ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପାରାଦୀପ ବନ୍ଦର କର୍ମଚାରୀଙ୍କ ସମେତ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କ ନିମନ୍ତେ ନେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଶ୍ରୀ ହରନାଦ ବକ୍ତବ୍ୟରେ ସୂଚନା ଦେଇଥିଲେ। ପାରାଦୀପ ବନ୍ଦର ସଚିବ କ୍ରୀଷ୍ଣାବାପି ରାଜୁ ସଚେତନତା, ମିଳିତ ସହଯୋଗରେ ନୂତନ ଶ୍ରମ ଆଇନ୍ ପ୍ରଣୟନରେ ସଫଳତା ହାସଲ କରି ହେବ ବୋଲି କହିଥିଲେ।

# ପିପିଏଲ୍ ଡିଏଭିରେ 'ପ୍ରେମଚାନ୍ଦ ସାହିତ୍ୟ ଉତ୍ସବ'



ପାରାଦୀପ,୩୧।୭(ସମିସ): ପିପିଏଲ ଡିଏଭି ସ୍କୁଲ ପରିସରରେ କଥା ସମ୍ରାଟ ପ୍ରେମଚାନ୍ଦଙ୍କ ସ୍ମୃତିରେ 'ପ୍ରେମଚାନ୍ଦ ସାହିତ୍ୟ ଉତ୍ସବ' ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ, ଇଂରାଜୀ ମାଧ୍ୟମର ତତ୍ତ୍ୱାବଧାରକ ବୃନ୍ଦାବନ ରାଉତ, ଓଡ଼ିଆ ମାଧ୍ୟମର ତତ୍ତ୍ୱାବଧାରକ ମହେଶ୍ୱର ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ଦିବ୍ୟାସା ପ୍ରେମଚାନ୍ଦଙ୍କ ରଚନାଗୁଡ଼ିକ ଉପରେ ଓ ନବମ ଶ୍ରେଣୀର ଛାତ୍ରୀ ରୁହାନ ପରାଶର କବିତା ଆବୃତ୍ତି କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରେମଚାନ୍ଦଙ୍କ ପ୍ରମୁଖ ରଚନାଗୁଡ଼ିକ ଉପରେ ଆଧାରିତ ଏକ ନାଟକୀୟ ସଂଳାପ ପରିବେଷଣ କରାଯାଇଥିଲା। ହିନ୍ଦୀ ବିଭାଗର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଛାତ୍ରୀ ଜ୍ୟୋତିର୍ମୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସାପକାମୁଡ଼ାରେ ମହିଳା ମୃତ

**କାମାକ୍ଷାନଗର,୩୧।୭(ସମିସ):** କାମାକ୍ଷାନଗର ଥାନା ଜିରିଡ଼ାମାଳୀ ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଗୋଲାପ ଦେହୁରୀ (୫୫) । ଶୁକ୍ରବାର ସକାଳେ ଗୋଲାପ ଘର ନିକଟ ବିଲକୁ କାମ କରିବାକୁ ଯାଇଥିବା ବେଳେ ସାପ କାମୁଡ଼ିଥିଲା। ଫଳରେ ସେ ଗୁରୁତର ଅବସ୍ଥାରେ ସେଠାରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**କାମାକ୍ଷାନଗର,୩୧।୭(ସମିସ):** କାମାକ୍ଷାନଗର ଥାନା ଭାଗୀରଥିପୁର ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ସେହି ଗ୍ରାମର ବିକାଶ ଦେହୁରୀ। ଗୁରୁବାର ରାତିରେ ବିକାଶ ଖାଇସାରି ଘରେ ଶୋଇଥିଲେ। ଶୁକ୍ରବାର ସକାଳେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ଉଠାଇବାକୁ ଉଦ୍ୟମ କରିଥିଲେ। ତେବେ ସେତେବେଳକୁ ତାଙ୍କ ମୃତ୍ୟୁ ହୋଇ ସାରିଥିଲା। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଦୁଇଦିନ ହେବ ମହିଳା ନିଖୋଜ

**ଖଜୁରିଆକଟା,୩୧।୭(ସମିସ):** ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ କଦଳୀପାଳ ଦେଇ ଯାଇଥିବା ସାପୁଆ ନାଳକୁ ଶୌଚ ହେବାକୁ ଯାଇ ଓଡ଼ାପଡ଼ା ବ୍ଲକ୍ କୋତମ ଗ୍ରାମର ଅଧିକାରୀ ଛତାରଙ୍କ ସ୍ତ୍ରୀ ନିଶାମଣି ଛତାର ନିଖୋଜ ଅଛନ୍ତି। ରାସୋଳ ଦମକଳ ବାହିନୀ ଖୋଜାଖୋଜି କରୁଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିନାହିଁ। ଗୁରୁବା ସନ୍ଧ୍ୟାରେ ନିଶାମଣି ଶୌଚ ହେବାକୁ ଯାଇ ଘରକୁ ଫେରି ନ ଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଖବର ପାଇ ରାସୋଳ ଦମକଳବାହିନୀ ଖୋଜାଖୋଜି ଜାରି ରଖିଛି।

# ରାଜନୈତିକ ପଶାପାଲିରେ ଛନ୍ଦିହେଲା କେନ୍ଦ୍ରୀୟ ବିଦ୍ୟାଳୟ

**ହିନ୍ଦୋଳ,୩୧।୭(ସମିସ)**

ହିନ୍ଦୋଳବାସୀଙ୍କ ବହୁ ପ୍ରତିକ୍ଷୀତ କେନ୍ଦ୍ରୀୟ ବିଦ୍ୟାଳୟ ରାଜନୈତିକ ପଶାପାଲିରେ ଛନ୍ଦି ହୋଇଯାଇଛି। ଏହା ଏବେ ହିନ୍ଦୋଳବାସୀଙ୍କ ପାଇଁ ସ୍ୱପ୍ନ ହୋଇ ରହିଯିବା ପରିସ୍ଥିତି ଉପୁଜିଛି। ସତେଯେପରି ହିନ୍ଦୋଳ ଉପଖଣ୍ଡରେ ବିଦ୍ୟାଳୟଟି ହେଉ ବୋଲି ରାଜନୈତିକ ମହଲରେ କାହାର ଆନ୍ତରିକତା ନ ଥିବା ଭଳି ମନେ ହେଉଛି।

ସମସ୍ତ ପ୍ରସ୍ତୁତି ସତ୍ତ୍ୱେ ଚଳିତ ଶିକ୍ଷାବର୍ଷରେ ବିଦ୍ୟାଳୟ ଆରମ୍ଭ ହୋଇପାରିଲା ନାହିଁ। ଅସ୍ଥାୟୀ କ୍ୟାମ୍ପସ ଜନତା କଲେଜରେ ବିଦ୍ୟାଳୟ ଖୋଲି ନାମଲେଖା ଆରମ୍ଭ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ଯୋଜନା ପ୍ରସ୍ତୁତି ହୋଇଥିବା ବେଳେ ବିଦ୍ୟାଳୟ ଖୋଲିବା ପାଇଁ ପ୍ରଶାସନ ନିର୍ଦ୍ଦେଶ କ୍ରମେ ଟାଟା କମ୍ପାନୀ ଦ୍ୱାରା ବିଦ୍ୟାଳୟର ସମସ୍ତ ଆସବାବପତ୍ରଠାରୁ ଆରମ୍ଭ କରି କମ୍ପ୍ୟୁଟର ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ କଲେଜ ପରିସରରେ ଆସି ମହଜୁଦ ରହିଥିଲା। ହେଲେ ଶେଷ ମୁହୂର୍ତ୍ତରେ ୨ ଦିନ ହେବ ୨ଟି ଗାଡ଼ିରେ ଆସିଥିବା ଉପକରଣ ସହ ଅନ୍ୟାନ୍ୟ ସାମଗ୍ରୀ ଜନତା କଲେଜରୁ ସ୍ଥାନାନ୍ତର ହେଉଥିବା ଦେଖିବାକୁ ମିଳିଛି। ସରଞ୍ଜାମ ସ୍ଥାନାନ୍ତର ହେଉଥିବା ଜାଣି ଉପଖଣ୍ଡବାସୀଙ୍କ ମନରେ ଏବେ ନୈରାଶ୍ୟ ଭାବ ଖେଳିଯିବା ସହ କେନ୍ଦ୍ରୀୟ ବିଦ୍ୟାଳୟ ରାଜନୈତିକ ପଶାପାଲିରେ ଛନ୍ଦିହୋଇ ସ୍ୱପ୍ନ ହୋଇ ରହିଯିବ କି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ହିନ୍ଦୋଳରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବାକୁ ଦୀର୍ଘଦିନ ହେବ ଦାବି



**ସ୍ଥାନାନ୍ତର ହେଲା ବିଦ୍ୟାଳୟ ପାଇଁ ଆସିଥିବା ଉପକରଣ**

ହୋଇଆସୁଥିଲା। ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୨୦୨୫ ଜୁନରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଅଧିକାରୀମାନେ ଆସି ତେଲିଭୂଇଁ ଅଞ୍ଚଳରେ ବିଦ୍ୟାଳୟ ହେବା ନେଇ ଜମି ଅନୁଧ୍ୟାନ କରି ଯାଇଥିଲେ। ହିନ୍ଦୋଳ ଏନଏସିରେ ମଧ୍ୟ ବିଦ୍ୟାଳୟ ସ୍ଥାପନ ହେଉ ବୋଲି ଅଞ୍ଚଳର କିଛି ବ୍ୟକ୍ତି ଦାବି କରିଥିଲେ। ଅନ୍ୟପଟେ ଉପଖଣ୍ଡର ବହୁ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ସଭ୍ୟ, ବୁଦ୍ଧିଜୀବୀ ଓ ରାଜନୈତିକ ନେତୃବୃନ୍ଦ ହିନ୍ଦୋଳ ଉପଖଣ୍ଡର ମଧ୍ୟସ୍ଥଳ ସାତମାଇଲଠାରେ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି କରିଥିଲେ। ଏହାକୁ ଅଧିକାରୀମାନେ ହୃଦୟଙ୍ଗମ କରି ଅସ୍ଥାୟୀ ଭାବେ ସାତମାଇଲସ୍ଥିତ ଜନତା କଲେଜରେ ବିଦ୍ୟାଳୟ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ଗତ ଫେବୃଆରୀରେ ଜିଲ୍ଲାପାଳ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସମେତ କେନ୍ଦ୍ରୀୟ ବିଦ୍ୟାଳୟର ଉଚ୍ଚ ଅଧିକାରୀ, ହିନ୍ଦୋଳ ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ଜନତା କଲେଜ ପରିଦର୍ଶନ କରିବା ସହ ଏଠାରେ ଅସ୍ଥାୟୀ ଭାବେ ବିଦ୍ୟାଳୟ ଆରମ୍ଭ ହେବା ନେଇ ସହମତି ପ୍ରକାଶ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ତୁରନ୍ତ କଲେଜର ୬ରୁ ଊର୍ଦ୍ଧ୍ୱ କୋଠରି ମରାମତି କାର୍ଯ୍ୟ ଆରମ୍ଭ ହେବା ସହ ସେହି କୋଠା ଉପରେ ମଧ୍ୟ ଘର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିସହ ପ୍ରଶାସନ ପକ୍ଷରୁ ୪ଟି ଗାଡ଼ିରେ ବିଦ୍ୟାଳୟ ପାଇଁ କମ୍ପ୍ୟୁଟର, ଟେବୁଲ, ଚେୟାର ସହ ଅନ୍ୟାନ୍ୟ ଅନୁଷଙ୍ଗିକ ଉପକରଣ ଆସି ଜନତା କଲେଜରେ ଥିଲା। ଫଳରେ ଚଳିତ ବର୍ଷ ନାମଲେଖା ଆରମ୍ଭ ହେବା ନେଇ ଉପଖଣ୍ଡବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା। ମାତ୍ର ଇତିମଧ୍ୟରେ ପୁଣି କେଁ ପଶିଲା।

ରାସୋଳ ଅଞ୍ଚଳରେ ବିଦ୍ୟାଳୟ ନ ହେବା ଜାଣି ସମ୍ପୃକ୍ତ ଅଞ୍ଚଳର କିଛି ରାଜନୈତିକ ବ୍ୟକ୍ତି ଏହାକୁ ବିରୋଧ କରି ତତ୍କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ରାସୋଳ ଅଞ୍ଚଳରେ ବିଦ୍ୟାଳୟ କରିବା ପାଇଁ ଦାବି ରଖିଥିଲେ। ଏବେ ବିଦ୍ୟାଳୟ ରାଜନୈତିକ ପଶାପାଲିରେ ଛନ୍ଦି ହେବା ସହ ଚଳିତ ବର୍ଷ ନାମଲେଖା ହେବା ଦୂର କଥା ବିଦ୍ୟାଳୟ ପାଇଁ ଆସିଥିବା ଉପକରଣ ଏବେ କଲେଜରୁ ସ୍ଥାନାନ୍ତର ହେଉଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ହିନ୍ଦୋଳ ଉପଖଣ୍ଡରେ ବିଦ୍ୟାଳୟ କିପରି ସ୍ଥାପନ ହୋଇପାରିବ ସେ ଦିଗରେ ବିଚାର କରିବାକୁ ଦାବି ହେଉଛି।

## ଟିଏସ୍ଏମ୍ ପକ୍ଷରୁ କ୍ରୀଡ଼ା ଉପକରଣ ପ୍ରଦାନ




**ଖଜୁରିଆକଟା,୩୧।୭(ସମିସ):** ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ବ୍ୟାଡମିଣ୍ଟନ୍ ଅଭ୍ୟାସ କରୁଥିବା ଖେଳାଳିମାନଙ୍କୁ ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍ଏମ୍) ପକ୍ଷରୁ କ୍ରୀଡ଼ା ଉପକରଣ ବଣ୍ଟନ କରାଯାଇଛି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲୀପ ସେଠୀ, ବ୍ଲକ ଉପାଧ୍ୟକ୍ଷ ବରୁଣ ସର ପ୍ରମୁଖ ଉପସ୍ଥିତ ରହି ଯୁବ କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ା ଉପକରଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଟିଏମ୍ଏମ୍‌ର କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଟିଏସ୍ଏମ୍‌ର ଆଖପାଖ ଗ୍ରାମାଞ୍ଚଳରେ ଥିବା ପ୍ରତିଭାଙ୍କୁ ଚିହ୍ନଟ କରି ପ୍ରଶିକ୍ଷଣ ଦେବା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍ଏଫ୍) ନିରନ୍ତର କାର୍ଯ୍ୟ କରିଆସୁଛି। ଟିଏସ୍ଏଫ୍‌ର ଭଲିବଲ୍ କୋଚିଂ ସେଣ୍ଟରରେ ୧୨୦ରୁ ଅଧିକ କିଶୋରୀଙ୍କ ସମେତ ମୋଟ ୬୬୮ ଜଣ ପ୍ରଶିକ୍ଷଣ ନେଉଛନ୍ତି। ଏହି କୋଚିଂ ସେଣ୍ଟରରୁ ପ୍ରଶିକ୍ଷଣ ଆରମ୍ଭ କରିଥିବା ଢେଙ୍କାନାଳ ଜିଲ୍ଲା ଶିବପୁର ପଞ୍ଚାୟତର ସୌମ୍ୟରଞ୍ଜନ ସାମଲ ୧୮ ବର୍ଷରୁ କମ୍ ଏଭିସି ବାଳକ ୨୦୨୬ ଭଲିବଲ୍ ଚାମ୍ପିଅନସିପ୍‌ରେ ଭାଗନେଇ ଫେରିଛନ୍ତି।

## ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

**ଢେଙ୍କାନାଳ,୩୧।୭(ସମିସ):** ହିନ୍ଦୋଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତିର ସମୀକ୍ଷା କରିବା ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏହି ବୈଠକରେ ହିନ୍ଦୋଳ ବିଧାୟିକା ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷା ସିମାରାଣୀ ନାୟକ ଅଧ୍ୟକ୍ଷତା କରିଥିଲେ।



୨୦୨୫–୨୬ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗର ଭୌତିକ ଓ ଆର୍ଥିକ ସଫଳତା ସହ ଆଗାମୀ କାର୍ଯ୍ୟଯୋଜନାର ସମୀକ୍ଷା କରାଯାଇଥିଲା। ସେହିପରି ବିଭାଗଭିତିକ ପ୍ରକଳ୍ପଗୁଡ଼ିକର ଅଗ୍ରଗତି, କାର୍ଯ୍ୟାନ୍ୱୟନର ସ୍ଥିତି ଓ ସମୟବଦ୍ଧ ସମ୍ପାଦନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ବିଧାୟିକା ଶ୍ରୀମତୀ ନାୟକ ବିଭିନ୍ନ ସରକାରୀ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରି ଯୋଗ୍ୟ ହିତାଧିକାରୀମାନଙ୍କୁ ଯୋଜନାର ସୁବିଧା ପହଞ୍ଚାଇବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ସାଧାରଣ ଲୋକଙ୍କୁ କୌଣସି ଅନାବଶ୍ୟକ ବିଳମ୍ବ ବିନା ସମସ୍ତ ସରକାରୀ ସେବା ସମୟୋପଯୋଗୀ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲିଥିବା ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ସହ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟକୁ ଆଗେଇ ନେବାକୁ ଶ୍ରୀମତୀ ନାୟକ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ହିନ୍ଦୋଳ ବିଡିଓ କଲ୍ୟାଣ ସୌରଭ ଦାସ, ଓଡ଼ାପଡ଼ା ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀ, ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ଉପନିର୍ଦ୍ଦେଶକ ରାଜବଲ୍ଲଭ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷା ବିଭାଗର ୯ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଢେଙ୍କାନାଳ,୩୧।୭(ସମିସ):** ସଦର ବ୍ଲକ୍ ଅନ୍ତର୍ଗତ ମୁକ୍ତାଦେଇପୁର ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ଲିଳାବତୀ ପ୍ରଧାନ, ସୌଦାମିନୀ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କିରଣବାଳା ଦେବୀ, ଗୋହିରାଖାଲ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଷମା ଶତପଥୀ, ଭୋଳେଶ୍ୱର ଧଳ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଞ୍ଜିତା ହୋତା, ଗେଙ୍ଗୁଟିଆ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଜାତା କୁମାରୀ କବିଶତପଥୀ, ଜଙ୍ଗିରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ମିଶ୍ର, ତଇଳାସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଷମା ସାହୁ, କାମଧେନୁକୋଟ ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୈଳବାଳା ରାଉତ ଓ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ ସହାୟକ ଅକ୍ଷୟ କୁମାର ହୋତା ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ସଦର ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ତରଫରୁ ଉକ୍ତ ୯ ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଦର ବିଇଓ ଦିବ୍ୟ ପ୍ରକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏବିଇଓ ଭଗବାନ ବେହେରା, ସେକ୍ସନ୍ ଅଫିସର୍ ବବିତା ଦାସ, ପ୍ରାଥମିକ ଶିକ୍ଷା ସଂଘର ସଭାପତି ବୈରାଗୀ ଚରଣ ସେଠୀ, ସମ୍ପାଦକ ଶତ୍ରୁଘ୍ନ ମଲ୍ଲିକ, ଉପଦେଷ୍ଟା ଅସିତ୍ ମିଶ୍ର, ପ୍ରଶାନ୍ତ ପଣ୍ଡା, ନିରାକାର ବେହେରା, ସାଙ୍ଗଠନିକ ସମ୍ପାଦକ ବିଷ୍ଣୁ ମଲ୍ଲିକ ପ୍ରମୁଖ ଯୋଗଦେଇ ବିଦାୟୀ କର୍ମଚାରୀଙ୍କର କର୍ମମୟ ଜୀବନ ଓ ଶିକ୍ଷା କ୍ଷେତ୍ରରେ ସେମାନଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ଓ ସେମାନଙ୍କର ନିରାମୟ ଜୀବନ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନାରାୟଣ ନାୟକ, ଲାଲୁ ପ୍ରସାଦ ସେନ୍, ଝସକେତନ ପ୍ରଧାନ ପ୍ରମୁଖ ଯୋଗଦେଇ ବିଦାୟୀ କର୍ମଚାରୀଙ୍କର ଗୁଣାବଳୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଶେଷରେ ଏବିଇଓ ସନ୍ତୋଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


## ଓପିଏସ୍ କଲେଜରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ



**ଖଜୁରିଆକଟା,୩୧।୭(ସମିସ):** ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର କର୍ମଚାରୀ ପରିଷଦ, ଅର୍ଥନୀତି ବିଭାଗ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ କର୍ମଚାରୀ ପରିଷଦ ସଭାପତି ବିଜୟ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅର୍ଥନୀତି ବିଭାଗ ଅଧ୍ୟାପିକା ନୟନା ବରାଳଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଅଧ୍ୟାପକ ନୀଳକଣ୍ଠ ଦାସ, ଡ. ରାଜକିଶୋର ସାମଲ ଓ ଦିଲୀପ କୁମାର ପୃଷ୍ଟି ଯୋଗଦେଇ ଅଧ୍ୟାପିକା ବରାଳଙ୍କ ନିଷ୍ଠାପର ସେବା ମନୋଭାବର ପ୍ରଶଂସା କରିଥିଲେ। ଅଧ୍ୟାପିକା ବରାଳଙ୍କୁ ଉପହାର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୧୯ରେ ସେ ଏହି କଲେଜରେ ଯୋଗଦେଇ ନିଷ୍ଠାର ସହ କାର୍ଯ୍ୟ କରୁଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କର ପୁରୀ ଜିଲ୍ଲା ବ୍ରହ୍ମଗିରିସ୍ଥିତ ଅଲାରନାଥ ଧନ୍ଦାମୂଳକ ମହାବିଦ୍ୟାଳୟକୁ ବଦଳି ହୋଇଛି। ଅଧ୍ୟାପକ ଡ. ଦେବାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ପ୍ରଣବ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ମଙ୍ଗଳ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଗଁଦିଆ,୩୧।୭(ସମିସ):** ସ୍ଥାନୀୟ ଜିଲା କାର୍ଯ୍ୟାଳୟର ସଦଭାବନା ହଲ ପରିସରରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ସଭାପତିତ୍ୱରେ ଜିଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ସାଧାରଣ ରମେଶଚନ୍ଦ୍ର ସେଠି ଓ ଅତିରିକ୍ତ ଜିଲାପାଳ ରାଜସ୍ୱ ଲଳିତ ବେହେରା ଉପସ୍ଥିତ ରହି ମଙ୍ଗଳ ଅଧିକାରୀ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା ପ୍ରଥମେ ଜିଲାର ହିନ୍ଦୋଳ ବ୍ଲକରେ ୨୦୧୦ ମସିହାରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବେ ଯୋଗଦେବା ପରେ ଓଡାପଡା, ଢେଙ୍କାନାଳ ସଦର ବ୍ଲକରେ କାର୍ଯ୍ୟକରି ଜିଲାର ଅତିରିକ୍ତ ମଙ୍ଗଳ ଅଧିକାରୀ ଓ ପରେ ୨୦୨୩ରେ ଜିଲା ମଙ୍ଗଳ ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ସଭାରେ ଉପସ୍ଥିତ ଥିବା ଅଧିକାରୀ ଓ କର୍ମଚାରୀମାନେ ବିଦାୟୀ ମଙ୍ଗଳ ଅଧିକାରୀଙ୍କର ସୁସ୍ଥ ଓ ନିରୋଗ ଜୀବନ ଯାପନ କାମନା କରିଥିଲେ।




■ ଭୁବନ ପଞ୍ଚାୟତ ସମିତିର ୧୦ମ ଅଧିବେଶନ

## ଯୋଗ୍ୟ ହିତାଧିକାରୀ ଚୟନ କରି କାର୍ଯ୍ୟାଦେଶ ବଣ୍ଟନକୁ ଗୁରୁତ୍ୱ

**ଭୁବନ,୩୧।୭(ସମିସ):** ଭୁବନ ପଞ୍ଚାୟତ ସମିତିର ଦଶମ ସାଧାରଣ ଅଧିବେଶନ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ସିପ୍ରା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ପ୍ରତିନିଧି ବରିଷ୍ଠ ବିଜେପି ନେତା ପ୍ରେମାନନ୍ଦ ଜେନା ମୁଖ୍ୟଅତିଥି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିର୍ବାଚିତ ପ୍ରତିନିଧିଙ୍କ ସହମତିରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବ ବିବରଣୀ ପାଠ କରାଯାଇ ସର୍ବସମ୍ମତି କ୍ରମେ ଏହାକୁ ଦୃଢ଼ୀକରଣ କରାଯାଇଥିଲା।




ନୂତନ ସଭାଗୃହ ନିର୍ମାଣ, ଯମୁନାକୋଟ ବିଦ୍ୟାଳୟକୁ ପାନୀୟ ଜଳ ଯୋଗାଣ, ଦିଘି ପଞ୍ଚାୟତରେ ଷ୍ଟ୍ରିଟ୍ ଲାଇଟ୍ ମରାମତି ସହ ଆଲୋକୀକରଣ, ଅଙ୍ଗନବାଡ଼ି କେନ୍ଦ୍ରକୁ ବିଦ୍ୟୁତ୍ ସଂଯୋଗ, ପ୍ରତ୍ୟେକ ପଞ୍ଚାୟତରେ ଜଳ ଯୋଗାଣ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯିବାକୁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇଥିବା ଓ ସର୍ଭେରେ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ସଠିକ୍ ତଥା ଯୋଗ୍ୟ ହିତାଧିକାରୀ ଚୟନ କରି କାର୍ଯ୍ୟାଦେଶ ବଣ୍ଟନ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ, ଜିଲ୍ଲା ପରିଷଦ ସଭ୍ୟ ଶିଳାରାଣୀ ସାହୁ, ରମେଶ ଚନ୍ଦ୍ର ସାହୁ, ସୁବାସ ମାଝୀଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଯୋଗଦେଇଥିଲେ। ବିଡିଓ ଆୟୁଷୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ ଅଶୋକ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଞ୍ଜିତ କୁମାର ବେହେରାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ଶିକ୍ଷକ ଶୂନ୍ୟ | ଚିନ୍ତାରେ ଅଭିଭାବକ ଓ ଛାତ୍ରଛାତ୍ରୀ

**ଖଜୁରିଆକଟା,୩୧।୭(ସମିସ):** ହିନ୍ଦୋଳ ଶିକ୍ଷା ଜିଲ୍ଲାରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା। ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ୧୬ ଥିବା ବେଳେ ଶିକ୍ଷାଦାନ ପାଇଁ ଶିକ୍ଷକ ନାହାନ୍ତି। ଯାହାକୁ ନେଇ ଚିନ୍ତାରେ ଅଭିଭାବକ ଓ ଛାତ୍ରଛାତ୍ରୀ। ହିନ୍ଦୋଳ ଉପଖଣ୍ଡ ମହାଲୁଣ୍ଡା ପଞ୍ଚାୟତରେ ସ୍ୱର୍ଗତ ପ୍ରାଣବନ୍ଧୁ ସାମନ୍ତଙ୍କ ଦ୍ୱାରା ୧୯୯୩ରେ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ବିଦ୍ୟାଳୟ ପ୍ରତିଷ୍ଠା ଦିନଠାରୁ ଶିକ୍ଷାଦାନ କରୁଥିଲେ ଶିକ୍ଷକ ବସନ୍ତ କୁମାର ସାହୁ। ଜଣେ ମାତ୍ର ଶିକ୍ଷକରେ ଆଜିକୁ ୩୩ ବର୍ଷ ଧରି ପାଠପଢ଼ା ଚାଲିଥିବା ବେଳେ ଶୁକ୍ରବାର ସେ ଅବସର ଗ୍ରହଣ କରିଛନ୍ତି। ଏଭଳି ପରିସ୍ଥିତିରେ ଶନିବାରଠାରୁ ବିଦ୍ୟାଳୟରେ ଶିକ୍ଷାଦାନ ବନ୍ଦ ରହିବ। ଦୀର୍ଘ ଦିନର ଏହି ସମସ୍ୟାକୁ ନେଇ ଗ୍ରାମବାସୀ ହିନ୍ଦୋଳ ବ୍ଲକ ଶିକ୍ଷା ଅଧିକାରୀ, ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲାପାଳ, ଶିକ୍ଷାମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ହେଁ ପିଲାଙ୍କ ଭବିଷ୍ୟତକୁ ନେଇ କୌଣସି ଅଧିକାରୀ ଗୁରୁତ୍ୱ ଦେଇ ନାହାନ୍ତି। ଫଳରେ ୧୬ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ହେବାକୁ ଯାଉଛି। ସରକାର ଏଥି ପ୍ରତି ଗୁରୁତ୍ୱ ନ ଦେଲେ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ଢେଙ୍କାନାଳ,୩୧।୭(ସମିସ):** ସୁନ୍ଦରିଖାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ଇ ଟେକ ରେସିଡେନସିଆଲ କଲେଜ ଉପାଧ୍ୟକ୍ଷ ଅନିଲ ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମା' ସରସ୍ୱତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ବିଭିନ୍ନ ବୈଜ୍ଞାନିକଙ୍କ ଉଦାହରଣ ଦେଇ ସେ ଆମ କୁନି କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ।



ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ନଗେନ ଦାସ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମ୍ପାଦକ ଗଗନ ବିହାରୀ ନାୟକ ଅଧ୍ୟକ୍ଷତା କରିଥିଲେ। ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ସଂସ୍କୃତିବୋଧ ଯୋଜନା, ମୂର୍ତ୍ତୀ କଳା ଆଦି ବିଷୟରେ ମୋଟ ୬୮୮ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବନ ବିହାରୀ ବାରିକ, କୈଳାଶ ପୃଷ୍ଟି, ସତ୍ୟବ୍ରତ ମାଟିଆ ମିଶ୍ର, ପ୍ରଫୁଲ ପାତ୍ର ବିଚାରକ ଭାବେ ପ୍ରକଳ୍ପ ଓ ପ୍ରୟୋଗ ଗୁଡ଼ିକୁ ମୂଲ୍ୟାଙ୍କନ କରିଥିଲେ। ବିଭିନ୍ନ ବିଭାଗରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୧୮୦ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଜ୍ଞାନ ପ୍ରମୁଖ ଆଚାର୍ଯ୍ୟ ପ୍ରଦୀପ କୁମାରଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜଳଲାଗି ପୂର୍ବରୁ କପିଳାସରେ ବ୍ୟାପକ ବ୍ୟବସ୍ଥା କରିବାକୁ ଦାବି

**ଗଁଦିଆ,୩୧।୭(ସମିସ)**

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ବିଜେ କପିଳାସରେ ଆସନ୍ତା ଶ୍ରାବଣ ମାସରେ ଲକ୍ଷାଧିକ କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହି ପବିତ୍ର ଜଳଲାଗି ଉତ୍ସବ ସମୟରେ ଶ୍ରଦ୍ଧାଳୁମାନେ ଯେପରି ସୁରକ୍ଷିତ ଏବଂ ଶୋଷଣମୁକ୍ତ ପରିବେଶରେ ଦର୍ଶନ କରିପାରିବେ। ସେଥିପାଇଁ ଜିଲ୍ଲା ଓ ଦେବୋତର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହୋଇଛି। ଗତ ବର୍ଷମାନଙ୍କ ଭଳି ଭକ୍ତମାନେ ଯେପରି ଆର୍ଥିକ ଶୋଷଣର ଶିକାର ନହୁଅନ୍ତି, ସେଥିପ୍ରତି ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ। ଭୋଗ ଦୋକାନର ଦର



ତାଲିକା, ଦୁଇ ଚକିଆ ଓ ଚାରି ଚକିଆ ଯାନର ପାର୍କିଂ ଫିସ୍ ଏବଂ ମୋଟର ସାଇକେଲ ଷ୍ଟାଣ୍ଡ ଶୁଳ୍କର ସରକାରୀ ଚାର୍ଟ ସାର୍ବଜନୀନ ଭାବେ ପ୍ରଦର୍ଶିତ ହେବା ଜରୁରୀ। ଦେବୋତର ପ୍ରଶାସନ ଏହି ଦର ତାଲିକାକୁ ପୀଠର ବିଭିନ୍ନ ସ୍ଥାନରେ ବଡ଼ ବୋର୍ଡ ମାଧ୍ୟମରେ ଲଗାଇବା ସହ ଗଣମାଧ୍ୟମରେ ପ୍ରଚାର କଲେ ଏହା ଏକ ସ୍ୱଚ୍ଛ ବ୍ୟବସ୍ଥା ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଏହାବ୍ୟତୀତ ଶ୍ରାବଣ ଜଳଲାଗି ସମୟରେ ଭକ୍ତମାନଙ୍କ ପାଇଁ ନିମ୍ନଲିଖିତ ମୌଳିକ ସୁବିଧା ଉପଲବ୍ଧ କରାଇବାକୁ ଦାବି କରାଯାଇଛି ଯେପରି କି କପିଳାସ ପୀଠ, ପାହାଡ଼ ପାଦଦେଶ, ପାବଛ ଓ ବାରବଙ୍କ ରାସ୍ତାରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରିବା ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉ। ଶ୍ରଦ୍ଧାଳୁଙ୍କ ବିଶ୍ରାମ ଏବଂ ବର୍ଷାରୁ ସୁରକ୍ଷା ପାଇଁ ଅସ୍ଥାୟୀ ଟେଣ୍ଟ ନିର୍ମାଣ ସହିତ ସମସ୍ତ ପାଇଖାନାକୁ ୨୪ ଘଣ୍ଟା ଖୋଲା ରଖାଯାଉ। ଛୋଟ ଯାନଗୁଡ଼ିକୁ ନିରୁପମା ହୋଟେଲ ନିକଟରେ ଏବଂ ଭାରି ଯାନକୁ ଦେଓଗାଁ ମେଡ଼ିକାଲ ପଡ଼ିଆରେ ପାର୍କିଂ କରାଯାଉ। ଜଳଲାଗି ଦିନଗୁଡ଼ିକରେ ପାହାଡ଼ ଉପରକୁ ୪ ଚକିଆ ଓ ଭାରି ଯାନ ଚଳାଚଳ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଉ। ଖାଦ୍ୟ ବିତରଣ କେନ୍ଦ୍ରଗୁଡ଼ିକରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଦ୍ୱାରା ଖାଦ୍ୟମାନ ଯାଞ୍ଚ କରାଯାଉ। ପାହାଡ଼ ଉପରେ ଏବଂ ଡିଅର ପାର୍କ ନିକଟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସ୍ଥାପନ କରିବା ସହ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଉ। ମନ୍ଦିର ନିକଟକୁ ଶ୍ରଦ୍ଧାଳୁଙ୍କ ଯାତାୟାତ ପାଇଁ ୨୪ ଘଣ୍ଟିଆ ଟ୍ୟାକ୍ସି ସେବା ଉପଲବ୍ଧ କରାଇବା ସହିତ କପିଳାସ ଛକ ନିକଟସ୍ଥ "ପଥ ପ୍ରାନ୍ତ ସୁବିଧା କେନ୍ଦ୍ର"କୁ ଖୋଲା ରଖାଯାଉ। ଶ୍ରଦ୍ଧାଳୁଙ୍କ ସେବା ହିଁ ପ୍ରଭୁ ଚନ୍ଦ୍ରଶେଖରଙ୍କ ପ୍ରକୃତ ସେବା। ତେଣୁ କପିଳାସ ଆସୁଥିବା ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସମ୍ମାନ ସୁନିଶ୍ଚିତ କରିବା ଦିଗରେ ପ୍ରଶାସନ ନିଜର ପ୍ରାଥମିକ ଦାୟିତ୍ୱ ତୁଲାଇବାକୁ ବିଭିନ୍ନ ମହଲରୁ ଦାବି ଉଠିଛି।

# ବନ୍ୟା ବିପ୍ରାତ ବେଳେ ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଭୋଜିଭାତରେ ବ୍ୟସ୍ତ: ବିଜେଡି

## ୨୦ରୁ ଊର୍ଦ୍ଧ୍ୱ ଜିଲ୍ଲା ବନ୍ୟା ପ୍ରଭାବିତ, ଗଲାଣି ୭ ଜଣଙ୍କ ଜୀବନ

**ଅଧିକାଂଶ ବନ୍ୟା ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ପହଞ୍ଚିନାହିଁ**



ଭୁବନେଶ୍ୱର,୩୧।୭(ସମିସ): ରାଜ୍ୟରେ ୨୦ରୁ ଊର୍ଦ୍ଧ୍ୱ ଜିଲ୍ଲା ବନ୍ୟାରେ ପ୍ରଭାବିତ ହୋଇଛି। ଏହି ସମୟରେ ମୁଖ୍ୟମନ୍ତ୍ରୀ ଓ ବିଜେପିର ବରିଷ୍ଠ ନେତୃବୃନ୍ଦ ନୂଆଦିଲ୍ଲୀରେ ଭୋଜିଭାତରେ ବ୍ୟସ୍ତ ଅଛନ୍ତି ବୋଲି କହି ସରକାରଙ୍କୁ ଭର୍ତ୍ସନା କରିଛି ବିଜେଡି। ଶୁକ୍ରବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ତଥା ଉପସଭାପତି ଅତନୁ ସବ୍ୟସାଚୀ ନାୟକ, ବନ୍ୟାରେ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଥିଲେ।

ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ଗତ ସରକାରଙ୍କ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ସୁଦୃଢ଼ ବ୍ୟବସ୍ଥା ହୋଇଥିଲା। ଏଥିପାଇଁ ଓଡ଼ିଶା ସମଗ୍ର ଦେଶ ଓ ବିଶ୍ୱରେ ପ୍ରଶଂସିତ ହୋଇଥିଲା। ଚଳିତ ବନ୍ୟାରେ ରାଜ୍ୟରେ ୭ ଜଣ ପ୍ରାଣ ହରାଇଥିବା ବେଳେ ୧୩୮୦ ଗୃହ ପାଳିତ ପ୍ରାଣୀଙ୍କ ଜୀବନ ଯାଇଛି। ଏହାସହିତ ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ରାଜ୍ୟର ସ୍ଥିତି ସଙ୍ଗୀନ ଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ବିଜେପିର ବରିଷ୍ଠ ମାନେ ନୂଆଦିଲ୍ଲୀରେ ଭୋଜି ଭାତରେ ମାତିଛନ୍ତି। ନବୀନଙ୍କ ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତି ଆଜି ବିଜେପି ସରକାରଙ୍କ ପାଇଁ ଅଦରକାରୀ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ 'ଜିରୋ କାଜୁଆଲିଟି' କଥା କହୁଛନ୍ତି, କିନ୍ତୁ ତାହା କାମରେ ଲାଗୁନାହିଁ ବୋଲି ଶ୍ରୀ ମିଶ୍ର କହିଥିଲେ।

ଅତନୁ ସବ୍ୟସାଚୀ ନାୟକ କହିଥିଲେ ରାଜ୍ୟର ୨୦ରୁ ଅଧିକ ଜିଲ୍ଲା ବନ୍ୟାରେ ପ୍ରଭାବିତ ହୋଇଛି। ଏହି ଘଡିସନ୍ଧି ମୁହୂର୍ତ୍ତରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ଅପରପକ୍ଷରେ, ରାଜ୍ୟର ମୁଖ୍ୟମନ୍ତ୍ରୀ ବିଜେପି ସାଂସଦମାନଙ୍କୁ ହୋଟେଲ ଅଶୋକରେ ଭୋଜି ଦେଉଛନ୍ତି। ରୋମ ଜଳୁଥିଲା ବେଳେ ନୀରୋ ବଂଶୀ ବାଦନ କରୁଥିବା ଭଳି ବନ୍ୟା ଦାଉରୁ ରକ୍ଷା ପାଇବା ପାଇଁ ରାଜ୍ୟବାସୀ ତହଳବିକଳ ହେଉଥିବା ବେଳେ ଆଜି ରାଜ୍ୟର ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ଭୋଜିଭାତରେ ମାତିଛନ୍ତି। ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ, ସ୍ୱାଭାବିକ ଭାବେ ନବୀନ ପଟ୍ଟନାୟକ ମନେ ପଡ଼ନ୍ତି। ତାଙ୍କର ପ୍ରତ୍ୟେକ ଜୀବନ ମୂଲ୍ୟବାନ ଓ ଜିରୋ କାଜୁଆଲିଟି ନୀତି ଲୋକଙ୍କ ସ୍ମରଣରେ ଆସେ। ହେଲେ ବର୍ତ୍ତମାନ ବନ୍ୟା ସ୍ଥିତି ଉତ୍କଟ ହୋଇଥିବା ବେଳେ, ପ୍ରଭାବିତ ଲୋକମାନେ ସହାୟତା ପାଇଁ ଅନାଇ ବସିଛନ୍ତି। ଅଧିକାଂଶ ଜାଗାରେ ଶୁଖିଲା ଖାଦ୍ୟ ପହଞ୍ଚି ପାରିନାହିଁ। ବନ୍ୟା ଅଞ୍ଚଳରେ ରନ୍ଧା ଖାଦ୍ୟ ପ୍ରଦାନ କରିବାର ବ୍ୟବସ୍ଥା ଥିବା ସତ୍ତ୍ୱେ, ତାହା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନାହିଁ ବୋଲି ବିଜେଡି ଅଭିଯୋଗ କରିଛି।

## ଗାଡ଼ରେ ପଡ଼ି ୨ ଭାଇ-ଭଉଣୀ ମୃତ

କୋଇଡ଼ା, ୩୧।୭ (ସମିସ): କୋଇଡ଼ା ଖଣି ଅଞ୍ଚଳରେ ଘଟିଛି ଏକ ଦୁଃଖଦ ଘଟଣା। ଶୌଚ ପାଇଁ ଯିବାବେଳେ ଏକ ପାଣି ଭର୍ତ୍ତି ଗାଡ଼ରେ ପଡ଼ି ୫ବର୍ଷର ଭଉଣୀ ଓ ୩ ବର୍ଷର ଭାଇର ଜୀବନ ଯାଇଛି। ମୃତକ ହେଲେ କାଦୋଡିହା ଗ୍ରାମର ଶମ୍ଭୁ ଭୂମିଜ ଓ ଗଙ୍ଗା ଭୂମିଜଙ୍କ ଝିଅ ପ୍ରିୟା ଓ ମନୋଜ। ପ୍ରକାଶ ଯେ, ଆଜି ଦିନ ପ୍ରାୟ ୧୧ଟାବେଳେ କୋଇଡ଼ା ଥାନାରୁ ୨ କିମି ଦୂର କାଦୋଡିହି ଗ୍ରାମର ଶମ୍ଭୁ ସ୍ତ୍ରୀ ଗଙ୍ଗା ଓ ପୁଅ-ଝିଅଙ୍କ ସହ ବସି ଖାଉଥିବାବେଳେ। ଝିଅ ପ୍ରିୟା ମା'କୁ ଝାଡ଼ା ଯାଉଛି କହି ୩ବର୍ଷର ଭାଇ ମନୋଜକୁ ଧରି ଯାଇଥିଲେ। ପଡ଼ିଆକୁ ଯାଉଥିବାବେଳେ ଘରର ୩ଶହ ମିଟର ଦୂରରେ ପଡୋଶୀ ଖୋଳିଥିବା ଏକ ଗାଡ଼ରେ ବର୍ଷା ପାଣି ଜମି ରହିଥିବାରୁ ସେଥିରେ ଅସାବଧାନତାବଶତଃ ଖସି ପଡିଥିଲେ। ବହୁ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକେ ଖୋଜଖୋଜି କରିଥିଲେ। ସେତିକି ବେଳେ ଜଣେ ବ୍ୟକ୍ତି ଆସି ସେମାନେ ଗାଡ଼ରେ ପଡ଼ିଯାଇଥିବା କହିଥିଲେ।

# ବନ୍ୟା ପରିଚାଳନାରେ ସରକାର ବିଫଳ: ଓଜେସି



ଭୁବନେଶ୍ୱର,୩୧।୭(ସମିସ): ରାଜ୍ୟରେ ଭୟାଭହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଭିନ୍ନ ଭିନ୍ନ ଜିଲ୍ଲାର ପ୍ରାୟ ୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏବଂ ହଜାର ହଜାର ଗୃହପାଳିତ ପଶୁ ଏହି ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ମାତ୍ର ବନ୍ୟା ପରିଚାଳନାରେ ସରକାର ବିଫଳ ହୋଇଛନ୍ତି ବୋଲି ଉଲ୍ଲେଖ କରି କଟୁ ସମାଲୋଚନା କରିଛି ଓଜେସି। ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ଓଜେସି ସେବା ସଙ୍ଗଠନ ଅଧ୍ୟକ୍ଷ ମନୋଜ ଜେନା କହିଛନ୍ତି ଯେ ବର୍ଷ ବନ୍ୟା ପରିଚାଳନାରେ ରାଜ୍ୟ ସରକାର ପ୍ରାକ୍ ପ୍ରସ୍ତୁତି ଠିକ୍ ଭାବେ କରି ନଥିବାରୁ ରାଜ୍ୟରେ ବନ୍ୟା ଦ୍ୱାରା ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ଜନସାଧାରଣଙ୍କ ନିକଟରେ ଜରୁରୀ ଆବଶ୍ୟକତା ଖାଦ୍ୟ ଓ ପାନୀୟ ଜଳ ପହଞ୍ଚାଇବାରେ ସରକାର ବିଫଳ ହୋଇଥିବାରୁ ଅନେକ ଅଞ୍ଚଳରେ ପ୍ରଭାବିତମାନେ ଅତ୍ୟନ୍ତ ଦୟନୀୟ ଭାବେ ଜୀବନ ଯାପନ କରୁଛନ୍ତି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରଭାବିତ ଲୋକଙ୍କର ଦୁଃଖ ଦୁର୍ଦ୍ଦଶା ଦୂର ପଦକ୍ଷେପ ନେବା ପରିବର୍ତ୍ତେ ଦିଲ୍ଲୀରେ ଭୋଜିଭାତ କରୁଛନ୍ତି ।

**ବନ୍ୟା ବିଭୀଷିକା ସମୟରେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ସରକାରଙ୍କ ଦାୟିତ୍ୱହୀନତା ସୂଚାଉଛି**

ନଦୀପଠାରୁ ବ୍ୟାପକ ବାଲି ଚୋରାଚାଲାଣ ଦ୍ୱାରା ନଦୀବନ୍ଧ ଦୁର୍ବଳ ହେବାସହ ପ୍ରଖର ସ୍ରୋତ ଆସି ନଦୀ ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ବ୍ୟାପକ କ୍ଷୟକ୍ଷତି ହୋଇଛି। କୌଣସି ନଦୀ କୂଳରେ ଆଡିବନ୍ଧ ବା ବୃକ୍ଷ ନଥିବାରୁ ଏହିଭଳି ବିପର୍ଯ୍ୟୟ ବାରମ୍ବାର ଘଟୁଛି। ବର୍ତ୍ତମାନର ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ଏଣୁ ଓଡ଼ିଶା ଜନତା କଂଗ୍ରେସ ତରଫରୁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେଇ ବନ୍ୟା ବିପର୍ଯ୍ୟୟ ନିୟନ୍ତ୍ରଣ କରନ୍ତୁ ବୋଲି ଶ୍ରୀ ଜେନା ଦାବି କରିଛନ୍ତି। ଓଡ଼ିଶା ଜନତା କଂଗ୍ରେସ ସଭାପତି ମହମ୍ମଦ ମୋକିମଙ୍କ ନିର୍ଦ୍ଦେଶରେ ଓଜେସି ସେବା ସଂଗଠନ ପକ୍ଷରୁ ଶନିବାରଠାରୁ ଏକ ପ୍ରତିନିଧି ମଣ୍ଡଳୀ ଯାଜପୁର ଜିଲ୍ଲାର ବନ୍ୟାଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବା ସହ ପ୍ରଭାବିତ ଲୋକଙ୍କୁ ରିଲିଫ ପ୍ରଦାନ କରିବ ବୋଲି ଦଳ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପାର୍ଟିର ଯାଜପୁର ଜିଲ୍ଲା ପ୍ରଭାରୀ ନଜିବୁର୍ ରେହମାନ ଖାନ୍, ସୋମନାଥ ରାଉତ ଏବଂ ଓଡ଼ିଶା କୃଷକ ଜନତା କଂଗ୍ରେସର ବରିଷ୍ଠ ନେତା ଦୁର୍ଗାଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ପରିସରର ବେଆଇନ୍ ଫଟୋଗ୍ରାଫି ମାମଲା ରଦ୍ଦ ପାଇଁ ହାଇକୋର୍ଟରେ ଶାଳିନୀ ପାସୀ

କଟକ,୩୧।୭(ସମିସ): ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ବେଆଇନ ଭାବେ ଫଟୋ ଉଠାଇବା ଅଭିଯୋଗରେ ରୁଜୁ ହୋଇଥିବା ଅପରାଧିକ ମାମଲାକୁ ଖାରଜ କରିବା ପାଇଁ ରିଅଲିଟି ଟିଭି କଳାକାର ଶାଳିନୀ ପାସି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏହି ଆବେଦନର ପ୍ରାରମ୍ଭିକ ଶୁଣାଣି କରିଛନ୍ତି। ରାଜ୍ୟ ସରକାରଙ୍କୁ ଏହି ଘଟଣାରେ ପକ୍ଷ ରଖିବା ପାଇଁ ୪ ସପ୍ତାହ ସମୟ ଦେଇଛନ୍ତି ହାଇକୋର୍ଟ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୬ ସେପ୍ଟେମ୍ବର ୭ରୁ ଆରମ୍ଭ ହେଉଥିବା ସପ୍ତାହରେ ହେବ ବୋଲି ଅଦାଲତ ଧାର୍ଯ୍ୟ କରିଛନ୍ତି। ଆବେଦନକାରୀ ଯଦି ନିମ୍ନ ଆଦାଲତରେ ବିଚାର ପ୍ରକ୍ରିୟାକୁ ସ୍ଥଗିତ ରଖିବା ପାଇଁ ଆବେଦନ କରନ୍ତି, ତେବେ ନିମ୍ନଅଦାଲତ ୮ ସପ୍ତାହ ପାଇଁ ଶୁଣାଣି ସ୍ଥଗିତ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ସିଂହଦ୍ୱାର ଥାନାରେ ରୁଜୁ ହୋଇଥିବା ମାମଲା ଅନୁଯାୟୀ, ଶାଳିନୀ ପାସି ଶ୍ରୀମନ୍ଦିରର ସୁରକ୍ଷିତ ଅଞ୍ଚଳ ଭିତରେ ଫଟୋ ଉଠାଇ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଗତ ୨୦୨୧ଜୁନ୍୮ରେ ପୁରୀ ଏସଡିଜେଏମ ଅଦାଲତ ଅଭିଯୋଗକୁ ବିଚାର ପାଇଁ (କଗ୍ନିଜାନ୍ସ) ଗ୍ରହଣ କରିଥିଲେ। ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ର ଧାରା ୫୨୮ ଅଧୀନରେ ନିମ୍ନ ଅଦାଲତର ମାମଲା ରଦ୍ଦ ପାଇଁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

**ଜମି ପଟ୍ଟା ସଂଶୋଧନ ପାଇଁ ୩୦ ହଜାର ଟଙ୍କା ଲାଞ୍ଚ**

## ନିଆଳି ମାଧବ ଆର୍ଆଇ ଓ ସହଯୋଗୀ ଗିରଫ

କଟକ, ୩୧।୭(ସମିସ): ମ୍ୟୁଟେସନ ମାମଲାରେ ସପକ୍ଷରେ ରିପୋର୍ଟ ଦେବା ଏବଂ ସଂଶୋଧିତ ଜମି ପଟ୍ଟା ପ୍ରଦାନ କରିବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଛନ୍ତି ନିଆଳି ତହସିଲ ଅନ୍ତର୍ଗତ ମାଧବ ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) କିଶୋର କୁମାର ସ୍ୱାଇଁ। ଏହି ମାମଲାରେ ଶ୍ରୀ ସ୍ୱାଇଁଙ୍କ ସମେତ ତାଙ୍କ ସହଯୋଗୀ (ବେସରକାରୀ ବ୍ୟକ୍ତି) ସୁକାନ୍ତ ପ୍ରଧାନଙ୍କୁ ମଧ୍ୟ ଗିରଫ କରିଛି ଭିଜିଲାନ୍ସ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିୟମାନୁସାରେ ଜଣେ ଆବେଦନକାରୀ ଜମି ପଟ୍ଟା ସଂଶୋଧନ ପାଇଁ ଅନଲାଇନ୍ ମାଧ୍ୟମରେ ଆବେଦନ କରିଥିଲେ। ମାମଲାର ଶୀଘ୍ର ସମାଧାନ ପାଇଁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ଆରଆଇ କିଶୋର ସ୍ୱାଇଁ ବିନା କାରଣରେ କାର୍ଯ୍ୟରେ ବିଳମ୍ବ କରିଆସୁଥିଲେ। ପଟ୍ଟା ଦେବା ପାଇଁ ସେ ଆବେଦନକାରୀଙ୍କୁ ୩୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆବେଦନକାରୀ ଲାଞ୍ଚ ଦେବାକୁ ଅସମର୍ଥତା ପ୍ରକାଶ କରିଥିଲେ ବି ଆରଆଇ ତାଙ୍କ ଜିଦ୍‌ରେ ଅଟଳ ରହିବାରୁ ବାଧ୍ୟହୋଇ ସେ ଭିଜିଲାନ୍ସ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ଟିମ୍ ଏକ ଜାଲ ବିଛାଇଥିଲା। କାର୍ଯ୍ୟାଳୟ ଭିତରେ ୩୦ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଆରଆଇ କିଶୋର କୁମାର ସ୍ୱାଇଁ ଓ ସହଯୋଗୀ ସୁକାନ୍ତ ପ୍ରଧାନଙ୍କୁ ଭିଜିଲାନ୍ସ ଧରିଥିଲା। ସାକ୍ଷୀମାନଙ୍କ ଉପସ୍ଥିତିରେ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଗିରଫଦାରୀ ପରେ ଭିଜିଲାନ୍ସ ଟିମ୍ ଆରଆଇଙ୍କ ଅଫିସ୍ ପ୍ରକୋଷ୍ଠ ଏବଂ କଣ୍ଟାପଡ଼ା ବ୍ଲକ ଧାନମଣ୍ଡଳ ଗ୍ରାମରେ ଥିବା ତାଙ୍କ ଭଡ଼ା ଘରେ ଏକାସାଙ୍ଗରେ ଚଢ଼ଉ କରିଥିଲା। ଏହି ସମୟରେ ତାଙ୍କ ନିକଟରୁ ୧ଲକ୍ଷ ୩୫ହଜାର ଟଙ୍କା ନଗଦ ଉଦ୍ଧାର କରାଯାଇ ଜବତ କରାଯାଇଛି। ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

**ଆଉ ୪ଟି ଜାତୀୟ ଓ ରାଜ୍ୟ ରାଜପଥରେ ଲାଗୁହେଲା 'ଆଇଇଏମ୍ଏସ୍'**

## ଆଜି ମଧ୍ୟରାତ୍ରରୁ ସ୍ୱୟଂଚାଳିତ ଇ-ଚାଲାଣ

କଟକ,୩୧।୭(ସମିସ): ରାଜ୍ୟରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଏବଂ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ନଜର ରଖିବା ପାଇଁ ରାଜ୍ୟ ସଡ଼କ ପରିବହନ ପ୍ରାଧିକରଣ (ଏସଟିଏ) ପକ୍ଷରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ଆଉ ୪ଟି ପ୍ରମୁଖ ରାଜପଥ କରିଡରରେ 'ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ' (ଆଇଇଏମଏସ)ର ଶୁଭାରମ୍ଭ କରାଯାଇଛି। ଫଳରେ ଆସନ୍ତା ଅଗଷ୍ଟ ୧ତାରିଖ ରାତି ୧୨ଟାରୁ ଏହି ରାସ୍ତାଗୁଡ଼ିକରେ ସ୍ୱୟଂଚାଳିତ ଇ-ଚାଲାଣ ଜାରି ହେବ। ପ୍ରମୁଖ ରାସ୍ତା ମଙ୍ଗୁଳି-ସମ୍ବଲପୁର, ସମ୍ବଲପୁର-ରାଉରକେଲା, ବ୍ରହ୍ମପୁର-ତପ୍ତପାଣି ଓ ବ୍ରହ୍ମପୁର-ଭଞ୍ଜନଗର ରାସ୍ତାରେ ଏହି ବ୍ୟବସ୍ଥା ଲାଗୁ କରାଯିବ। ରାଜ୍ୟର କେତେକ ନିର୍ଦ୍ଦିଷ୍ଟ ରାସ୍ତାରେ ଏହି ବ୍ୟବସ୍ଥା ପୂର୍ବରୁ ସଫଳତାର ସହ କାର୍ଯ୍ୟକାରୀ ହେଉଥିବା ବେଳେ, ଏବେ ଏହାର ପରିସର ବୃଦ୍ଧି କରାଯାଇଛି। ଟ୍ରାଫିକ୍ ନିୟମ ମାନି ସୁରକ୍ଷିତ ଭାବେ ଗାଡ଼ି ଚଳାଇବାକୁ ଏସଟିଏ ପକ୍ଷରୁ ସମସ୍ତ ଚାଳକଙ୍କୁ ଅନୁରୋଧ କରାଯାଇଛି। ଏହି ବ୍ୟବସ୍ଥାରେ ରାସ୍ତାରେ ନିୟମ ଭାଙ୍ଗୁଥିବା ଯାନବାହାନକୁ ଏହା ସ୍ୱୟଂଚାଳିତ ଭାବେ ଚିହ୍ନଟ କରିବ। ପ୍ରମାଣ-ଭିତ୍ତିକ ଇ-ଚାଲାଣ ଗାଡ଼ିର ବେଗ, ଦୁଇ ଚକିଆ ଗାଡିରେ ଦୁଇ ଜଣରୁ ଅଧିକ ଯାତାୟତ କରିଲେ ଓ ଅନ୍ୟ ନିୟମ ଉଲ୍ଲଂଘନର ସଠିକ୍ ପ୍ରମାଣ ସହ ଆପେଆପେ ଇ-ଚାଲାଣ ଜାରି ହୋଇ ଗାଡ଼ି ମାଲିକଙ୍କ ପାଖକୁ ପଠାଯିବ।

**ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲା**

## ବିକ୍ରମ ପଣ୍ଡାଙ୍କ ଜାମିନ୍ ଉପରେ ରାୟ ସଂରକ୍ଷିତ

କଟକ,୩୧।୭(ସମିସ): ବହୁଚର୍ଚ୍ଚିତ ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଆଜି ହାଇକୋର୍ଟ ସାନି ଶୁଣାଣି କରିବା ସହ ରାୟକୁ ସଂରକ୍ଷିତ ରଖିଛନ୍ତି। ଇତିମଧ୍ୟରେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଅତିରିକ୍ତ ଚାର୍ଜସିଟ ଦାଖଲ କରାଯାଇଛି ଓ ମାମଲାର ତଦନ୍ତରେ ହୋଇଥିବା ଅଗ୍ରଗତି ସଂକ୍ରାନ୍ତରେ ହାଇକୋର୍ଟଙ୍କୁ ଆଜି ସରକାରଙ୍କ ତରଫରୁ ଅବଗତ କରାଯାଇଥିଲା। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଜାମିନ ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ପ୍ରକାଶଥାଉକି, ଗତ ଏପ୍ରିଲ ୧୭ରେ ହାଇକୋର୍ଟରେ ଶ୍ରୀ ପଣ୍ଡାଙ୍କ ଜାମିନ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣି ହୋଇ ରାୟ ସଂରକ୍ଷିତ ରହିଥିଲା। ମାମଲାର ତଦନ୍ତରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଅବଗତ ହେବା ପରେ ଆଜି ଅଦାଲତ ଚୂଡାନ୍ତ ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ପ୍ରକାଶ ଯେ ବ୍ରହ୍ମପୁର ଅତିରିକ୍ତ ଦୌରା ଜଜ ଅଦାଲତରେ ଜାମିନ ଖାରଜ ହେବା ପରେ ଶ୍ରୀ ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶ୍ରୀ ପଣ୍ଡାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୁବିର ପାଲିତ, ସରକାରଙ୍କ ପକ୍ଷରୁ ଏଜିଏ ପାର୍ଥସାରଥୀ ନାୟକ ଓ ଏତଲାକାରୀଙ୍କ ତରଫରୁ ଆଇନଜୀବୀ ବିଜୟ କୁମାର ରଗଡ ମାମଲା ପରିଚାଳନା କରୁଛନ୍ତି।

## ଦୀପାଳି ଦାସଙ୍କ ଆବେଦନକୁ ଗ୍ରହଣ କଲେ ହାଇକୋର୍ଟ

**ବିଧାୟକଙ୍କ ବିରୋଧରେ କୋର୍ଟ ମାମଲାର ରେକର୍ଡ, ବ୍ୟାଙ୍କ୍ ଡକ୍ୟୁମେଣ୍ଟ, ନିର୍ବାଚନୀ ତଥ୍ୟ ପ୍ରଦାନ ନିର୍ଦ୍ଦେଶ**

କଟକ,୩୧।୭(ସମିସ): ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ମାମଲାରେ ବିଜେଡି ପ୍ରାର୍ଥୀନୀ ଦୀପାଳି ଦାସଙ୍କ ଅଧିକାଂଶ ଆବେଦନକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ବିଭିନ୍ନ ଅଦାଲତ, ବ୍ୟାଙ୍କ, ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଆବଶ୍ୟକ ଡକ୍ୟୁମେଣ୍ଟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୀପାଳି ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ଆଦେଶ ଦେଇଛନ୍ତି। ଅଗଷ୍ଟ ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାରୁ ଜଣାଯାଇଛି ଯେ ଆବେଦନକାରିଣୀ ଶ୍ରୀମତି ଦାସ ଝାରସୁଗୁଡ଼ା ବିଧାୟକ ଟଙ୍କଧରଙ୍କ ବିରୋଧରେ ଭୁବନେଶ୍ୱର ଏସ୍‌ଡିଜେଏମ୍, ଝାରସୁଗୁଡ଼ା ଏସ୍‌ଡିଜେମ୍ ଏବଂ ସୁନ୍ଦରଗଡ଼ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ କେତେ ମାମଲା ରହିଛି ତାହାର ରେକର୍ଡ ମାଗିବା ଲାଗି ହାଇକୋର୍ଟରେ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଏହିସବୁ ରେକର୍ଡ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ନିର୍ବାଚନୀ ସଂକ୍ରାନ୍ତ କେତେକ ରେକର୍ଡ ପ୍ରଦାନ ପାଇଁ ହାଇକୋର୍ଟ ଝାରସୁଗୁଡ଼ା ଇଲେକ୍ସନ ଅଫିସର ତଥା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଏସ୍‌ବିଆଇ ଏବଂ ସୁନ୍ଦରଗଡ଼ର ଏସ୍‌ବିଆଇକୁ ଟଙ୍କା କାରବାର ସଂକ୍ରାନ୍ତ ତଥ୍ୟ ପ୍ରଦାନ ଲାଗି ହୋଇଥିବା ଆବେଦନକୁ ମଧ୍ୟ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଆବେଦନକାରିଣୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର, ଆଇନଜୀବୀ ତରଣୀକାନ୍ତ ବିଶ୍ୱାଳ ଏବଂ ବିଧାୟକଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଆଜିଠୁ ଖୋଲିବ...

ପକ୍ଷରୁ ଡାଙ୍ଗମାଳ ଓ ଗୁପ୍ତିଠାରେ ଥିବା ଫାଇବର୍ ବୋଟ୍‌ରେ ମଧ୍ୟ ପର୍ଯ୍ୟଟକ ବୁଲି ଭିତରକନିକାର ନୈସର୍ଗିକ ଶୋଭା ଉପଭୋଗ କରିପାରିବେ। ଚଳିତବର୍ଷ ଭିତରକନିକାକୁ ସମ୍ପୂର୍ଣ୍ଣ ଭାବେ ପଲିଥିନମୁକ୍ତ କରାଯାଇଛି। ପର୍ଯ୍ୟଟକ ପଲିଥିନ ଓ ପ୍ଲାଷ୍ଟିକ୍ ସାମଗ୍ରୀ ଜାତୀୟ ଉଦ୍ୟାନ ମଧ୍ୟକୁ ନ ଆଣିବା ପାଇଁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

### ବଢ଼ିରେ ଉବୁଟୁବୁ...

ଏବେ ବି ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ଅନେକ ଗାଁ ଜଳପ୍ଲାବିତ ହୋଇ ରହିଛି। ଅନ୍ୟପଟେ ମହାନଦୀରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ୯ ଲକ୍ଷ କ୍ୟୁସେକ୍ ଓ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସାଢ଼େ ୮ ଲକ୍ଷ କ୍ୟୁସେକ୍ ପାଣି ଚାଲୁଥିବାରୁ ଏହାର ଶାଖାନଦୀଗୁଡ଼ିକ ଉପରେ ଏବେ ବି ବିପଦ ରହିଛି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ଦେବୀ, କୁଶଭଦ୍ରା, ଇବ୍, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଜଳକା ଆଦି ନଦୀର ଜଳପତ୍ତନ ସ୍ତର କ୍ରମଶଃ ହ୍ରାସ ପାଉଛି। ମହାନଦୀର ଜଳପତ୍ତନ ସ୍ତର ବିପଦସଙ୍କେତଠୁଁ ସାମାନ୍ୟ ଅଧିକ ରହିଛି। ହୀରାକୁଦ ଡ୍ୟାମର୍ ୨୨ ଟି ଗେଟ୍ ଖୋଲାଯାଇ ବନ୍ୟା ଜଳ ନିଷ୍କାସିତ କରାଯାଉଛି। ଏହି ଜଳ ହୀରାକୁଦରୁ ଆସି ମୁଣ୍ଡୁଳି ଠାରେ ପହଞ୍ଚିବାକୁ ପାଖାପାଖି ୩୬ ଘଣ୍ଟା ସମୟ ଲାଗିବ। ତେବେ ସେତେବେଳକୁ ମୁଣ୍ଡୁଳିଠାରେ ମହାନଦୀର ଜଳସ୍ତର ଅପେକ୍ଷାକୃତ କମ୍ ହୋଇ ଯାଇଥିବାରୁ ଏହି ବନ୍ୟାଜଳ ଦ୍ୱାରା ବିଶେଷ ବିପଦ ସୃଷ୍ଟି ହେବ ନାହିଁ ବୋଲି ଆଶା କରାଯାଉଛି। କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଆଦି ଜିଲ୍ଲାମାନଙ୍କୁ ସମ୍ପୂର୍ଣ୍ଣ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ବିଭାଗ କହିଛି। ଜିଲ୍ଲା ପ୍ରଶାସନ ସହ ଓଡ୍ରାଫ୍, ଏନଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀ ସବୁଠି ନିୟୋଜିତ ଅଛନ୍ତି। ରାଜ୍ୟରେ ୧୮ ଟି ଓଡ୍ରାଫ୍, ୭ଟି ଏନଡିଆରଏଫ୍ ଏବଂ ୧୧୭ଟି ଅଗ୍ନିଶମ ତଥା ଜରୁରୀକାଳୀନ ଉଦ୍ଧାରକାରୀ ଦଳ ନିୟୋଜିତ ଥିବା ସହ ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ, ରିଲିଫ୍ ସାମଗ୍ରୀ ପ୍ରଦାନ ଆଦି କାର୍ଯ୍ୟରେ ଲାଗିଛନ୍ତି।

ବନ୍ୟା ସ୍ଥିତିକୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ପରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ବନ୍ୟା ଜଳ ଛାଡିବାର ୭୨ ଘଣ୍ଟା ମଧ୍ୟରେ କ୍ଷତିଗ୍ରସ୍ତ ଚାଷଜମିର କ୍ଷୟକ୍ଷତି ଆକଳନ କରି ଜିଲ୍ଲାପାଳମାନଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କୃଷି ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମନ୍ୱିତ ଭାବେ ସର୍ବେକ୍ଷଣ କରାଯାଇ ଜିଲ୍ଲା ପ୍ରଶାସନର ରିପୋର୍ଟ ଆଧାରରେ ତୁରନ୍ତ ମିଳିତ ସହଯୋଗ ତଥା କ୍ଷତିପୂରଣ ରାଶି ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଶସ୍ୟଜାତୀୟ ଫସଲ କିମ୍ବା ପନିପରିବା ସମସ୍ତ ପ୍ରକାର ଚାଷ ନିମନ୍ତେ କ୍ଷତିପୂରଣ ପ୍ରଦାନ ସହିତ ଆବଶ୍ୟକସ୍ଥଳେ କୃଷକମାନଙ୍କୁ ସ୍ୱଳ୍ପ ମିଆଦିର ବିହନ ମଧ୍ୟ ଯୋଗାଇ ଦିଆଯିବ ।ଏଥିସହିତ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ବିଭିନ୍ନ ବିଭାଗର କାର୍ଯ୍ୟାଳୟ ତଥା କୋଠାବାଡ଼ିର ମରାମତି ସହ ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଏବେ ସୁଦ୍ଧା ବନ୍ୟା ଦ୍ୱାରା ପ୍ରଭାବିତ ୭ ଟି ଜିଲ୍ଲାକୁ ଇତି ମଧ୍ୟରେ ଏସ୍‌ଡିଆର୍‌ଏଫ୍‌ରୁ ୨୬ କୋଟି ଟଙ୍କା ପ୍ରଦାନ କାରଯାଇଛି। ରିଲିଫ କ୍ୟାମ୍ପ ପରିଚାଳନା ପାଇଁ ଏହି ଅର୍ଥ ଯୋଗାଇ ଦିଆଯାଇଛି। ଏଥିରେ ଭଦ୍ରକ, ଯାଜପୁର, କେନ୍ଦୁଝର, ବାଲେଶ୍ୱରକୁ ୫ କୋଟି ଲେଖାଏଁ ଅର୍ଥ ଦିଆଯାଇଥିବା ବେଳେ ଜଗତସିଂହପୁର, କଟକ, ମୟୂରଭଞ୍ଜକୁ ୨ କୋଟି ଟଙ୍କା ଲେଖାଏ ଅର୍ଥ ପ୍ରଦାନ କରାଯାଇଛି। ସେହିପରି ଗୃହପାଳିତ ପଶୁଙ୍କ ଖାଦ୍ୟ ଯୋଗାଣକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, କେନ୍ଦୁଝର, କେନ୍ଦ୍ରାପଡ଼ା, ଖୋରଧା ଓ ଜଗତସିଂହପୁର ଜିଲ୍ଲାକୁ ୧୦୪୩.୫୪୩ ମେଟ୍ରିକ ଟନ୍ ଗୋଖାଦ୍ୟ ପଠାଯାଇଛି। ୨ ଲକ୍ଷ ୩୮ ହଜାର ୫୧୪ ଲୋକଙ୍କୁ ରିଲିଫ କ୍ୟାମ୍ପରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ହସୁଆରେ ଭାସିଯାଇ...

ବେହେରା, ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ପାଳ, ଏରସମା ଥାନା ଅଧିକାରୀ ପାର୍ଥପ୍ରୀତମ ବେଉରା, ସରପଞ୍ଚ ରଞ୍ଜନ ଜେଠୀ, ସମିତିସଭ୍ୟ ଧନଞ୍ଜୟ ସାହୁ, ବିଜେପି ନେତା ନୃସିଂହ ସାହୁ ଓ ସମାଜସେବୀ ସୁଶାନ୍ତ ମାଇତି ପ୍ରମୁଖ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ନଦୀରେ ଜାଲ ଓ କଣ୍ଟା ପକାଇ ବ୍ୟାପକ ତଲାସୀ ଚାଲିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ନିଖୋଜ ଦୁଇ ଛାତ୍ରଙ୍କ କୌଣସି ସନ୍ଧାନ ମିଳିପାରିଥିଲା।

### ଶାହାଙ୍କୁ ଭେଟିଲେ...

ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରୁଛନ୍ତି। ସକ୍ରିୟ ପୋଲିସିଂ ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ହୋଇଥିବା ଦ୍ରୁତ ଶିଳ୍ପାୟନ ବିଷୟରେ ଆଲୋଚନା କରି ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ଗୃହମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ସମବାୟ କ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ଓଡ଼ିଶାକୁ ସହଯୋଗ ଯୋଗାଇ ଦେଉଛନ୍ତି। ଓଡ଼ିଶାରେ ଚିନି କଳ ଗୁଡ଼ିକର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ସହଯୋଗ ଯୋଗୁ ମୁଖ୍ୟମନ୍ତ୍ରୀ ଗୃହ ମନ୍ତ୍ରୀ ଶ୍ରୀ ଶାହଙ୍କୁ ଧନ୍ୟବାଦ ଦେଇଛନ୍ତି।

ଓଡ଼ିଶାର "ଡବଲ୍-ଇଞ୍ଜିନ୍ ସରକାର' ସିଧାସଳଖ ଜନସମ୍ପର୍କ ଏବଂ ଦ୍ରୁତ ଅଭିଯୋଗ ପ୍ରତିକାର ମାଧ୍ୟମରେ ଜନସାଧାରଣଙ୍କ ଆସ୍ଥା ଜିତି ପାରିଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିବା ସହ ରାଜ୍ୟର ପ୍ରମୁଖ ବିକାଶ ଓ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋକପାତ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ରାଜ୍ୟର ପ୍ରଶଂସନୀୟ ଓ ଜନକଲ୍ୟାଣକାରୀ ପଦକ୍ଷେପଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ ଏବଂ ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

### ରାଜ୍ୟରେ ସାଂଘାତିକ...

ଓଡ଼ିଶାର ସଭାପତି ଅକ୍ଷୟ କୁମାର ରାଉତ କହିଛନ୍ତି ଯେ, ଜୀବନବିନ୍ଦୁ ମାଧ୍ୟମରେ ରାଜ୍ୟରେ ପ୍ରାୟ ୫୦ ପ୍ରତିଶତ ରକ୍ତାଭାବ ଦୂର ହେଉଥିଲା। ପର୍ଯ୍ୟାପ୍ତ ପରିମାଣରେ ଶିବିର ଆୟୋଜନ କରାଯାଉଥିଲା। ମାତ୍ର ଏବେ ଅନ୍ୟକୁ ଜୀବନ ଦାନ ଦେଉଥିବା ରକ୍ତ ପାଇଁ କୌଣସି ସଚେତନ କରାଯାଉ ନାହିଁ। ଫଳରେ ସରକାରୀ ରକ୍ତଭଣ୍ଡାରରେ ରକ୍ତ ଅଭାବ ଦେଖାଦେଇଛି। କୌଣସି ଶିବିରରୁ ଯଦି ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଉଛି, ସେଥିରେ ୪୫ ୟୁନିଟ୍ 'ଓ'ପଜିଟିଭ୍ ହୋଇଥାଏ। କିନ୍ତୁ ଏବେ ଓ' ପଜିଟିଭ ରକ୍ତ ଏବେ ଅଧିକାଂଶ ସରକାରୀ ରକ୍ତଭଣ୍ଡାରରେ ନାହିଁ। ଏଥିପାଇଁ ଏବେଠାରୁ ସରକାର ସତର୍କ ନ ହେଲେ୍ ଆଗାମୀ ଦିନରେ ରକ୍ତ ପାଇଁ ଶହଶହ ମୂଲ୍ୟବାନ ଜୀବନ ଚାଲିଯିବ ବୋଲି ସେ କହିଛନ୍ତି।

### କାହାକୁ ସୁରକ୍ଷା...

ସ୍କ୍ରିନସଟ୍ ମଧ୍ୟ ରହିଛି। ପୁଣି ପ୍ରଶ୍ନପତ୍ର ପହଞ୍ଚିବାର ମାତ୍ର କେଇ ସେକେଣ୍ଡ ମଧ୍ୟରେ ଉତ୍ତର ମଧ୍ୟ ସେହି ଗ୍ରୁପ୍‌ରେ ପଡ଼ିଥିବା ଦେଖାଯାଇଛି। ତେଣୁ କୁଳପତିଙ୍କ କହିବା ଅନୁଯାୟୀ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିବାରୁ ଏହାକୁ ପେପର୍ ଲିକ୍ କାହିଁକି କୁହାଯିବ ନାହିଁ ଓ ଏହାକୁ ଆଧାର ତଦନ୍ତ କରି କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ? ପୁଣି କୁଳପତି ପ୍ରଶ୍ନପତ୍ର ଲିକ୍ ଘଟଣାକୁ କାହିଁକି ମାଲ୍ ପ୍ରାକ୍ଟିସ୍ କହି ଭିନ୍ନ ରୂପ ଦେବାକୁ ପ୍ରୟାସ କରୁଛନ୍ତି ତାହା ଆଉ ଏକ ପ୍ରଶ୍ନକୁ ଜନ୍ମ ଦେଇଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ପ୍ରଶ୍ନପତ୍ର ଲିକ୍ ପାଇଁ ବହୁ ପୂର୍ବରୁ ସୁଚିନ୍ତିତ ଯୋଜନା କରାଯାଇଥିଲା। ଏଥିପାଇଁ ୩ଟି ହ୍ୱାଟସ୍‌ଆପ୍ ଗ୍ରୁପ୍ ହୋଇଥିଲା। ଏସ୍-୧ ଗ୍ରୁପ୍‌ରେ ସଂକ୍ଷିପ୍ତ ପ୍ରଶ୍ନପତ୍ର, ଏଲ୍-୧ ଗ୍ରୁପ୍‌ରେ ଦୀର୍ଘ ପ୍ରଶ୍ନପତ୍ର ଓ ଜେଡ୍-୧ ଗ୍ରୁପ୍‌ରେ ଅନ୍ୟ ସମସ୍ତ ପ୍ରଶ୍ନପତ୍ର ଦିଆଯାଉଥିଲା। ଏହାର ଉତ୍ତର ତ୍ୱରିତ ସେହି ଗ୍ରୁପ୍‌ରେ ହିଁ ଆସିଯାଉଥିଲା। ପିଲାମାନେ ପରୀକ୍ଷା ହଲ୍ ମଧ୍ୟକୁ ମୋବାଇଲ୍ ନେଇ ଉତ୍ତର ଲେଖୁଥିବା ଅଭିଯୋଗ ହେଉଛି। ଏପରିକି ପରୀକ୍ଷାର ଠିକ୍ ପୂର୍ବରୁ ନେଟୱାର୍କ ଜାମର୍ ମଧ୍ୟ ଅଫ୍ କରାଯାଇଥିବା ଅଭିଯୋଗ ହୋଇଛି। ଏହି ସମସ୍ତ ଘଟଣା ସିସିଟିଭିରେ କଏଦ୍ ହୋଇଥିବାବେଳେ ଏହାକୁ ଏଯାଏଁ ଜବତ କରାଯାଇ ନାହିଁ। ଫଳରେ ସିସିଟିଭିରେ ବୈଷୟିକ ତ୍ରୁଟିର ଆଳ ଦେଖାଇ ସମସ୍ତ ରେକର୍ଡ ଡିଲିଟ୍ କରିବାକୁ ପ୍ରୟାସ କରାଯାଉଥିବା ଜଣାପଡ଼ିଛି।

### ତଦନ୍ତ କରିବ...

ମାଧ୍ୟମରେ ତଥ୍ୟ ପ୍ରେରଣ ଏବଂ ହ୍ୱାଟସଆପ୍ ଗ୍ରୁପ୍‌ରେ ପ୍ରସାର ସମ୍ପର୍କରେ ତଦନ୍ତ ପାଇଁ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ଏମକେସିଜି ମେଡିକାଲ କଲେଜ ଏବଂ ଏକ ବେସରକାରୀ ମେଡିକାଲ କଲେଜ ବିରୋଧରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଥାନାରେ ଏତଲା ଦେଇଛନ୍ତି।

ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ମେଡିକାଲ ପିଜି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶରେ ଏମକେସିଜି ମେଡିକାଲ କଲେଜ କର୍ତ୍ତୃପକ୍ଷ ଏକ ତଦନ୍ତ କମିଟି ଗଠନ କରିଛନ୍ତି। ଡାକ୍ତରଖାନା ଅଧୀକ୍ଷକ ପ୍ରଫେସର ସୁଦୀପା ଦାଶଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ରେଜିଷ୍ଟ୍ରାର ଡଃ ଶ୍ୱେତ କୁମାର ଦାସଙ୍କ ସମେତ ୩ଜଣ ପ୍ରଫେସରଙ୍କୁ ଟିମ୍‌ରେ ସାମିଲ କରାଯାଇଛି। ଘଟଣାର ତଦନ୍ତ କରି ୭୨ଘଣ୍ଟା ବା ୩ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଡାକ୍ତର ହରିକ୍ରୀଷ୍ଣା ଦଳେଇ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ। ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ଲିକ ଘଟଣାକୁ ନେଇ ଛାତ୍ର ଆନ୍ଦୋଳନ ଓ ଅସନ୍ତୋଷ ନଥମୁଣ୍ଣ ରାଜ୍ୟରେ ମେଡିକାଲ ପିଜି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣା ସମସ୍ତଙ୍କୁ ଚକିତ କରିଛି। ବ୍ରହ୍ମପୁରରୁ ପ୍ରଘଟ ହୋଇ ସୋସିଆଲ ମିଡିଆରେ ପ୍ରସାର ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଏନେଇ ଶ୍ରୀ ମଙ୍ଗରାଜ ଘଟଣାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ କରିବାକୁ ଦାବି କରିଛନ୍ତି। ଅବଶିଷ୍ଟ ପରୀକ୍ଷା ପାଇଁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରି କଡା ସୁରକ୍ଷା ମଧ୍ୟରେ ପରୀକ୍ଷାର ସୁପରିଚାଳନା କରିବାକୁ ସେ ଦାବି କରିଛନ୍ତି।

### କିରାଣି କିଙ୍ଗ୍‌ପିନ୍...

ପୂର୍ବ ପ୍ରସ୍ତୁତି କରିଛନ୍ତି। ଆର୍ଥିକ ହେରଫେର ଅଭିଯୋଗରେ ସମ୍ପୃକ୍ତ କିରାଣିଙ୍କୁ କିଛି ବର୍ଷ ପୂର୍ବେ ଅନ୍ୟତ୍ର ବଦଳି କରାଯାଇଥିବାବେଳେ ନୂତନ ଡିନ୍ ଯୋଗଦେବା ପରେ କିଛି ମାସ ପୂର୍ବରୁ ପୁଣି କଲେଜକୁ ଅଣାଯାଇଛି। ଅପରପକ୍ଷରେ ପ୍ରଶ୍ନପତ୍ର ଲିକ୍ ପାଇଁ ବ୍ୟାପକ ଅର୍ଥ କାରବାର ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ସମସ୍ତ ୧୫୪ ଜଣ ପରୀକ୍ଷାର୍ଥୀ ୨ହଜାର ଟଙ୍କା ଲେଖାଏଁ ପ୍ରାୟ ୩ ଜଣ ଛାତ୍ରଙ୍କ ନିକଟକୁ ପଠାଇଛନ୍ତି। ୟୁପିଆଇ ମାଧ୍ୟମରେ ଏହି ଟଙ୍କା କାରବାର ହୋଇଥିବାରୁ ଏହାର ଡିଜିଟାଲ୍ ପ୍ରମାଣ ମଧ୍ୟ ରହିଛି। ଆଦାୟ ହୋଇଥିବା ମୋଟ୍ ୩ ଲକ୍ଷ ୮ ହଜାର ଟଙ୍କା ମଧ୍ୟରୁ ଡିନ୍‌ଙ୍କ ନାମରେ ୨ ଲକ୍ଷ ଏବଂ ଅବଶିଷ୍ଟ ଟଙ୍କା କିରାଣି ଓ ସମ୍ପୃକ୍ତ ଥିବା ଅଧ୍ୟାପକଙ୍କ ପାଇଁ ନିଆଯାଇଛି। ଏହା ଏକ ଯୋଜନାବଦ୍ଧ ପ୍ରଶ୍ନପତ୍ର ଲିକ୍ ହୋଇଥିବାବେଳେ ଅପରାଧିକ ତଦନ୍ତ କରିବାକୁ ଅନ୍ୟ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଓ ଶିକ୍ଷାବିତମାନେ ଦାବି କରିଛନ୍ତି।

### ରାଜଧାନୀରେ ପୁଣି...

ଭାବେ ଭୋଜି ଭାତ ହୁଏ। ଏହି ଦୋକାନରୁ ଜିତୁ ବାବୁନା ଏବଂ ଶୁଭାମଙ୍କ ସହ ପରିଚୟ ହୋଇଥିଲା। ବାବୁନା ବିବାହୀତ ଥିଲା, ତାର ସ୍ତ୍ରୀଙ୍କୁ ନେଇ ଜିତୁ ଅନେକ ସମୟରେ ଥଟ୍ଟା ମଜା କରିବା ସହ ଅଶ୍ଳୀଳ ଟିପଣୀ କରନ୍ତି। ଜିତୁ ଲୋକାଲ ଲୋକ ହୋଇଥିବାରୁ ସେ ତାଙ୍କୁ କିଛି କହି ପାରୁ ନଥିଲେ ହେଲେ ମନରେ ରାଗଥିଲା। ଯେଉଁଥିପାଇଁ ଜିତୁଙ୍କୁ ହତ୍ୟା କରାଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ମହାରାଷ୍ଟ୍ରରେ କୋଠା ଭୁଶୁଡ଼ି ୯ ମୃତ

ମୁମ୍ବଇ, ୩୧।୭(ଏଜେନ୍ସି): ମହାରାଷ୍ଟ୍ରର ଭିୱଣ୍ଡି ଅଞ୍ଚଳରେ ଏକ ୪ ମହଲାର ଆବାସିକ କୋଠା ଭୁଶୁଡ଼ି ପଡ଼ିବାରୁ ଅତି କମରେ ୯ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରଶାସନିକ ସୂଚନା ଅନୁଯାୟୀ, ୪୮ଟି ରୁମ୍ ଥିବା ଏହି କୋଠାଟିକୁ ପୂର୍ବରୁ ବିପଜ୍ଜନକ ଘୋଷଣା କରାଯାଇଥିଲା ଏବଂ ସେଠାରେ ମରାମତି କାମ ଚାଲିଥିଲା। ରାତି ପ୍ରାୟ ୯ଟା ସମୟରେ କୋଠାରୁ ଶବ୍ଦ ଶୁଣି କିଛି ପରିବାର ବାହାରକୁ ବାହାରି ଆସିଥିଲେ ହେଁ, ଅନ୍ୟମାନେ ବାହାରିବା ପୂର୍ବରୁ ଗୃହର ଏକ ଭାଗ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା। ଭଗ୍ନାସ୍ତୂପ ତଳୁ ୯ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ତେଣୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦, ୦୦୦ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

## ବେଲୁଚିସ୍ତାନରେ ଖଣି ବିସ୍ଫୋରଣ; ୩୪ ଶ୍ରମିକ ମୃତ

କ୍ୱେଟା, ୩୧।୭(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଯାଇଛି। କ୍ୱେଟା ସହର ନିକଟସ୍ଥ ଏକ କୋଇଲା ଖଣିରେ ମିଥେନ୍ ଗ୍ୟାସ୍ ବିସ୍ଫୋରଣ ଘଟି ଅତି କମରେ ୩୪ ଜଣ ଶ୍ରମିକଙ୍କ ପ୍ରାଣହାନି ଘଟିଥିବା ବେଳେ ୧୦ ଜଣ ଶ୍ରମିକ ଭିତରେ ଫସି ରହିଛନ୍ତି। ଖଣି ଭିତରେ ମିଥେନ୍ ଗ୍ୟାସ୍ ଜମା ହୋଇ ରହିବା ଯୋଗୁଁ ଏହି ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିପର୍ଯ୍ୟୟ ପରିଚାଳନା ଟିମ୍ ସହାୟତାରେ ୩୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖଣି ଭିତରେ ଅମ୍ଳଜାନର ମାତ୍ରା ଅତ୍ୟନ୍ତ କମିଯାଇଥିବାରୁ ଏବଂ ବିଷାକ୍ତ ଗ୍ୟାସ୍ ଭରି ରହିଥିବାରୁ ଅଟକ ଥିବା ଅନ୍ୟ ଶ୍ରମିକଙ୍କୁ ଜୀବିତ ଉଦ୍ଧାର କରିବା ଆଶା କ୍ଷୀଣ ହୋଇପଡ଼ିଛି। ମୃତକଙ୍କ ପରିବାର ପାଇଁ ବେଲୁଚିସ୍ତାନ ସରକାର ୫ ଲକ୍ଷ ପାକିସ୍ତାନୀ ଟଙ୍କାର କ୍ଷତିପୂରଣ ଘୋଷଣା କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ମେଜର୍ ମୃତ, ୨ ଲେଫ୍ଟନାଣ୍ଟ ଆହତ

ଜୈସଲମେର, ୩୧।୭(ଏଜେନ୍ସି): ରାଜସ୍ଥାନର ଜୈସଲମେର ସାମରିକ ଘାଟି ନିକଟରେ ଗୁରୁବାର ରାତିରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଭାରତୀୟ ସେନାର ଜଣେ ମେଜରଙ୍କ ଜୀବନ ଯାଇଥିବା ବେଳେ ୨ ଜଣ ଲେଫ୍ଟନାଣ୍ଟ ଗୁରୁତର ଆହତ ହୋଇଛନ୍ତି। ତିନି ଜଣ ସେନା ଅଧିକାରୀ ଏକ ବ୍ୟକ୍ତିଗତ ଗାଡ଼ିରେ ଜୈସଲମେର ସହରରୁ ସାମରିକ ଘାଟିକୁ ଫେରୁଥିବା ବେଳେ ଯୁଦ୍ଧ ସଂଗ୍ରହାଳୟ ନିକଟରେ ହଠାତ୍ ରାସ୍ତାକୁ ଏକ ଓଟ ଚାଲିଆସିଥିଲା। ଗାଡ଼ିଟି ଓଟକୁ ଧକ୍କା ଦେବା ପରେ ନିୟନ୍ତ୍ରଣ ହରାଇ ପ୍ରାୟ ୫ ଥର ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଓଟଟିର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଉଦ୍ଧାରକାରୀ ଦଳ ଆହତ ଅଧିକାରୀମାନଙ୍କୁ ସାମରିକ ହସ୍ପିଟାଲକୁ ନେଇଥିଲେ ହେଁ ମଧ୍ୟପ୍ରଦେଶର ଇନ୍ଦୋର ନିବାସୀ ୩୦ ବର୍ଷୀୟ ମେଜର ହମ୍‌ଜା ଆରିଫ୍ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ସେ ମାତ୍ର ମାସକ ପୂର୍ବରୁ ବିବାହ କରିଥିଲେ। ଆହତ ଦୁଇ ଲିଫ୍ଟନାଣ୍ଟ ଅଭିନବ ରାଠୋର ଏବଂ ଆୟୁଷ୍ମାନ ଗୁସାଇଁଙ୍କ ଚିକିତ୍ସା ଜାରି ରହିଛି।

● ଏକ୍ସ ବାୟୋରୁ 'ବିଜେପି ମୁଖପାତ୍ର' ହଟାଇଲେ

## ଶେହଜାଦ ସକ୍ରିୟ ରାଜନୀତିରୁ ଓହରିବା ଚର୍ଚ୍ଚା!

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ବିଜେପିର ଜଣାଶୁଣା ଚେହେରା ତଥା ଜାତୀୟ ମୁଖପାତ୍ର ଶେହଜାଦ ପୁନାୱାଲା ନିଜ ସାମାଜିକ ଗଣମାଧ୍ୟମ 'ଏକ୍ସ' ପ୍ରୋଫାଇଲରୁ 'ବିଜେପି ଜାତୀୟ ପ୍ରବକ୍ତା' ପଦବୀ ହଟାଇ ଦେଇଛନ୍ତି। ଏହା ପରେ ସେ ଦଳରୁ ଇସ୍ତଫା ଦେଇ ସକ୍ରିୟ ରାଜନୀତିରୁ ଓହରି ଯାଉଥିବା ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଶେହଜାଦ ନିଜର ନୂତନ ଏକ୍ସ ବାୟୋରେ 'ଧର୍ମ: ଇସଲାମ, ସଂସ୍କୃତି: ହିନ୍ଦୁ, ଆଦର୍ଶ: ଭାରତୀୟ' ଲେଖିବା ସହ ନିଜକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଜୀବନ ଅନୁଗାମୀ ବୋଲି ଦର୍ଶାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଦଳୀୟ ପଦବୀ ଛାଡ଼ିଥିବା କୁହାଯାଉଛି। ନିକଟରେ ଏକ ଦୂରଦର୍ଶନ ସାକ୍ଷାତକାରରେ ସେ ନିଜେ ସକ୍ରିୟ ରାଜନୀତିରୁ ଆଗକୁ ବଢ଼ିବାର (ଓହରିବାର) ସମୟ ଆସିଯାଇଛି ବୋଲି ସୂଚନା ଦେଇଥିଲେ। ୨୦୧୭ ମସିହାରେ କଂଗ୍ରେସର ଆଭ୍ୟନ୍ତରୀଣ ନିର୍ବାଚନ ପ୍ରକ୍ରିୟା ରାହୁଲ ଗାନ୍ଧୀଙ୍କ ସପକ୍ଷରେ ପରିଚାଳିତ ହେଉଥିବା ଅଭିଯୋଗ ଆଣି ସେ ଚର୍ଚ୍ଚାକୁ ଆସିଥିଲେ। ପରବର୍ତ୍ତୀ ସମୟରେ କଂଗ୍ରେସ ଛାଡ଼ି ସେ ବିଜେପିରେ ଯୋଗ ଦେଇଥିଲେ ଏବଂ ଦଳର ଜାତୀୟ ପ୍ରବକ୍ତା ଭାବେ ଦାୟିତ୍ୱ ତୁଲାଉଥିଲେ। ତେବେ ବାୟୋ ପରିବର୍ତ୍ତନ କିମ୍ବା ଇସ୍ତଫା ସମ୍ପର୍କରେ ବିଜେପି କିମ୍ବା ଶେହଜାଦ ପୁନାୱାଲାଙ୍କ ତରଫରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ବକ୍ତବ୍ୟ ପ୍ରକାଶ ପାଇନାହିଁ।

## ଆମେରିକାରେ ଚାକିରି ସ୍ୱପ୍ନକୁ ବଡ଼ ଝଟ୍‌କା

■ ୱାସିଂଟନ, ୩୧।୭ (ଏଜେନ୍ସି): ଉଚ୍ଚଶିକ୍ଷା ପରେ ଆମେରିକାରେ ଚାକିରି କରିବାକୁ ଲକ୍ଷ୍ୟ ରଖିଥିବା ଭାରତୀୟ ସମେତ ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୈରାଶ୍ୟଜନକ ଖବର ଆସିଛି। ଆମେରିକାରେ ପାଠପଢ଼ା ଶେଷ ହେବା ପରେ 'ଓପିଟି' ଜରିଆରେ କାର୍ଯ୍ୟ କରିବା ପାଇଁ ୧ ଲକ୍ଷ ଆମେରିକୀୟ ଡଲାର (ପ୍ରାୟ ୯୫ ଲକ୍ଷ ଟଙ୍କା) ର ମୋଟା ଅଙ୍କର ଫି' ଲାଗୁ କରିବାକୁ ଟ୍ରମ୍ପ ପ୍ରଶାସନ ବିଚାର କରୁଛି।'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ୍' ଅନୁଯାୟୀ, ଗୃହ ସୁରକ୍ଷା ବିଭାଗ (ଡିଏଚ୍‌ଏସ୍) ଅଧୀନରେ ଏହି ପ୍ରସ୍ତାବ ଉପରେ ଆଲୋଚନା ଚାଲିଛି।



ପାଠପଢ଼ା ପରେ କାମ ପାଇଁ ୧ ଲକ୍ଷ ଡଲାର ଫି' ଲାଗୁ କରିବାକୁ ଟ୍ରମ୍ପଙ୍କ ଯୋଜନା

ସରକାର ନିୟମ ଚୂଡ଼ାନ୍ତ କରିଛନ୍ତି। ଏହାଠାରୁ ଅଧିକ ସମୟ ପଢ଼ିବା ପାଇଁ ସରକାରୀ ମଞ୍ଜୁରୀ ନେବାକୁ ପଡ଼ିବ। ଏହି ୧ ଲକ୍ଷ ଡଲାର ଫି' ଛାତ୍ର ନିଜେ ଦେବେ ନା ତାଙ୍କୁ ନିଯୁକ୍ତି ଦେଉଥିବା ସଂସ୍ଥା ଦେବ, ସେ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ତେବେ ଏହି ପ୍ରସ୍ତାବ ଲାଗୁ ହେଲେ ଆମେରିକାରେ ପଢୁଥିବା ୩.୩ ଲକ୍ଷରୁ ଅଧିକ ଭାରତୀୟ ଛାତ୍ରଛାତ୍ରୀ ଏବଂ କମ୍ପାନୀଗୁଡ଼ିକ ଉପରେ ପ୍ରଚଣ୍ଡ ଆର୍ଥିକ ବୋଝ ପଡ଼ିବ। ଆମେରିକା ନିଜର ଆଇନଗତ ଇମିଗ୍ରେସନ୍ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ ଏବଂ କଡ଼ାକଡ଼ି କରିବା ପାଇଁ ଏହି ପଦକ୍ଷେପ ନେଉଥିବା କହିଛି। ଏହି ପ୍ରସ୍ତାବ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ବିଦେଶୀ

ଏହାସହ ଛାତ୍ର ଭିସାର ନିୟମକୁ କଡ଼ାକଡ଼ି କରି ଆମେରିକାରେ ରହିବା ଅବଧିକୁ ସର୍ବାଧିକ ୪ ବର୍ଷ ପର୍ଯ୍ୟନ୍ତ ସୀମିତ କରିବାକୁ ଛାତ୍ରଛାତ୍ରୀଙ୍କ ପାଇଁ ଆମେରିକାରେ କ୍ୟାରିୟର ଗଢ଼ିବା ଆହୁରି ବ୍ୟୟବହୁଳ ଏବଂ କଷ୍ଟକର ହୋଇପଡ଼ିବ।

ହମାସ୍-ଇସ୍ରାଏଲ ଶାନ୍ତି ଚୁକ୍ତି ଦାବି କଲେ ଟ୍ରମ୍ପ

## ଅସ୍ତ୍ର ସମର୍ପଣ କରିବ ହମାସ୍, ଗାଜାରୁ ସେନା ପ୍ରତ୍ୟାହାର କରିବ ଇସ୍ରାଏଲ

ୱାସିଂଟନ୍, ୩୧।୭(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜାରେ ଯୁଦ୍ଧବିରତି ଏବଂ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ହମାସ ଏବଂ ଇସ୍ରାଏଲ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପୂର୍ଣ୍ଣ ଅସ୍ତ୍ରସମ୍ପାତ ଚୁକ୍ତି ହୋଇଥିବା ଦାବି କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ, ହମାସ ଏବଂ ଅନ୍ୟ ସଶସ୍ତ୍ର ଗୋଷ୍ଠୀଗୁଡ଼ିକ ନିଜର ସମସ୍ତ ଅସ୍ତ୍ରଶସ୍ତ୍ର ସମର୍ପଣ କରିବେ ଏବଂ ଇସ୍ରାଏଲ ସେନା ଗାଜାରୁ ପର୍ଯ୍ୟାୟକ୍ରମେ ଓହରିଯିବ। 'ବୋର୍ଡ ଅଫ୍ ପିସ୍' ମାଧ୍ୟମରେ ହୋଇଥିବା ଏହି ଚୁକ୍ତି ସମ୍ପର୍କରେ ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ମଞ୍ଚରେ ସୂଚନା ଦେଇଛନ୍ତି। ଚୁକ୍ତି ଅନୁସାରେ, ଗାଜାରେ ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ଏକ ଅନ୍ତର୍ଜାତୀୟ ସ୍ଥାୟୀ ସୁରକ୍ଷା ବାହିନୀ ଏବଂ ପାଲେଷ୍ଟାଇନର ନୂତନ ପୁଲିସ ବାହିନୀ ଗଠନ କରାଯିବ। ଏହା ପରେ ଗାଜା ପରିଚାଳନା ଭାର ଏକ ନୂତନ ଟେକ୍ନୋକ୍ରାଟ୍ (ବୈଷୟିକ) ପାଲେଷ୍ଟାଇନ୍ ସରକାରଙ୍କ ହାତକୁ ଯିବ। ମିଶର, କାତାର ଏବଂ ତୁର୍କୀର ମଧ୍ୟସ୍ଥତା ଯୋଗୁଁ ଏହି ଚୁକ୍ତି ସମ୍ଭବ ହୋଇଥିବା କୁହାଯାଇଛି। ତେବେ ଏହି ଚୁକ୍ତିକୁ ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟକାରୀ କରିବା ପାଇଁ ଅନେକ ଚ୍ୟାଲେଞ୍ଜ ରହିଛି। ଅସ୍ତ୍ର ସମର୍ପଣ ପ୍ରକ୍ରିୟା, ସେନା ପ୍ରତ୍ୟାହାର, ନୂତନ ସୁରକ୍ଷା ବ୍ୟବସ୍ଥା ଏବଂ ନୂତନ ସରକାର ଗଠନ କରିବାରେ କେତେକ ମାସର ସମୟ ଲାଗିପାରେ। ଅନ୍ୟପଟେ, ଇରାନ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାକୁ ହମାସକୁ ପରାମର୍ଶ ଦେଇଥିବା ନେଇ ଆମେରିକା ଦାବି କରିଥିଲେ ହେଁ, ହମାସ ଗାଜାବାସୀଙ୍କ ହିତ ପାଇଁ ଏଥିରେ ସମ୍ମତି ଜଣାଇଥିବା କୁହାଯାଇଛି। ଗାଜାରେ ଦୀର୍ଘ ଦିନ ଧରି ଚାଲିଥିବା ସଂଘର୍ଷର ଅନ୍ତ ଘଟାଇବା ପାଇଁ ଟ୍ରମ୍ପଙ୍କ ୨୦-ପଏଣ୍ଟ ଯୋଜନାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

କାବେରୀ ଜଳ ବିବାଦ

# କର୍ଣ୍ଣାଟକ-ତାମିଲନାଡୁ ବିବାଦ ତୀବ୍ର

ବେଙ୍ଗାଲୁରୁ, ୩୧।୭(ଏଜେନ୍ସି): କାବେରୀ ନଦୀ ଜଳ ବଣ୍ଟନକୁ ନେଇ କର୍ଣ୍ଣାଟକ ଏବଂ ତାମିଲନାଡୁ ମଧ୍ୟରେ ଦୀର୍ଘ ଦିନରୁ ଚାଲିଆସୁଥିବା ବିବାଦ ବର୍ତ୍ତମାନ ଅଧିକ ଜଟିଳ ହେବାରେ ଲାଗିଛି। ସୂଚନା ଅନୁଯାୟୀ, ଜଳ ବଣ୍ଟନ ପ୍ରସଙ୍ଗରେ ଉଭୟ ରାଜ୍ୟ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଏପରିକି ଆଲୋଚନା ମାଧ୍ୟମରେ ସମାଧାନ ପାଇଁ କରାଯାଉଥିବା ପ୍ରୟାସ ବାଧାପ୍ରାପ୍ତ ହୋଇଛି। ଜୁଲାଇ ୩୦ରେ କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷ (ସିଡବ୍ଲ୍ୟୁଏମ୍‌ଏ)ଙ୍କ ନିକଟରେ କର୍ଣ୍ଣାଟକ ନିଜର ଆପତ୍ତି ଓ ପକ୍ଷ ରଖିଛି। ତେବେ ରାଜ୍ୟ ସରକାରଙ୍କ ଏହି ଉପସ୍ଥାପନାକୁ ନେଇ ପ୍ରବଳ ରାଜନୈତିକ ସମାଲୋଚନା ଆରମ୍ଭ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପି ସାଂସଦ ବସବରାଜ ବୋମ୍ମାଇ କର୍ଣ୍ଣାଟକର ପକ୍ଷକୁ 'ଅତ୍ୟନ୍ତ ଦୁର୍ବଳ' ବୋଲି ଅଭିହିତ କରିଛନ୍ତି। ରାଜ୍ୟ ସରକାର ସିଡବ୍ଲ୍ୟୁଏମ୍‌ଏ ନିକଟରେ ତଥ୍ୟ ଭିତ୍ତିକ ଦୃଢ଼ ଯୁକ୍ତି ରଖିବାରେ ପୁଣିଥରେ ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଜଳ ବଣ୍ଟନ ନିଷ୍ପତ୍ତିକୁ ବିରୋଧ



କରି କର୍ଣ୍ଣାଟକରେ ବିଜେପି ପକ୍ଷରୁ ବ୍ୟାପକ ପ୍ରଦର୍ଶନ କରାଯାଉଛି। ଗୁରୁବାର ନୂଆଦିଲ୍ଲୀରେ ସିଡବ୍ଲ୍ୟୁଏମ୍‌ଏ ତାଙ୍କ ବୈଠକରେ କର୍ଣ୍ଣାଟକକୁ ତାମିଲନାଡୁକୁ ପ୍ରତିଦିନ ୩, ୫୦୦ କ୍ୟୁସେକ୍ ପାଣି ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାବେରୀ ଜଳ ଛାଡିବା ନେଇ ଏହି ନିଷ୍ପତି ପରେ ଦୁଇ ରାଜ୍ୟ ମଧ୍ୟରେ ବିବାଦ ତୀବ୍ର ହୋଇଛି। କର୍ଣ୍ଣାଟକ ବିଜେପି ସଭାପତି ବି.ୱାଇ. ବିଜୟେନ୍ଦ୍ର ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ସମାଲୋଚନା କରି କହିଛନ୍ତି ଯେ ତାମିଲନାଡୁକୁ ପାଣି ଛାଡିବା ନିଷ୍ପତ୍ତି କର୍ଣ୍ଣାଟକର ଚାଷୀଙ୍କ ପ୍ରତି ଅନ୍ୟାୟ। କେଆରଏସ ଡ୍ୟାମ୍ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ ତାଙ୍କୁ ପୁଲିସ ଅଟକ ରଖିଛି। ଏହି ଘଟଣା ରାଜ୍ୟରେ ରାଜନୈତିକ ପରିସ୍ଥିତିକୁ ଅଧିକ ଉତ୍ତେଜନାମୂଳକ କରିଦେଇଛି। ଅନ୍ୟପଟେ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ଏବଂ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଡିକେ.

■ ମୁଖ୍ୟମନ୍ତ୍ରୀ ସ୍ତରୀୟ ବୈଠକ ସ୍ଥଗିତ
■ ବିଜେପି ନେତାଙ୍କୁ ଅଟକ

ଶିବକୁମାରଙ୍କ ମଧ୍ୟରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। କର୍ଣ୍ଣାଟକ ସରକାର ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କୁ ଏହି ଆଲୋଚନା ଘୁଞ୍ଚାଇବା ପାଇଁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ମେକେଦାଟୁ ପ୍ରକଳ୍ପ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୂର୍ବ ନିଷ୍ପତ୍ତିକୁ ନେଇ ମଧ୍ୟ ବିବାଦ ଜାରି ରହିଛି। କର୍ଣ୍ଣାଟକ ଏହି ପ୍ରକଳ୍ପ ପାଇଁ ଦାବି କରୁଥିବା ବେଳେ ତାମିଲନାଡୁ ଏହାକୁ କ୍ରମାଗତ ଭାବେ ବିରୋଧ କରିଆସୁଛି।

● ଦିଲ୍ଲୀ ଦଙ୍ଗା ମାମଲା

## ତାହିର ହୁସେନଙ୍କ ସହ ୫ ଜଣଙ୍କୁ ଆଜୀବନ କାରାଦଣ୍ଡ

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ୨୦୨୦ ଦିଲ୍ଲୀ ଦଙ୍ଗା ସମୟରେ ଗୁଇନ୍ଦା ବିଭାଗ (ଆଇବି) ଅଫିସର ଅଙ୍କିତ ଶର୍ମାଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ମାମଲାରେ କରକରଡୁମା ଅଦାଲତ ଶୁକ୍ରବାର ଅନ୍ତରୀଣ ରାୟ ଶୁଣାଇଛନ୍ତି। ଆପ୍‌ର ପୂର୍ବତନ କାଉନସିଲର ତାହିର ହୁସେନଙ୍କ ସମେତ ୫ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଦିଲ୍ଲୀ ପୁଲିସ ପକ୍ଷରୁ ସମସ୍ତ ଅଭିଯୁକ୍ତଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରାଯାଇଥିଲା। ଗତ ଜୁଲାଇ ୧୩ ତାରିଖରେ କୋର୍ଟ ତାହିର ହୁସେନ, ନାଜିମ, କାସିମ, ଅନସ ଏବଂ ଜାଭେଦଙ୍କୁ ହତ୍ୟା, ଅପହରଣ, ଦଙ୍ଗା ସୃଷ୍ଟି କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ। ମୋଟ ୧୧ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୬ ଜଣଙ୍କୁ ପ୍ରମାଣ ଅଭାବରୁ ଖଲାସ କରାଯାଇଛି। ୨୦୨୦ ଫେବୃଆରୀ ୨୫ରେ ଅଙ୍କିତ ଘରୁ ବାହାରି ନିଖୋଜ ହୋଇଯାଇଥିଲେ। ପରଦିନ ସକାଳେ ଚାନ୍ଦବାଗ ପୋଲ ନିକଟସ୍ଥ ଖଜୁରୀ ଖାସ୍ ନାଳରୁ ତାଙ୍କ ରକ୍ତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଥିଲା। ତାହିର ଓ ତାଙ୍କ ସହଯୋଗୀମାନେ ଅଙ୍କିତଙ୍କୁ ହତ୍ୟା କରି ନାଳକୁ ଫିଙ୍ଗି ଦେଇଥିଲେ। ୨୦୨୦ ଫେବୃଆରୀ ୨୩ରୁ ୨୬ ମଧ୍ୟରେ ଉତ୍ତର-ପୂର୍ବ ଦିଲ୍ଲୀରେ ସିଏଏ ସମର୍ଥକ ଓ ବିରୋଧୀଙ୍କ ମଧ୍ୟରେ ହିଂସାକାଣ୍ଡ ଘଟିଥିଲା। ଏଥିରେ ୫୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୫୦ରୁ ଅଧିକ ଲୋକ ଆହାତ ହୋଇଥିଲେ।

## ପେପର ଲିକ୍, ରାମ ମନ୍ଦିର ପ୍ରସଙ୍ଗରେ ବିରୋଧୀଙ୍କ ହଙ୍ଗାମା: ସଂସଦର ଉଭୟ ଗୃହ ମୁଲତବୀ

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ପେପର ଲିକ୍ ଏବଂ ଅଯୋଧ୍ୟା ରାମ ମନ୍ଦିରରୁ ଦାନ ଚୋରି ଅଭିଯୋଗକୁ ନେଇ ବିରୋଧୀ ସଦସ୍ୟଙ୍କ ପ୍ରବଳ ହଙ୍ଗାମା ଯୋଗୁଁ ଆଜି ସଂସଦର ଉଭୟ ଗୃହ ରାଜ୍ୟସଭା ଓ ଲୋକସଭାକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ସାଂସଦମାନେ ବିଭିନ୍ନ ପ୍ରସଙ୍ଗରେ ସ୍ଲୋଗାନ ଦେଇ ଗୃହରେ ପ୍ରବଳ ହଙ୍ଗାମା ସୃଷ୍ଟି କରିଥିଲେ। ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ କହିବାକୁ ଅଧ୍ୟକ୍ଷ ସିପି. ରାଧାକୃଷ୍ଣନ ଅନୁମତି ଦେଇଥିଲେ। ତେବେ ଖଡ଼ଗେ କେତକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଧ୍ୟକ୍ଷ କୌଣସି ନୋଟିସ୍ ଗ୍ରହଣ କରିନଥିଲେ। ଏହାପରେ ବିରୋଧୀ ସଦସ୍ୟମାନେ ଏକାଠି ହୋଇ ପେପର ଲିକ୍ ଏବଂ ରାମ ମନ୍ଦିରର ଦାନ ଅର୍ଥ ଚୋରି ସମ୍ପର୍କରେ ସ୍ଲୋଗାନ ଦେବା ଆରମ୍ଭ କରିଦେଇଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ବିରୋଧୀ ଦଳ 'ସଡ଼କ-ଛାପ' ରାଜନୀତି କରି ଗୃହର ମର୍ଯ୍ୟାଦା ହାନି କରୁଛନ୍ତି ଏବଂ ଏହା ଦ୍ୱାରା ଗଣତନ୍ତ୍ର ନଷ୍ଟ ହେଉଛି। ହଙ୍ଗାମା ନଥମିବାରୁ ଅଧ୍ୟକ୍ଷ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ରାଜ୍ୟସଭାର ପରବର୍ତ୍ତୀ ବୈଠକ ଅଗଷ୍ଟ ୩, ସୋମବାର ଦିନ ଅନୁଷ୍ଠିତ ହେବ। ଅନ୍ୟପଟେ ଲୋକସଭାରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। 'ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍' ପାରିତ ହେବା ପରେ ହଙ୍ଗାମା ଯୋଗୁଁ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ବିରୋଧୀ ଦଳ ସଦସ୍ୟମାନେ ଗୃହ ଆରମ୍ଭରୁ ହିଁ ବିଭିନ୍ନ ଦାବି ନେଇ ବିରୋଧ ପ୍ରଦର୍ଶନ କରିଥିଲେ। ପ୍ରସଙ୍ଗକ୍ରମେ, ସଂସଦରେ ଆଜି ସୁପ୍ରିମକୋର୍ଟ ବିଚାରପତିଙ୍କ ସମ୍ପର୍କିତ ବିଲ୍ ମଧ୍ୟ ଆଲୋଚନା ପାଇଁ କାର୍ଯ୍ୟସୂଚୀରେ ରହିଥିଲା। ମାତ୍ର ବିରୋଧୀଙ୍କ ପ୍ରତିବାଦ ଯୋଗୁଁ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରିନାହିଁ।

## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ କରିବ ପାକିସ୍ତାନ

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ୨୦୨୭ ମସିହାରେ ଇସଲାମାବାଦରେ ଅନୁଷ୍ଠିତ ହେବାକୁ ଥିବା ଶାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ ପଠାଯିବ ବୋଲି ପାକିସ୍ତାନ ସଂକେତ ଦେଇଛି। ସଂଗଠନର ନିୟମାନୁସାରେ ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କ ଭଳି ଭାରତକୁ ମଧ୍ୟ ଆନୁଷ୍ଠାନିକ ନିମନ୍ତ୍ରଣ ପତ୍ର ପ୍ରେରଣ କରାଯିବ ବୋଲି ପାକିସ୍ତାନ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଇସଲାମାବାଦରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାକିସ୍ତାନ ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି ଯେ, ଆୟୋଜକ ଦେଶ ଭାବେ ସମସ୍ତ ସଦସ୍ୟ ରାଷ୍ଟ୍ରର ମୁଖ୍ୟମାନଙ୍କୁ ନିମନ୍ତ୍ରଣ କରିବା ପାକିସ୍ତାନର କର୍ତ୍ତବ୍ୟ। ସୂଚନାଯୋଗ୍ୟ, ୨୦୨୭ ମସିହାରେ ପାକିସ୍ତାନ ଏସ୍‌ସିଓ ଶିଖର ସମ୍ମିଳନୀର ଆୟୋଜନ କରିବାକୁ ଯାଉଛି। ଭାରତ ଓ ପାକିସ୍ତାନ ବ୍ୟତୀତ ଚୀନ୍, ରୁଷ୍, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ, ଇରାନ୍ ଏବଂ ବେଲାରୁଷ ଏହି ସଂଗଠନର ଅନ୍ୟତମ ସଦସ୍ୟ ଅଟନ୍ତି। ଅନ୍ୟପଟେ,

ଇସଲାମାବାଦରେ ୨୦୨୭ ଏସ୍‌ସିଓ ସମ୍ମିଳନୀ

ମନିଲାରେ ଏସିଆନ୍ ସମ୍ମିଳନୀ ଅବସରରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ପାକିସ୍ତାନ ବିଦେଶ ମନ୍ତ୍ରୀଙ୍କ ମଧ୍ୟରେ କୌଣସି ଆଲୋଚନା ପାଇଁ ପ୍ରସ୍ତାବ ଆସିଥିବା ନେଇ ପାକିସ୍ତାନ ଅସ୍ୱୀକାର କରିଛି। ବହୁପାକ୍ଷିକ ଆଞ୍ଚଳିକ ସୁରକ୍ଷା ଓ ଆର୍ଥିକ ସହଯୋଗ ପାଇଁ ଏସ୍‌ସିଓ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ହୋଇଥିବାରୁ ଏହି ନିମନ୍ତ୍ରଣ ପ୍ରକ୍ରିୟାକୁ ନିୟମିତ ପ୍ରୋଟୋକଲ୍ ଭାବେ ଦେଖାଯାଉଛି। ତେବେ ଉଭୟ ଦେଶ ମଧ୍ୟରେ ଥିବା କୂଟନୈତିକ ସମ୍ପର୍କକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବିତ ନିମନ୍ତ୍ରଣ ଏବଂ ପରବର୍ତ୍ତୀ ପଦକ୍ଷେପ ଉପରେ କୂଟନୀତିଜ୍ଞଙ୍କ ନଜର ରହିଛି।

## ଓମାର ଅବଦୁଲ୍ଲା-ପାୟଲଙ୍କ ବିବାହ ବିଚ୍ଛେଦକୁ ସୁପ୍ରିମ୍‌କୋର୍ଟଙ୍କ ମଞ୍ଜୁରି

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ଜାମ୍ମୁ ଓ କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ତାଙ୍କ ପତ୍ନୀ ପାୟଲ ଅବଦୁଲ୍ଲାଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା ଦାମ୍ପତ୍ୟ ବିବାଦର ଅନ୍ତ ଘଟିଛି। ଆପୋସ ବୁଝାମଣା ଏବଂ ମଧ୍ୟସ୍ଥତା ଆଧାରରେ ସୁପ୍ରିମ୍‌କୋର୍ଟ ଦୁହିଁଙ୍କ ବିବାହ ବିଚ୍ଛେଦ ଆବେଦନକୁ ମଞ୍ଜୁର କରିଛନ୍ତି। ଶୁକ୍ରବାର ଦିନ ବିଚାରପତି ପି ଏସ୍ ନରସିଂହା ଏବଂ ବିଚାରପତି ଆଲୋକ ଆରାଧେଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। ଓମାରଙ୍କ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ ଅଦାଲତଙ୍କୁ ଜଣାଇଥିଲେ ଯେ, ଆପୋସ ଆଲୋଚନା ଓ ମଧ୍ୟସ୍ଥତା ମାଧ୍ୟମରେ ଦୁଇ ପକ୍ଷ ସମସ୍ତ ବିବାଦର ସମାଧାନ କରିସାରିଛନ୍ତି। ଏଥିସହ ଭାରତୀୟ ସମ୍ବିଧାନର ୧୪୨ ନମ୍ବର ଧାରା ଅଧୀନରେ ମିଳିତ ଭାବେ ବିବାହ ବିଚ୍ଛେଦ ପାଇଁ ଆବେଦନ କରାଯାଇଛି। ଗତ ଜୁଲାଇ ୨୨



ତାରିଖରେ ଏହି ମିଳିତ ଆବେଦନ ଦାଖଲ କରାଯାଇଥିଲା। ୧୯୯୪ ମସିହାରେ ବିବାହ କରିଥିବା ଓମାର ଏବଂ ପାୟଲ ୨୦୦୯ ମସିହାରୁ ଅଲଗା ରହୁଥିଲେ।

## ଗଲୱାନ୍ ବିବାଦ ପରେ ପ୍ରଥମ ଥର ଭାରତ ଆସିବେ ସି ଜିନ୍‌ପିଙ୍ଗ୍

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ୨୦୨୦ ଗଲୱାନ୍ ଘାଟୀ ସଂଘର୍ଷ ପରେ ପ୍ରଥମ ଥର ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଭାରତ ଗସ୍ତରେ ଆସିବାକୁ ଯାଉଛନ୍ତି। ନୂଆଦିଲ୍ଲୀରେ ଆସନ୍ତା ସେପ୍ଟେମ୍ବର ୧୨-୧୩ରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀରେ ସେ ଯୋଗଦେବାର ସମ୍ଭାବନା ରହିଛି। ୨୦୧୯ ଅକ୍ଟୋବର ପରେ ଜିନ୍‌ପିଙ୍ଗଙ୍କର ଏହା ପ୍ରଥମ ଭାରତ ଗସ୍ତ ହେବ। ଏହି ଗସ୍ତ ପୂର୍ବରୁ ଦୁଇ ଦେଶ ମଧ୍ୟରେ କୂଟନୈତିକ ଆଲୋଚନାକୁ ଆହୁରି ତ୍ୱରାନ୍ୱିତ କରାଯାଉଛି। ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ୍ ଚୀନ୍ ଗସ୍ତ କରି ଉଚ୍ଚସ୍ତରୀୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସୀମା ବିବାଦର ସମାଧାନ ଏବଂ ସୀମା ପରିଚାଳନା ପାଇଁ ଦୁଇ ଦେଶର ସ୍ୱତନ୍ତ୍ର ପ୍ରତିନିଧିମାନଙ୍କ ମଧ୍ୟରେ ବୈଠକ ହେବ। ଏହି ଗସ୍ତ କାଳରେ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସୀମା ସୁରକ୍ଷା, ଆଞ୍ଚଳିକ ସ୍ଥିରତା ଏବଂ ଆର୍ଥିକ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ଦୀର୍ଘ ବର୍ଷର ସୀମା ବିବାଦ ଏବଂ କୂଟନୈତିକ ତିକ୍ତତା ପରେ ଚୀନ୍ ରାଷ୍ଟ୍ରପତିଙ୍କ ଏହି ସମ୍ଭାବ୍ୟ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସୁଧାରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ସାବ୍ୟସ୍ତ ହୋଇପାରେ।

## ପ୍ରଧାନମନ୍ତ୍ରୀଙ୍କୁ ଆକ୍ଷେପ: ମେଟା ଇଣ୍ଡିଆ ମୁଖ୍ୟଙ୍କ ବିରୋଧରେ ମାମଲା

ହାଇଦରାବାଦ୍, ୩୧।୭(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଆକ୍ଷେପଜନକ, ବିକୃତ (ମୋର୍ଫଡ୍) ଏବଂ ଏଆଇ ଦ୍ୱାରା ପ୍ରସ୍ତୁତ ଭିଡିଓ ଓ ଫଟୋ ପ୍ରସାରଣ ଅଭିଯୋଗରେ ମେଟା ଇଣ୍ଡିଆ ମୁଖ୍ୟ ଅରୁଣ ଶ୍ରୀନିବାସ ଏବଂ କେତେକ ଫେସବୁକ୍-ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ପ୍ରୋଫାଇଲ୍ ବିରୋଧରେ ମାମଲା ରୁଜୁ ହୋଇଛି। ହାଇଦରାବାଦ ସାଇବର କ୍ରାଇମ୍ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଭାରତୀୟ ଜନତା ପାର୍ଟି(ବିଜେପି)ର କାର୍ଯ୍ୟକର୍ତ୍ତା ଟି ସାଇକିରଣ ଗୌଡ଼ ଏବଂ ବ୍ୟବସାୟୀ ଏସ୍ ଅରବିନ୍ଦ ରେଡ୍ଡୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏହି ପଦକ୍ଷେପ ନେଇଛି। ଅଭିଯୋଗକାରୀଙ୍କ ଦର୍ଶାଇବା ଅନୁଯାୟୀ, ଇନ୍‌ଷ୍ଟାଗ୍ରାମ୍ ଏବଂ ଫେସବୁକ୍‌ରେ ପ୍ରଧାନମନ୍ତ୍ରୀଙ୍କର ଅଶ୍ଳୀଳ, ଆକ୍ଷେପଜନକ ଏବଂ ବିଭ୍ରାନ୍ତିକର ଭିଡିଓ ସେୟାର କରାଯାଉଥିଲା। ଏହା ଦ୍ୱାରା ସାଧାରଣ ଜନତାଙ୍କୁ ବିଭ୍ରାନ୍ତ କରିବା ସହ ସମାଜରେ ଅଶାନ୍ତି ସୃଷ୍ଟି କରିବାର ପ୍ରୟାସ କରାଯାଇଛି। ସାଇବର କ୍ରାଇମ୍ ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ୟୁରୋପୀୟ ସୀମାରେ ବଡ଼ ବିପର୍ଯ୍ୟୟ

## ସ୍ପେନର ସେଉଟାରେ ୫୦,୦୦୦ ଅନୁପ୍ରବେଶକାରୀ

ମାଦ୍ରିଦ, ୩୧।୭(ଏଜେନ୍ସି): ସ୍ପେନର ଉତ୍ତର ଆଫ୍ରିକୀୟ ସୀମାନ୍ତ ସହର ସେଉଟାରେ ଗୋଟିଏ ଦିନରେ ପ୍ରାୟ ୫୦, ୦୦୦ ମୋରୋକୋ ଅନୁପ୍ରବେଶକାରୀ ପ୍ରବେଶ କରିବା ପରେ ପରିସ୍ଥିତି ଅତ୍ୟନ୍ତ ସମ୍ବେଦନଶୀଳ ହୋଇପଡ଼ିଛି। ସୀମାରେ ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ପରେ ସ୍ପେନ୍ ସରକାର ସେଠାରେ ସେନା, ନୌସେନା ଓ ବିମାନବାହିନୀ ମୁତୟନ କରିଛନ୍ତି। ସମୁଦ୍ର ପାରି କରି ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ସମୟରେ ଅତି କମରେ ୧୮ ଜଣ ଅନୁପ୍ରବେଶକାରୀଙ୍କର ବୁଡ଼ି ମୃତ୍ୟୁ ହୋଇଛି। ସେଉଟା ହେଉଛି ଉତ୍ତର ଆଫ୍ରିକା ଉପକୂଳରେ ଅବସ୍ଥିତ ସ୍ପେନର ଏକ ସ୍ୱାୟତ୍ତଶାସିତ ସହର। ଏହା ମୋରୋକୋ ସହ ୬ ମାଇଲ ବିଶିଷ୍ଟ ସୀମା ଭାଗ କରେ। ସେଉଟା ଓ ମେଲିଲା ହେଉଛନ୍ତି ଆଫ୍ରିକା ମହାଦେଶ ସହ ୟୁରୋପୀୟ ୟୁନିୟନର ଏକମାତ୍ର ସ୍ଥଳ



ସୀମା। ୟୁରୋପରେ ପ୍ରବେଶ କରିବା ପାଇଁ ସେଉଟା ସବୁଠାରୁ ସହଜ ଓ ଛୋଟ ରାସ୍ତା। ସୀମାରେ ଉଚ୍ଚ ସୁରକ୍ଷା ବାଡ଼ ଓ ଜଗୁଆଳି ଥିବା ସତ୍ତ୍ୱେ, ଅନୁପ୍ରବେଶକାରୀମାନେ ନିକଟସ୍ଥ ମୋରୋକୋ ସହରଗୁଡ଼ିକରୁ ସମୁଦ୍ରରେ ପହଁରି କିମ୍ବା ବାଡ଼ କାଟି ପ୍ରବେଶ କରିବାକୁ ଚେଷ୍ଟା କରନ୍ତି। ଗତ କିଛି ଦିନ ହେବ ଚାପ ବଢୁଥିବା ବେଳେ ଗୁରୁବାର ଦିନ ହଜାର ହଜାର ଯୁବକ, ମହିଳା ଓ ଶିଶୁ ସମୁଦ୍ରରେ ପହଁରି ଏବଂ ଟାୟାର/ଫ୍ଲିପର ସାହାଯ୍ୟରେ ସେଉଟା ସୀମାରେ ପହଞ୍ଚିଥିଲେ। ସ୍ପେନ ଗୃହ ମନ୍ତ୍ରଣାଳୟ ଅନୁସାରେ ୨୪ ଘଣ୍ଟା ମଧ୍ୟରେ ପାଖାପାଖି ୫୦, ୦୦୦ରୁ ଅଧିକ ଲୋକ ସୀମା ପାର ହୋଇଛନ୍ତି। ଖରାପ ପାଗ ଓ

■ ପାଣିରେ ବୁଡ଼ି ୧୮ ମୃତ, ସେନା ମୁତୟନ

ପ୍ରବଳ ସମୁଦ୍ର ସ୍ରୋତ ଯୋଗୁଁ ସୀମାରେ ଥିବା ପଥର ଓ ସୀମା ବାଡ଼କୁ ଏଡ଼ାଇବାକୁ ଚେଷ୍ଟା କରୁଥିବା ବେଳେ ଅତି କମରେ ୧୮ ଜଣଙ୍କର ବୁଡ଼ି ମୃତ୍ୟୁ ହୋଇଛି। ଅନେକ ଅନୁପ୍ରବେଶକାରୀଙ୍କୁ ପାଣିରୁ ଉଦ୍ଧାର କରାଯାଇଛି। ସ୍ଥିତି ଅନିୟନ୍ତ୍ରିତ ହେବାରୁ ସ୍ପେନ ନିଜର ଆର୍ମଡ ଫୋର୍ସ, ସିଭିଲ ଗାର୍ଡ ଏବଂ ନୌସେନା ବୁଡ଼ାଳି ଦଳକୁ ସୁରକ୍ଷା ଦାୟିତ୍ୱ ଦେଇଛି। ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ ସୀମା ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ନେଇ ସୂଚନା ରହିଛି। ମୋରୋକୋ ୧୫୮୦ ମସିହାରୁ ସ୍ପେନ ଅଧୀନରେ ଥିବା ସେଉଟାକୁ ନିଜର ଅଧିକୃତ ଭୂଖଣ୍ଡ ବୋଲି ଦାବି କରିଆସୁଛି। ୨୦୨୧ ମସିହାରେ ମଧ୍ୟ ମୋରୋକୋ ସୀମା କୋହଳ କରିଦେବାରୁ ୮, ୦୦୦ ଅନୁପ୍ରବେଶକାରୀ ପ୍ରବେଶ କରିଥିଲେ, ଯାହା ଦୁଇ ଦେଶ ମଧ୍ୟରେ କୂଟନୈତିକ ବିବାଦ ସୃଷ୍ଟି କରିଥିଲା। ସ୍ପେନର ସର୍ବୋଚ୍ଚ ଅଦାଲତଙ୍କ ଏକ ନୂତନ ନିର୍ଦ୍ଦେଶ ଅନୁସାରେ, ସମୁଦ୍ରରୁ ଧରାପଡୁଥିବା ଅନୁପ୍ରବେଶକାରୀଙ୍କୁ ତୁରନ୍ତ ମୋରୋକୋ ଫେରାଯାଇପାରିବ ନାହିଁ। ଏହି ନିୟମର ସୁଯୋଗ ନେଇ ମାନବ ଚାଲାଣକାରୀ ଗ୍ରୁପ୍‌ଗୁଡ଼ିକ ଲୋକଙ୍କୁ ପ୍ରବର୍ତ୍ତାଇଥିବା ସନ୍ଦେହ କରାଯାଉଛି। ସ୍ପେନର ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜଙ୍କ କୋହଳ ଅନୁପ୍ରବେଶ ନୀତିକୁ ନିନ୍ଦା କରିଛନ୍ତି।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୨୬

# ଜୁଡୋରେ ଅସ୍ମିତା, ହର୍ଷଙ୍କୁ ଐତିହାସିକ ସ୍ୱର୍ଣ୍ଣ

ଗ୍ଲାସ୍‌ଗୋ,୩୧।୭ (ଏଜେନ୍ସି)

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ଜୁଡୋକାମାନେ ଐତିହାସିକ ସଫଳତା ଅର୍ଜନ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଇଭେଣ୍ଟ ମଧ୍ୟରୁ ଜୁଡୋକାମାନେ ଅତ୍ୟନ୍ତ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ୪୮



ଅସ୍ମିତା ଦେ

କେଜିରେ ଅସ୍ମିତା ଦେ' ପ୍ରଥମେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଭାରତର ରାଜ୍ୟଗୋଷ୍ଠୀ ଇତିହାସରେ ଏହା ଜୁଡୋ ଖେଳରେ ପ୍ରଥମ ସ୍ୱର୍ଣ୍ଣପଦକ ଥିଲା। ତ୍ରିପୁରାର ଏହି ସାଇକେଲ ମେକାନିକ୍‌ଙ୍କ ଝିଅ ଅସ୍ମିତା ଫାଇନାଲରେ କାନାଡାର ହେଇଦି କ୍ରାକ୍‌ଙ୍କୁ ପରାସ୍ତ କରି ଏହି ଐତିହାସିକ ସଫଳତା ଅର୍ଜନ କରିଥିଲେ। ଏହାର କିଛି ସମୟ ପରେ ହର୍ଷ ସିଂ ଭାରତ ଲାଗି ଦ୍ୱିତୀୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ପୁରୁଷ ୬୦ କିଲୋ କାଟେଗୋରୀରେ ସେ ଅଷ୍ଟ୍ରେଲିଆର ଜୋଶୁଆ କାର୍ଜଙ୍କୁ ହରାଇଥିଲେ। ଏହାପରେ ଅନୁଷ୍ଠିତ ମହିଳା ୫୭ କେଜି କାଟେଗୋରୀରେ ଯମୁନା ଆର୍ଯ୍ୟ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସେ ଫାଇନାଲରେ ଇଂଲଣ୍ଡର ଆସ୍ୟେଲା ଟ୍ରୋପାକଙ୍କଠାରୁ ଲଢ଼େଇକରି ହାରିଯାଇଥିଲେ। ଫଳରେ ଭାରତ ଏବେ ସୁଦ୍ଧା ୫ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୪ କାଂସ୍ୟ ବିଜୟ ସହ ୧୯ଟି ପଦକ ହାସଲ କରିଛି। ସବୁଠାରୁ ବଡ଼କଥା ହେଉଛି ଶୁକ୍ରବାର ବକ୍ସିଂରେ ୧୦ଟି ବିଭାଗରେ ସେମିଫାଇନାଲ ଖେଳାଯାଇଛି। ତାହା ମଧ୍ୟରୁ ଭାରତ ୫ଟି କାଟେଗୋରୀରେ ବିଜୟୀ ହୋଇ ଅତିକମ୍‌ରେ ଆଉ ୫ଟି ରୌପ୍ୟ ଜିତିବାର ସମ୍ଭାବନା ସୃଷ୍ଟି କରିଛନ୍ତି।

### ବକ୍ସରଙ୍କ ଶ୍ରେଷ୍ଠ ପ୍ରଦର୍ଶନ

ଅପରପକ୍ଷରେ ଆଜି ଭାରତର ବକ୍ସର ମାନେ ସମସ୍ତ ୧୦ଟି କାଟେଗୋରୀର ସେମିଫାଇନାଲରେ ପ୍ରବେଶ କରି ପଦକ ଜିତିବା ସ୍ପଷ୍ଟ କରିଥିଲେ। ସେମାନଙ୍କ ମଧ୍ୟରୁ ଆଜି ଖେଳାଯାଇଥିବା ପ୍ରଥମ ୫ଟି ଇଭେଣ୍ଟ ମଧ୍ୟରୁ ୫ଟିରେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ଫଳରେ ଭାରତକୁ ଅତିକମ୍‌ରେ ୫ଟି ରୌପ୍ୟ ପଦକ ମିଳିବା ନିଶ୍ଚିତ ହୋଇଛି। ଅନ୍ୟ ୫ଟିର ସେମିଫାଇନାଲ ବିଳମ୍ବିତ ରାତିରେ ଖେଳାଯିବ। ଏଥିରେ ମଧ୍ୟ ଭାରତ ଅଧିକ ପଦକ ଜିତିବାର ରାସ୍ତା ପରିଷ୍କାର ହେବ ବୋଲି ଆଶା କରାଯାଉଛି। ଆଜି ବକ୍ସିଂ ଫାଇନାଲରେ ପ୍ରବେଶ କରିଥିବା ବକ୍ସରମାନେ ହେଲେ ମହିଳା ବିଭାଗରେ ପ୍ରୀତି ପାୱାର, ଯସ୍ମିନ ଲାମ୍ବୋରିଆ ଓ ଅରୁନ୍ଧତି ଚୌଧୁରୀ। ସେହିପରି ପୁରୁଷ ବିଭାଗରେ ଅଙ୍କୁଶ ପାଙ୍ଘଲ ଓ ଯଦୁମଣି ସିଂ। ଏହା ପରେ ରାତି ୧୧ଟା ୧୫ରୁ ରାତି ୨ଟା ମଧ୍ୟରେ ଅନ୍ୟ ୫ଟି କାଟେଗୋରୀର ସେମିଫାଇନାଲ ମୁକାବିଲା ହେବ। ଏଥିରେ ମହିଳା ୫୧ କିଲୋଗ୍ରାମ୍‌ରେ ସାକ୍ଷୀ ଚୌଧୁରୀ, ୬୦ କେଜିରେ ପ୍ରିୟା ଘାଙ୍ଗାସ, ୭୫ କେଜିରେ ଲଭଲିନା ବୋରୋଗୋହାଇଁ, ପୁରୁଷ ୬୦ କେଜିରେ ସଚିନ ସିୱାଚ ଓ ପୁରୁଷ ୯୦ କେଜିରୁ ଉଦ୍ଧ୍ୱର୍ କାଟେଗୋରୀରେ ନରେନ୍ଦ୍ର ବେରୱାଲ ସେମିଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ।

ମହିଳା ବିଭାଗ ସେମିଫାଇନାଲର ୫୪ କେଜିରେ ପ୍ରୀତି ପାୱାର ୫-୦ରେ ଜାମ୍ବିଆର କାଥେରିନ୍ ଏମ୍ବାୱେଙ୍କୁ, ୫୭ କେଜିରେ ଯସ୍ମିନ ଲାମ୍ବୋରିଆ ସହଜରେ ଲିସୋଥୋର ରାପେଲାଙ୍ଗ ମାସେଲେଲାଙ୍କୁ, ମହିଳା ୭୦ କେଜିରେ ଅରୁନ୍ଧତି ଚୌଧୁରୀ ୪-୦ରେ ୱେଲ୍ସର ରୋଜି ଇକ୍ଲେସ୍‌ଙ୍କୁ, ପୁରୁଷ ୫୫ କେଜିରେ ଯଦୁମଣି ସିଂ ୫-୦ରେ ନାମିବ୍ୟାର ଫିଲିପ ହାଓସେବ୍‌ଙ୍କୁ ଓ ୮୦ କେଜିରେ ଅଙ୍କୁଶ ପାଙ୍ଘଲ ୫-୦ରେ କାନାଡାର ଜୋଶୁଆ ଓଫୋରୀଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

## ଏକ କେଜି ଲାଗି ସ୍ୱର୍ଣ୍ଣ ହରାଇଲେ ଲଭ୍‌ପ୍ରୀତ୍



ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୮ମ ଦିନରେ ଭାରତ ମାତ୍ର ଦୁଇଟି ପଦକ ଜିତିବାକୁ ସମର୍ଥ ହୋଇଥିଲା। ଭାରୋତ୍ତୋଳନର ୧୧୦ କେଜିରୁ ଉଦ୍ଧ୍ୱର୍ କାଟେଗୋରୀରେ ଲଭ୍‌ପ୍ରୀତ୍ ସିଂହ ଓ ମହିଳା ଡିସ୍‌କସ୍ ଥ୍ରୋ'ରେ ସୀମା କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ପୁରୁଷ ସଟ୍‌ପୁଟ୍‌ରେ ତାଜିନ୍ଦର ପାଲ ସିଂ ଟୁର୍ ପଦକ ଜିତିବେ ବୋଲି ଦୃଢ଼ ଆଶା ରହିଥିଲା। କିନ୍ତୁ ସେ ୫ମ ଓ ସମରପ୍ରୀତ୍ ସିଂହ ପାଲ ୭ମ ସ୍ଥାନରେ ରହି ଭାରତକୁ ନିରାଶ କରିଥିଲେ।

ପୁରୁଷ ୧୧୦ କେଜିରୁ ଉଦ୍ଧ୍ୱର୍ ଭାରୋତ୍ତୋଳନରେ ଲଭ୍‌ପ୍ରୀତ୍ ସିଂହ ଆରମ୍ଭରୁ ଶେଷଯାଏ ପ୍ରାଧାନ୍ୟ ବିସ୍ତାର କରିଥିଲେ। କିନ୍ତୁ ଶେଷ ଲିଫ୍ଟରେ ନ୍ୟୁଜିଲାଣ୍ଡର ଡେଭିଡ୍ ଆଣ୍ଡ୍ର୍ୟୁ ଲିଟି ଚମତ୍କାର ପ୍ରଦର୍ଶନ ସହ ଲଭ୍‌ପ୍ରୀତ୍‌ଙ୍କଠାରୁ କ୍ଲିନ୍ ଆଣ୍ଡ ଜର୍କରେ ୧୧ କେଜି ଅଧିକ ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ଛଡାଇନେଇଥିଲେ। ସ୍ନାଚ୍‌ରେ ୧୭୬ କେଜି ଓଜନ ଉଠାଇ ଲଭ୍‌ପ୍ରୀତ ସ୍ୱର୍ଣ୍ଣ ଜିତିବେ ବୋଲି ଆଶା ସୃଷ୍ଟି କରିଥିଲେ। ଦ୍ୱିତୀୟ ସ୍ଥାନରେ ଥିବା ଲିଟି ୧୬୬ କେଜି ଓଜନ ଉଠାଇଥିବାରୁ ଏହି ଆଶା ସୃଷ୍ଟି ହୋଇଥିଲା। କିନ୍ତୁ ଲିଟି ଯେ ଏତେ ଅଧିକ ଓଜନ ଉଠାଇବେ ତାହା କେହି ବିଶ୍ୱାସ କରିପାରି ନ ଥିଲେ। କ୍ଲିନ୍ ଆଣ୍ଡ ଜର୍କରେ ଲଭ୍‌ପ୍ରୀତ୍ ୨୧୨ ଓ ଲିଟି ଅବିଶ୍ୱସନୀୟ ୨୨୩ କେଜି ଓଜନ ଉଠାଇଥିଲେ। ମୋଟରେ ୩୮୯ କେଜି ଓଜନ ଉଠାଇ ଲିଟି ସ୍ୱର୍ଣ୍ଣ ଓ ୩୮୮ କେଜି ଓଜନ ଉଠାଇ ଲଭ୍‌ପ୍ରୀତ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଭାରୋତ୍ତୋଳନରେ ଭାରତର ଏହା ୮ମ ତଥା ଶେଷ ପଦକ ଥିଲା। ଏହା ମଧ୍ୟରୁ ମିରାବାଇ ଚାନୁ ଏକମାତ୍ର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।

## ମାତୃତ୍ୱ ପରେ ପିଏଚ୍‌ଡି କରୁଥିବା ସୀମାଙ୍କୁ ପଦକ




ମାତ୍ର ଦୁଇ ବର୍ଷରେ ଜଣେ ମେଧାବୀ ଛାତ୍ରୀରୁ ଅନ୍ତର୍ଜାତୀୟ ଡିସ୍‌କସ୍ ଫିଙ୍ଗାଳିରେ ପରିବର୍ତ୍ତିତ ହୋଇଛନ୍ତି ତାମିଲନାଡୁର ସୀମା କାଳିରମଣ। ଗ୍ଲାସ୍‌ଗୋରେ ଅନୁଷ୍ଠିତ ମହିଳା ଡିସ୍‌କସ୍ ଥ୍ରୋ'ରେ ସୀମା ୫୮.୬୫ ମିଟର ଦୂରତାକୁ ଫିଙ୍ଗି ତୃତୀୟ ସ୍ଥାନ ଅଧିକାର କରିଥିଲା। ନିକଟରେ ମା' ହୋଇଥିବା ଏହି ୨୭ ବର୍ଷୀୟା ଆଥଲେଟ ପରିବାର ଓ ପେସା ସହ ଖୁବ୍ ଭଲ ତାଳମେଳ ଖୁଆଇଥିଲେ। ଏବେ ପିଏଚ୍‌ଡି କରୁଥିବା ସୀମା ସ୍ୱାମୀ ରବର୍ଟ କାଳିରମଣଙ୍କ ଦ୍ୱାରା ପ୍ରଶିକ୍ଷଣ ପାଇଥିଲେ। ସେ ତାଙ୍କ କ୍ୟାରିୟରେ ୬୦ ମିଟର ଦୂରତା ଅତିକ୍ରମ କରି ନ ଥିଲେ ମଧ୍ୟ ଏଠାରେ କାଂସ୍ୟ ପଦକ ଜିତିବାରେ ସଫଳ ହୋଇଥିଲେ। ଏଥିରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ନିଧିରାଣୀ ୫୫.୩୯ ମିଟର ଦୂରତାକୁ ଡିସ୍‌କସ୍ ଫିଙ୍ଗି ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ଜାମାଇକାର ସାମନ୍ଥା ହଲ ୬୧.୬୬ ମିଟରକୁ ଫିଙ୍ଗି ସ୍ୱର୍ଣ୍ଣ ଓ କାନାଡାର ଜୁଲିଆ ଟଙ୍କ୍‌ସ ୬୦.୬୭ ମିଟରକୁ ଫିଙ୍ଗି ରୌପ୍ୟ ପଦକ ଜିତିଥିଲେ।


# ଫିଟ୍‌ନେସ୍ ଟେଷ୍ଟରେ ବୁମ୍‌ରା ପାସ୍

## ଖେଳିବେ ଶ୍ରୀଲଙ୍କା ଟେଷ୍ଟ ସିରିଜ




ବେଙ୍ଗାଲୁରୁ, ୩୧।୭ (ଏଜେନ୍ସି): ଆଗାମୀ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳ ପାଇଁ ଏକ ବଡ଼ ଖୁସି ଖବର ଆସିଛି। ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ୍ ବୁମରା ଫିଟନେସ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ବୁମରା ଇଂଲଣ୍ଡ ଗସ୍ତରେ ଦିନିକିଆ ସିରିଜରେ ବୁମରା ଆଘାତ ପାଇଥିଲେ। ଏହାପରେ ସେ ପୁନର୍ବାସ ପାଇଁ ବେଙ୍ଗାଲୁରୁସ୍ଥିତ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) କୁ ଆସିଥିଲେ। ଫିଟନେସରେ ପାସ୍ ହେବାପରେ ତାଙ୍କୁ ବିସିସିଆଇର ସିଓଇ'ରୁ ଏକ ପ୍ରମାଣପତ୍ର ମିଳିଛି। ଫଳରେ ଅଗଷ୍ଟ ୧୫ରୁ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଆରମ୍ଭ ହେବାକୁ ଥିବା ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ବୁମରା ଉପଲବ୍ଧ ହୋଇଛନ୍ତି। ଏହି ସିରିଜ ପାଇଁ ୨୮ ଜୁଲାଇରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଦଳ ଘୋଷଣା କରାଯାଇଥିଲା। ଯେଉଁଥିରେ ବୁମରା ସାମିଲ ଥିଲେ। ତଥାପି, ବିସିସିଆଇ କହିଥିଲା ଯେ ବୁମରାଙ୍କ ଅଂଶଗ୍ରହଣ ତାଙ୍କ ଫିଟନେସ୍ ଉପରେ ନିର୍ଭର କରିବ। ଏବେ ବୁମରା ଫିଟନେସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ଖେଳିବା ସ୍ପଷ୍ଟ ହୋଇଛି। ବୁମରା ଶେଷ ଥର ପାଇଁ ଗତବର୍ଷ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଟେଷ୍ଟ ଖେଳିଥିଲେ।

# ବିଶ୍ୱକପ୍ ବିଜେତା ଫ୍ରାଙ୍କୋଙ୍କ ବିୟୋଗ



ରୋମ, ୩୧।୭ (ଏଜେନ୍ସି): ଫିଫା ବିଶ୍ୱକପ ବିଜେତା ଇଟାଲୀର ପୂର୍ବତନ ଫୁଟବଲ୍ ଖେଳାଳି ଫ୍ୟାଙ୍କୋ ବାରେସିଙ୍କ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ଏହି କିମ୍ବଦନ୍ତୀ ଡିଫେଣ୍ଡରଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ଗତ କିଛି ସପ୍ତାହ ଧରି ସେ ଅସୁସ୍ଥ ଥିଲେ ବୋଲି ବାରେସି ପ୍ରତିନିଧିତ୍ୱ କରୁଥିବା କ୍ଲବ ଏସି ମିଲାନ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ବାରେସି ୧୯୮୨ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେହିବର୍ଷ ଫିଫା ବିଶ୍ୱକପ୍ ଟ୍ରଫି ଜିତିଥିବା ଇଟାଲୀ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ତାଙ୍କ ନେତୃତ୍ୱରେ ଇଟାଲୀ ୧୯୯୪ ଫିଫା ବିଶ୍ୱକପ୍ ଖେଳି ରନର୍ସଅପ୍ ହୋଇଥିଲା। ଫ୍ରାଙ୍କୋ ଇଟାଲୀ ପାଇଁ ୧୨ ବର୍ଷ ଧରି ମୋଟ୍ ୮୧ଟି ମ୍ୟାଚ୍ ଖେଳିଥିଲେ। ଏହା ବ୍ୟତୀତ କ୍ଲବ ଫୁଟବଲରେ ତାଙ୍କର ଏକ ଲମ୍ବା କ୍ୟାରିଅର ଥିଲା। ଏସି ମିଲାନ ପାଇଁ ସେ ୧୯୭୭ରୁ ଦୀର୍ଘ ୧୯ ବର୍ଷ ପ୍ରତିନିଧିତ୍ୱ କରିଥିଲେ। ଏହି କ୍ଲବ ପାଇଁ ଫ୍ରାଙ୍କୋ ଦ୍ୱିତୀୟ ସର୍ବାଧିକ ୭୧୯ଟି ମ୍ୟାଚ୍ ଖେଳିଥିଲେ। କ୍ଲବ ତାଙ୍କ ସମ୍ମାନାର୍ଥେ ୬ ନମ୍ବର ଜର୍ସିକୁ ମଧ୍ୟ ଅବସର ଦେଇଥିଲା। ଏସି ମିଲାନ କ୍ଲବ ପାଇଁ ୬ଟି ସେରି ଏ ଟାଇଟଲ ଏବଂ ତିନୋଟି ୟୁରୋପୀୟ କପ୍ / ଚାମ୍ପିଅନ୍ସ ଲିଗ୍ ଜିତିଥିଲେ।

# ଟାଉନ୍ କ୍ଲବ୍ ୫-୦ରେ ବିଜୟୀ



ଫାଓ ଲିଗ୍

ଭୁବନେଶ୍ୱର, ୩୧।୭ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଫାଓ ଲିଗ୍‌ର ୨୮ତମ ଦିବସରେ ଶୁକ୍ରବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଟାଉନ କ୍ଲବ ୫-୦ ଗୋଲ୍‌ରେ ଚାଉଳିଆଗଞ୍ଜ କ୍ଲବକୁ ପରାସ୍ତ କରିଥିଲା। ଟାଉନ କ୍ଲବ ପ୍ରଥମାର୍ଦ୍ଧରେ ୨ ଓ ଦ୍ୱିତୀୟାର୍ଦ୍ଧରେ ୩ଟି ଗୋଲ୍ ଦେଇଥିଲା। ସେହିଭଳି ବିଡ଼ାନାସୀ କ୍ଲବ ଓ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଅମୀମାଂସିତ ରହିଥିଲା। ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

# ଚର୍ଚ୍ଚାରେ ବିଜୟଙ୍କ ଶେଷ ଓଭର ମେଡେନ

ପାଲେକେଲ, ୩୧।୭ (ଏଜେନ୍ସି): ଭାରତର ପୂର୍ବତନ ବ୍ୟାଟର୍ ବିଜୟ ଶଙ୍କର ଶ୍ରୀଲଙ୍କାରେ ଚାଲିଥିବା ଲଙ୍କା ପ୍ରିମିଅର ଲିଗ୍‌ରେ ଶେଷ ଓଭରରେ ମେଡେନ ଖେଳି ଚର୍ଚ୍ଚାକୁ ଆସିଛନ୍ତି। ୩୫ ବର୍ଷୀୟ ବିଜୟ କାଣ୍ଡି ରୟାଲ୍ସ ପକ୍ଷରୁ ଖେଳୁଛନ୍ତି। ଗତକାଲି ଜାଫ୍ନା କିଙ୍ଗ୍‌ସ ବିପକ୍ଷ ମ୍ୟାଚରେ କାଣ୍ଡି ରୟାଲ୍ସକୁ ଶେଷ ଓଭରରେ ବିଜୟ ଲାଗି ୨୨ ରନ ଆବଶ୍ୟକ ହେଉଥିଲା। କାଣ୍ଡି ପକ୍ଷରୁ ବିଜୟ ଶଙ୍କର ଶେଷ ଓଭରଟି ସାମ୍ନା କରିଥିଲେ। ତେବେ ଜାଫ୍ନା କିଙ୍ଗ୍‌ସ ବୋଲର ଦିଲଶାନ ମଦୁଶନକା ଏହି ଓଭରଟି ୱିକେଟ ମେଡେନ ନେଇଥିଲେ। ଫଳରେ ଜାଫ୍ନା କିଙ୍ଗ୍‌ସ ୨୧ ରନରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ବିଜୟ ୨୧ ବଲରେ ୨୫ ରନ କରି ଶେଷ ବଲରେ ଆଉଟ୍ ହୋଇଥିଲେ। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଜାଫ୍ନା କିଙ୍ଗ୍‌ସ ୨୦ ଓଭରରେ ୬ ୱିକେଟରେ ୨୨୧ ରନ କରିଥିଲା। ଜବାବରେ କାଣ୍ଡି ଦଳ ଇନିଂସର ଶେଷ ବଲରେ ୨୦୦ ରନରେ ଅଲଆଉଟ ହୋଇଥିଲା।

# 'ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି ସାରା ଦେଶ ପାଇଁ ଉଦାହରଣ'

ଭୁବନେଶ୍ୱର, ୩୧।୭ (ସମିସ)

ବିହାର ସରକାରଙ୍କ କ୍ରୀଡ଼ା ଓ ଉଦ୍ୟୋଗ ମନ୍ତ୍ରୀ ଶ୍ରେୟସୀ ସିଂହ ତାଙ୍କ ଓଡ଼ିଶା ଗସ୍ତର ଦ୍ୱିତୀୟ ଦିବସରେ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମର କ୍ରୀଡ଼ାଭିତ୍ତିଭୂମି ପରିଦର୍ଶନ କରିଛନ୍ତି। କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଥିବା ସୁଟିଂ ହାଇ-ପରଫରମାନ୍ସ ସେଣ୍ଟର (ଏଚପିସି), ଜିମ୍ନାଷ୍ଟିକ୍ସ ଏଚପିସି, ଆକ୍ୱାଟିକ୍ ସେଣ୍ଟର (ସୁଇମିଂ), ବ୍ୟାଡମିଣ୍ଟନ୍ ଏଚପିସି, ହକି ଏଚପିସି, ସ୍ପୋର୍ଟସ୍ ସାଇନ୍ସ ସେଣ୍ଟର (କ୍ରୀଡ଼ା ବିଜ୍ଞାନ କେନ୍ଦ୍ର), ଇଣ୍ଡୋର ଆଥଲେଟିକ୍ସ ସେଣ୍ଟର, ଭାରୋତ୍ତୋଳନ ଏଚପିସି, ଏଆଇଏଫ୍‌ଏଫ-ଫିଫା ଟାଲେଣ୍ଟ ଏକାଡେମୀର ପରିଦର୍ଶନ କରି ସମୀକ୍ଷା କରିଥିଲେ। ଦୁଇ ରାଜ୍ୟ ମଧ୍ୟରେ ସହଯୋଗ ପ୍ରତିବଦ୍ଧତାକୁ ଦୋହରାଇ ଶ୍ରେୟସୀ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରେୟସୀ କହିଛନ୍ତି ଯେ "ଓଡ଼ିଶାର କ୍ରୀଡ଼ା ବ୍ୟବସ୍ଥା ଏବଂ ଖେଳାଳି-କେନ୍ଦ୍ରିକ ପରିବେଶ ସାରା ଦେଶ ପାଇଁ ଏକ ଉଦାହରଣ। ଏଠାକାର କାର୍ଯ୍ୟଶୈଳୀ ଏବଂ ବିଶ୍ୱସ୍ତରୀୟ ହାଇ-ପରଫରମାନ୍ସ ସେଣ୍ଟରଗୁଡ଼ିକରୁ ମିଳିଥିବା ଅନୁଭୂତି ବିହାରର ନୂଆ କ୍ରୀଡ଼ା ପ୍ରକଳ୍ପ ଏବଂ ଭିତ୍ତିଭୂମି ଗଢ଼ିବାରେ ବହୁତ ସାହାଯ୍ୟ କରିବ।' ଉଲ୍ଲେଖଯୋଗ୍ୟ, ବିହାରରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ 'ସ୍ପୋର୍ଟ୍ସ ସିଟି' ଓ ଆଧୁନିକ କ୍ରୀଡ଼ା ଭିତ୍ତିଭୂମି ପାଇଁ ଅନୁଭୂତି ହାସଲ କରିବା ଲାଗି ମନ୍ତ୍ରୀ ଶ୍ରେୟସୀ ସିଂ ଓଡ଼ିଶା ଗସ୍ତରେ ରହିଛନ୍ତି।

# ଜାମ୍‌ସେଦପୁରର ଖେଳିବାକୁ ନେଇ ଆଶଙ୍କା


ଆଇଏସ୍‌ଏଲ୍-୧୩

ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସଏଲ)ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୪ରୁ ଆରମ୍ଭ ହେବାକୁଯାଉଛି। ତେବେ ଏଥିପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ୨୦୨୨ରେ ଲିଗ୍ ସିଲ୍ଡ ବିଜେତା ଜାମସେଦପୁର ଏଫସି ଆଗାମୀ ସିଜନରେ ଖେଳିବାର ସମ୍ଭାବନା ନାହିଁ। ରିପୋର୍ଟ ଅନୁଯାୟୀ ଜାମସେଦପୁର ଏଫ୍‌ସି କ୍ଲବ୍ ଅଂଶଗ୍ରହଣ ଫି'ର ପ୍ରଥମ କିସ୍ତି ଦେଇନାହିଁ। ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ) ପକ୍ଷରୁ ଜାମସେଦପୁର ଫି ଦେଇ ନ ଥିବା ନିଶ୍ଚିତ କରିଛି। ଫଳରେ ଆଗାମୀ ସିଜନରୁ କ୍ଲବ ଓହରିଯିବାର ସମ୍ଭାବନା ଅଛି। ଜାମସେଦପୁର ଏଫ୍‌ସି ପକ୍ଷରୁ ଏନେଇ ଆନୁଷ୍ଠାନିକ ଭାବରେ କୌଣସି ସୂଚନା ଦିଆଯାଇନାହିଁ। ରିପୋର୍ଟ ଅନୁଯାୟୀ ଆଇଏସଏଲରେ ଅଂଶଗ୍ରହଣ କରିବାକୁ ଥିବା ୧୪ଟି କ୍ଲବ୍ ମଧ୍ୟରୁ ଜାମସେଦପୁର ଏବଂ ଇଣ୍ଟର କାଶି ଧାର୍ଯ୍ୟ ସମୟ ଜୁଲାଇ ୨୦ ସୁଦ୍ଧା ୫୫ ଲକ୍ଷ ଟଙ୍କାର ପ୍ରଥମ କିସ୍ତି ଦେଇ ନଥିଲେ। ଏହାପରେ ଫି ଦେବାର ଶେଷ ତାରିଖ ଜୁଲାଇ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ସଦ୍ୟତମ ରିପୋର୍ଟ ଅନୁଯାୟୀ ଇଣ୍ଟର କାଶି କିସ୍ତିର ଏକ ପ୍ରମୁଖ ଅଂଶ ଦେଇସାରିଛି। ତେବେ ଜାମସେଦପୁର ଏପର୍ଯ୍ୟନ୍ତ ଦେୟ ଦେଇନାହିଁ।

# ୨୯ରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଆନ୍ତଃଜିଲ୍ଲା ବିଦ୍ୟାଳୟ ଜିମ୍ନାଷ୍ଟିକ୍

ଭୁବନେଶ୍ୱର,୩୧।୭ (ସମିସ): ଜାତୀୟ କ୍ରୀଡ଼ା ଦିବସ ଅବସରରେ ଭୁବନେଶ୍ୱରର ସମେଇଗଡ଼ିଆସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ୫ମ ଆମନ୍ତ୍ରିତ ଆନ୍ତଃଜିଲ୍ଲା ବିଦ୍ୟାଳୟ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ଅଗଷ୍ଟ ୨୯ରେ ଆୟୋଜିତ ହେବ। ଉଭୟ ବାଳକ ଓ ବାଳିକା ବିଭାଗ ପାଇଁ ମୋଟ ୫ଟି ବୟସ ବର୍ଗରେ ଏହା ଆୟୋଜନ କରାଯିବ। ଯେଉଁଥିରେ ୬, ୮ ଓ ୧୦ ବର୍ଷରୁ କମ୍ ବୟସ ବର୍ଗ, ଆଡ଼ଭାନ୍ସ ଲିଭେଲ ଏବଂ ଓପନ ବର୍ଗ ରହିଛି। ୬ ଓ ୮ ବର୍ଷରୁ କମ୍ ବିଭାଗରେ କେବଳ ଫ୍ଲୋର ଏକ୍ସରସାଇଜ୍, ୧୦ ବର୍ଷରୁ କମ୍ ବାଳକରେ ଫ୍ଲୋର ଏକ୍ସରସାଇଜ୍ ଓ ଭଲ୍ଟିଂ ଟେବୁଲ୍, ୧୦ ବର୍ଷରୁ କମ୍ ବାଳିକାରେ ଫ୍ଲୋର ଏକ୍ସରସାଇଜ୍ ଓ ବାଲାନ୍ସିଂ ବିମ୍, ଆଡ଼ଭାନ୍ସ ବର୍ଗ ବାଳକରେ ଫ୍ଲୋର ଏକ୍ସରସାଇଜ୍, ଭଲ୍ଟିଂ ଟେବୁଲ୍, ପୋମେଲ୍ ହୋର୍ସ ଓ ପାରାଲେଲ୍ ବାର୍ ପ୍ରତିଯୋଗିତା ଆୟୋଜନ ହେବ। ଓପନ୍ ବର୍ଗରେ କେବଳ ଫ୍ଲୋର ଏକ୍ସରସାଇଜ୍ ପ୍ରତିଯୋଗିତା ଆୟୋଜନ ହେବ। ଓଡ଼ିଶାର ସମସ୍ତ ଜିଲ୍ଲାର ବିଦ୍ୟାଳୟଗୁଡ଼ିକରୁ କ୍ରୀଡ଼ାବିତ୍‌ମାନେ ଭାଗନେବା ପାଇଁ ଏକାଡେମୀର ଅଧ୍ୟକ୍ଷା ମିରାରାଣୀ ଦାସ ନିବେଦନ କରିଛନ୍ତି। ପଞ୍ଜୀକରଣ ଓ ଅଧିକ ବିବରଣୀ ପାଇଁ ଏକାଡେମୀ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ତାଇପେଇ ଓପନ୍: ସେମିରେ ଉନ୍ନତି ଓ ତନଭୀ




ତାଇପେଇ ସିଟି, ୩୧।୭ (ଏଜେନ୍ସି): ଦୁଇକୋଟି ୨୯ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ତାଇପେଇ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଉନ୍ନତି ହୁଡା ଓ ତନଭୀ ଶର୍ମା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଉନ୍ନତି ୨୩-୨୧, ୨୧-୧୬ ସିଧାସଳଖ ଗେମରେ ନିଜ ଦେଶର ଦେବୀକା ସିହାଗଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲରେ ଉନ୍ନତିଙ୍କ ମୁକାବିଲା ଭିଏତ୍‌ନାମର ଗୁୟେନ ଥୁଏ ଲିନଙ୍କ ସହ ହେବ। ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ ତନଭୀ ୨୧-୧୫, ୧୮-୨୧, ୨୧-୧୪ ଗେମରେ ଥାଇଲାଣ୍ଡର ସୁପନିଦା କାଟେଥୋଙ୍ଗକୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଘରୋଇ ଖେଳାଳି ହୁଆଙ୍ଗ ସୁନଙ୍କ ସହ ତନଭୀଙ୍କ ସେମିଫାଇନାଲ ଲଢ଼େଇ ଅନୁଷ୍ଠିତ ହେବ। ତେବେ ପୁରୁଷ ସିଙ୍ଗଲ୍ସରେ ଭାରତକୁ ନିରାଶ ହେବାକୁ ପଡ଼ିଛି। କିରନ ଜର୍ଜ ମାତ୍ର ୩୩ ମିନିଟରେ ୧୨-୨୧, ୧୦-୨୧ ଗେମରେ ଜାପାନର ୟୁଦାଇ ଓକିମୋତୋଙ୍କ ନିକଟରୁ ହାରି ବିଦାୟ ନେଇଛନ୍ତି।

## ● ଖେଲୋ ଇଣ୍ଡିଆ ଯୋଜନା, କ୍ରୀଡ଼ା ମହାସଂଘକୁ ବିପୁଳ ଅନୁଦାନ

# ୫ ବର୍ଷ ଲାଗି ୩୬,୪୪୧ କୋଟି ଟଙ୍କାର ବ୍ୟୟବରାଦ

ନୂଆଦିଲ୍ଲୀ,୩୧।୭ (ଏଜେନ୍ସି)


ଖେଲୋ ଇଣ୍ଡିଆ ଯୋଜନା ଲାଗି ଭାରତ ସରକାର ବିପୁଳ ପରିମାଣରେ ଅର୍ଥ ବ୍ୟୟବରାଦ କରିଛନ୍ତି। ଭାରତକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଦେଶରେ ପରିଣତ କରିବା ଲାଗି ଖେଲୋ ଇଣ୍ଡିଆ ଯୋଜନାର ସମ୍ପ୍ରସାରଣ, ଅତ୍ୟାଧୁନିକ ତଥା ବିଜ୍ଞାନ ସମ୍ମତ ପ୍ରଶିକ୍ଷଣ, କ୍ରୀଡ଼ା ସଂଘ ଗୁଡିକୁ ଅଧିକ ଆର୍ଥିକ ଅନୁଦାନ, ଉଚ୍ଚ ସ୍ତରର କୋଚିଂ ଇକୋ ସିଷ୍ଟମ କରିବା ନିମନ୍ତେ କେନ୍ଦ୍ର ସରକାର ଏକ ବୃହତ ଯୋଜନା କରିଛନ୍ତି। ଏଥିଲାଗି ଆସନ୍ତା ୫ଟି ଆର୍ଥିକ ବର୍ଷ ଲାଗି ୩୬,୪୪୧ କୋଟି ଟଙ୍କାର ଅର୍ଥ ବ୍ୟୟବରାଦକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏହା ମଧ୍ୟରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ନିମନ୍ତେ କ୍ରୀଡ଼ାବିତ୍ ପ୍ରସ୍ତୁତ କରିବା ଲାଗି ମଧ୍ୟ ଆର୍ଥିକ ବ୍ୟବସ୍ଥା ରହିଛି। ଏହି ୩୬, ୪୪୧ କୋଟି ଟଙ୍କା ମଧ୍ୟରୁ ଖେଲୋ ଇଣ୍ଡିଆ ଯୋଜନା ଲାଗି ୨୯,୦୫୪ କୋଟି ଓ କ୍ରୀଡ଼ା ମହାସଂଘ ଗୁଡିକ ଲାଗି ୭, ୩୮୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ଅର୍ଥ ବିନିମୟରେ କ୍ରୀଡ଼ା ମହାସଂଘ ଗୁଡିକ କ୍ରୀଡ଼ାବିତ୍‌ଙ୍କୁ ଉନ୍ନତ ପ୍ରଶିକ୍ଷଣ, ଟ୍ରେନିଂ ଓ ଅନ୍ତର୍ଜାତୀୟ ସ୍ତରରେ ଦକ୍ଷତାର ଉନ୍ନତି ଲାଗି ବ୍ୟୟ କରିବେ। ସେହିପରି ଖେଲୋ ଇଣ୍ଡିଆ ଯୋଜନାରେ ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ କରି ଅଲିମ୍ପିକ୍ ପର୍ଯ୍ୟନ୍ତ ପ୍ରସ୍ତୁତି କରିବା ଓ ଶୀର୍ଷସ୍ତରର ଆଥଲେଟଙ୍କ ଲାଗି ସମସ୍ତ ପ୍ରକାର ଖର୍ଚ୍ଚ, ଖେଲୋ ଇଣ୍ଡିଆ ଆଥଲେଟ ଚିହ୍ନଟ କାର୍ଯ୍ୟକ୍ରମ, ଫିଡର ସ୍କୁଲ ଓ ଉତ୍କୃଷ୍ଟ ବିଦ୍ୟାଳୟ ପ୍ରତିଷ୍ଠା କରି ପ୍ରତିଭାବାନ କ୍ରୀଡ଼ାବିତ୍ ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ଏଲିଟ ଆଥଲେଟ ସୃଷ୍ଟି କରିବା ଲାଗି ଏଲିଟ କୋଚ୍ ଓ କୋଚିଂ ବ୍ୟବସ୍ଥା ପ୍ରତିଷ୍ଠା କରିବା, ସମଗ୍ର ଭାରତ ବର୍ଷରେ କୋଚିଂର ମାନ ବୃଦ୍ଧି କରିବା ଏହି ଯୋଜନାରେ ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମ ବଳରେ ଭାରତକୁ ଏକ କ୍ରୀଡ଼ା ଶକ୍ତିରେ ପରିଣତ କରାଯିବାର ଲକ୍ଷ୍ୟ ରଖାଯାଇଛି।

ଖେଳ ଓ ଖେଳାଳିଙ୍କ ଉନ୍ନତି ଲାଗି ଏହି ଯୋଜନା କରାଯାଇଛି। କିନ୍ତୁ ଗତ ୩ ବର୍ଷ ହେଲା ଶକ୍ତିବର୍ଦ୍ଧକ ଔଷଧ ସେବନରେ ଭାରତ ବିଶ୍ୱରେ ଶୀର୍ଷସ୍ଥାନ ଅଧିକାର କରିଛି। ଏହି ଧପ୍ପାବାଜିଙ୍କୁ ନିୟନ୍ତ୍ରଣ କରିବା ଲାଗି ଏହି ଯୋଜନାରେ କୌଣସି ବ୍ୟବସ୍ଥା କରାଯାଇନାହିଁ। ଯେଉଁ ରାଜ୍ୟରୁ ସର୍ବାଧିକ ଆଥଲେଟ ଆସୁଛନ୍ତି, ସେହି ରାଜ୍ୟରେ ଏବେ ସବୁଠାରୁ ଅଧିକ ନିଷିଦ୍ଧ ଡ୍ରଗ୍ସ କାରବାର ହେଉଛି। ଏମାନଙ୍କ ଲାଗି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଏହି ଯୋଜନା ଫଳପ୍ରସୁ ହେବା କଷ୍ଟକର।

## ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

# ଫାଇନାଲରେ ଦୀକ୍ଷା-ପାରୁଲ, ଚାନ୍ଦ-ଜ୍ଞାନଦତ୍ତ

ଭୁବନେଶ୍ୱର,୩୧।୭ (ସମିସ)




କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ବାଳିକା ଏକକରେ ତାମିଲନାଡୁର ଦୀକ୍ଷା ଏସ୍‌ଆର୍‌ଙ୍କ ସହ ରାଜସ୍ଥାନର ପାରୁଲ ଚୌଧୁରୀଙ୍କର ମୁକାବିଲା ହେବ। ସେହିପରି ବାଳକ ଏକକ ଫାଇନାଲରେ ଉତ୍ତରାଖଣ୍ଡର ନିଶ୍ଚଳ ଚାନ୍ଦଙ୍କ ସହ ତେଲଙ୍ଗାନାର ଟି. ଜ୍ଞାନଦତ୍ତଙ୍କ ସହ ମୁକାବିଲା କରିବେ। ସେହିପରି ସମସ୍ତ ୩ଟିଯାକ ଯୁଗଳର ଫାଇନାଲ ମୁକାବିଲା ମଧ୍ୟ ହେବ। ସୁରୁଲାଲ ମଟାରୀଙ୍କ ସଂଯୋଜନାରେ ଆଜି ତୃତୀୟସ୍ଥାନ ଲାଗି ମୁକାବିଲା ଶେଷ ହୋଇ ପୁରସ୍କାର ପ୍ରଦାନ କରାଯାଇଛି।

ଶୁକ୍ରବାର ମହିଳା ଏକକ ସେମିରେ ତାମିଲନାଡୁର ଦୀକ୍ଷା ୨-୧ରେ ଆଦର୍ଶିନୀ ଶ୍ରୀ'ଙ୍କୁ, ରାଜସ୍ଥାନର ପାରୁଲ ଚୌଧୁରୀ ୨-୧ରେ ମଧ୍ୟ କର୍ଣ୍ଣାଟକର ସାଇନା ମାନିମୁଥୁଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ବାଳକ ଏକକରେ ଉତ୍ତରାଖଣ୍ଡର ନିଶ୍ଚଳ ଚାନ୍ଦ ଓ ଜ୍ଞାନଦତ୍ତ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ମିଶ୍ରିତ ଯୁଗଳ ଫାଇନାଲରେ ଛତିଶଗଡ଼ର ଦିବ୍ୟାନାସ ଅଗରୱାଲ-ଭାମା ପ୍ରଭୁଆନନ୍ଦଙ୍କ ସହ ଦିଲ୍ଲୀ-ଉତରାଖଣ୍ଡ ଯୋଡି ଯୋଗନ୍ସ ସିଂ-ଆନ୍ୟା ବିସ୍ତଙ୍କ ଯୋଡି ସହ ମୁକାବିଲା ହେବ। ସେହିପରି ବାଳିକ ଯୁଗଳ ଫାଇନାଲରେ ଉତ୍ତରାଖଣ୍ଡର ଆନ୍ୟା ବିସ୍ତ-ଆଞ୍ଜେଲ ପୁନେରା ଯୋଡିଙ୍କ ସହ କର୍ଣ୍ଣାଟକ ଯୋଡି ଡିଆର ଅଦିତି- ପୋନ୍ନାମ୍ମା ବିଭିଙ୍କ ସହ, ବାଳକ ବିଭାଗ ଯୁଗଳ ଫାଇନାଲରେ କେରଳ-ଦିଲ୍ଲୀ ଯୋଡି ଆଥିସ ଶ୍ରୀନିବାସ-ଯୋଗନ୍ସ ସିଂଙ୍କ ସହ କର୍ଣ୍ଣାଟକର ପବନ ଏସ୍- ପୁନିତ ଏସ୍ ଯୋଡିଙ୍କର ମୁକାବିଲା ହେବ। ଶନିବାର ସମସ୍ତ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ଆୟୋଜକ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନିଳୀନ କୁମାର ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS